

ଜ୍ୟୋତ୍ସ୍ନା ଶବରଙ୍କୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

▶ପୃଷ୍ଠା ୩ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-181 ◆SATURDAY ◆27 DECEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୮୧ ◆ଶନିବାର ◆୨୭ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**୨୯ ତମ ପ୍ରତିଷ୍ଠା ଦିବସ**

# ବିଜେଡି ଅଛି; ରହିବ: ନବୀନ

## ଶହେ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସ୍ୱର ହେବ ବିଜେଡି

**ଡବଲ ଇଞ୍ଜିନ୍ ସରକାରକୁ କଟାକ୍ଷ**

- ରାଜ୍ୟରେ ଏବେ ସରକାର ଥିବା ପରି ଅନୁଭବ ହେଉ ନାହିଁ
- ଚାଷୀଙ୍କୁ ସାର ନାହିଁ, ମଣ୍ଡି ଖୋଲୁନାହିଁ, ଟୋକନ ମିଳୁନାହିଁ
- ଯୁବ ସମାଜ ହତାଶ, ମିଶନଶକ୍ତି ମା'ମାନେ ହଇରାଣ
- ଆଇନଶୃଙ୍ଖଳା ଶୋଚନୀୟ, ବୃଦ୍ଧି ପାଇଛି ମହିଳା ହିଂସା

**ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର**

- ୨୦୦୦ରୁ ୨୦୨୪ ଓଡ଼ିଶା ବିକାଶ ଇତିହାସର ସୁବର୍ଣ୍ଣଯୁଗ
- ସେବା, ସଂଗ୍ରାମ ଓ ସ୍ୱାଭିମାନ ହେଉଛି ବିଜେଡିର ମୂଳମନ୍ତ୍ର
- ଯୁବବର୍ଗମାନେ ଦଳର ସମ୍ପତ୍ତି; ଅପପ୍ରଚାରର ମୁକାବିଲା ଆହ୍ୱାନ
- ଆହ୍ୱାନକୁ ସୁଯୋଗରେ ପରିଣତ କରିବାକୁ କର୍ମୀଙ୍କୁ ପରାମର୍ଶ

■ ଭୁବନେଶ୍ୱର, ୨୬।୧୨ (ସମିସ): ସେବା, ସଂଗ୍ରାମ, ସ୍ୱାଭିମାନ ହେଉଛି ବିଜେଡିର ମୂଳମନ୍ତ୍ର। କିଛି ଲୋକ ବିଜେଡି ବିରୋଧରେ ଅପପ୍ରଚାର କରୁଛନ୍ତି, ଦଳ ଭାଙ୍ଗିଯିବ ବୋଲି ଗୁଜବ ସୃଷ୍ଟି କରାଯାଉଛି। ମାତ୍ର ବିଜେଡି ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ସହ ସହ ଜଡ଼ିତ। ଏବେ ବିଜେଡି ଅଛି, ଭବିଷ୍ୟତରେ ବି ରହିବ। ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡ଼ିଶାବାସୀଙ୍କ ସ୍ୱର ଭାବରେ କାର୍ଯ୍ୟ କରିବ ବୋଲି ଦଳର ୨୯ତମ ପ୍ରତିଷ୍ଠା ଦିବସରେ କହିଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ।

ଶଙ୍ଖଭବନରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ନବୀନ କହିଛନ୍ତି ଯେ ଗଣତନ୍ତ୍ରରେ ହାରଜିତ ରହିଛି। ମାତ୍ର ଏବେ କିଛି ଲୋକ ବିଜେଡିକୁ ନେଇ ଅପପ୍ରଚାର କରୁଛନ୍ତି; କିନ୍ତୁ ସେମାନେ ଜାଣି ରଖିବା ଉଚିତ ଯେ ବିଜୁ ଜନତା ଦଳ ଜଣେ କିମ୍ବା ଦୁଇଜଣ ନେତାଙ୍କର ନୁହେଁ। ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ଲଢ଼େଇରୁ ବିଜେଡିର ଜନ୍ମ । ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ; ଏହା ଏକ ଜନ ଆନ୍ଦୋଳନ।

ବିଜୁ ଜନତା ଦଳକୁ ଏକ ସଫଳ ଆଞ୍ଚଳିକ ଦଳ ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୧୯୯୭ ରୁ ବିଜୁ ବାବୁଙ୍କ ଆଦର୍ଶରେ ବିଜେଡି ଓଡ଼ିଶା ବାସୀଙ୍କ ସେବା କରିଚାଲିଛି। ୨୦୦୦ ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଶାସନ ଥିଲା ଓଡ଼ିଶା ବିକାଶ ଇତିହାସର ସୁବର୍ଣ୍ଣ ଯୁଗ। ଆମେ ଦାରିଦ୍ର୍ୟ, କ୍ଷୁଧା, ଶିଶୁ ମୃତ୍ୟୁ ଓ ପ୍ରାକୃତିକ ବିପତ୍ତି ସହ ଲଢ଼ିଛୁ; ସଫଳ ମଧ୍ୟ ହୋଇଛୁ। ଓଡ଼ିଶାକୁ ନୂଆ



ପରିଚୟ ଦେଇଛୁ, ମା' ମାନଙ୍କୁ ସଶକ୍ତ କରିଛୁ। ଚାଷୀଙ୍କ ରୋଜଗାର ବୃଦ୍ଧି କରିଛୁ। ବିଏସ୍‌କେୱାଇ ପରି ମାଗଣା ସ୍ୱାସ୍ଥ୍ୟ ସେବା ଦେଇଛୁ। ରାଜ୍ୟକୁ ପୁଞ୍ଜି ଆଣିଛୁ। ଯୁବ ସମାଜକୁ ନିଯୁକ୍ତି ଦେଇଛୁ। ଓଡିଶାକୁ ବିଜେଡି ସରକାର ନୂଆ ପରିଚୟ ଦେଇଛି ବୋଲି ନବୀନ କହିଛନ୍ତି।

ଏହି ଅବସରରେ ନବୀନ ବର୍ତ୍ତମାନର ବିଜେପି ସରକାରକୁ କଠୋର ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। କିନ୍ତୁ ବିକାଶ କାହିଁ କାହିଁ? ଏବେ ଚାଷୀକୁ ସାର ମିଳୁନି। ଧାନ ବିକ୍ରି ପାଇଁ ମଣ୍ଡି ଖୋଲୁନି। ମିଶନ ଶକ୍ତି ମା' ମାନେ ହଇରାଣ ହେଉଛନ୍ତି। ଯୁବ ସମାଜ ହତାଶ। ଅଠର ମାସରେ ଅଠର ଥର ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେଲାଣି। ଆଇନ ଶୃଙ୍ଖଳା କଥା ନ କହିବା ଭଲ। ମହିଳା ମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଏପରିକି ଛୋଟ ଛୋଟ ଝିଅ ମାନେ ମଧ୍ୟ ନିରାପଦ ନୁହନ୍ତି। ରାଜ୍ୟରେ ଏକ ସରକାର ଥିବା ପରି ଅନୁଭବ ହେଉ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି।

▶ପୃଷ୍ଠା-୭

# ଓଡ଼ିଶାରେ ବିଷ ବାୟୁ

## ବେଶି ଦୂର ନୁହେଁ ଦିଲ୍ଲୀ ଭଳି ଯନ୍ତ୍ରଣା

- ବାଲେଶ୍ୱରର ବାୟୁ ସବୁଠୁ ଅଧିକ ପ୍ରଦୂଷିତ
- ଅଧିକାଂଶ ସହରର ଏକ୍ୟୁଆଇ ୩୦୦ ଉପରେ
- ପ୍ରାତଃ-ସାନ୍ଧ୍ୟ ଭ୍ରମଣ ପାଇଁ ବିଶେଷଜ୍ଞଙ୍କ ବାରଣ



■ ଭୁବନେଶ୍ୱର, ୨୬।୧୨ (ସମିସ): ସୁସ୍ଥ ବାୟୁ ଓ ସବୁଜିମା ପାଇଁ ଦେଶରେ ଏକ ଉତ୍ତମ ରାଜ୍ୟ ଭାବେ ପରିଗଣିତ ହେଉଥିବା ଓଡ଼ିଶା ଏବେ ବିଷ ବଳୟ ପାଲଟିଛି। ଜଳରେ ଜହର ସାଙ୍ଗକୁ ଏବେ ପବନ ବି ବିଷ ପାଲଟିଛି। ରାଜ୍ୟରେ ବାୟୁର ମାନ ଏବେ କମିକମି ଚାଲିଛି ଓ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ଖରାପ ହେବାରେ ଲାଗିଛି। ପୂର୍ବରୁ ଅନୁଗୋଳ, ରାଉରକେଲା ଓ ତାଳଚେର ପରି ଶିଳ୍ପାଞ୍ଚଳ ପ୍ରଦୂଷିତ ସହର ମାନ୍ୟତା ପାଉଥିଲା; ମାତ୍ର ଏବେ ଉପାନ୍ତ ଓ ଉପକୂଳ ସବୁ ଅଞ୍ଚଳ ବାୟୁ ପ୍ରଦୂଷଣର ଶିକାର ହୋଇଛି। ଶୁକ୍ରବାର କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଦେଶର ଅତି ଖରାପ ସ୍ଥିତିଥିବା ଦେଶର ୧୬ ସହର ମଧ୍ୟରେ ଓଡ଼ିଶାର ୩ଟି ସହର ସାମିଲ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ବାଲେଶ୍ୱର ବର୍ତ୍ତମାନ ରାଜ୍ୟର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହେବାକୁ ବସିଛି।

▶ପୃଷ୍ଠା-୭

# ଉତ୍ତର ପ୍ରଦେଶରୁ ହଟିଲେ ୨.୮୯ କୋଟି ଭୋଟର

**ଏସ୍‌ଆଇଆର୍**

**୧୧ ରାଜ୍ୟରୁ କଟିଥିଲା ୩.୬୯ କୋଟି ନାମ**

■ ଲକ୍ଷ୍ନୌ, ୨୬।୧୨ (ଏଜେନ୍ସି): ଉତ୍ତର ପ୍ରଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଯାଇଛି। ରାଜ୍ୟରୁ ୨.୮୯ କୋଟି ଭୋଟରଙ୍କ ନାମ କାଟି ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନବଦୀପ ରିଣୱା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏସଆଇଆର ହେବା ପୂର୍ବରୁ ରାଜ୍ୟରେ ୧୫ କୋଟି ୪୪ ଲକ୍ଷ ଭୋଟର ଥିଲେ। ପ୍ରଥମ ପର୍ଯ୍ୟାୟ ଫର୍ମ ଜମା ଏବଂ ଡିଜିଟାଲାଇଜେସନ କାମ ଆଜି ସମ୍ପୂର୍ଣ୍ଣ ହୋଇଛି। ଏ ପର୍ଯ୍ୟନ୍ତ ୨.୮୯ କୋଟି ଭୋଟର କମ୍ ହେଲେଣି। ଚୂଡ଼ାନ୍ତ ଚିଠା ତାଲିକା ୩୧ ତାରିଖରେ ଜାରି କରାଯିବ।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୧.୨୬ କୋଟି ଭୋଟର ରାଜ୍ୟ ବାହାରକୁ ସ୍ଥାନାନ୍ତର ହୋଇଯାଇଛନ୍ତି। ୪୫.୯୫ ଲକ୍ଷ ଭୋଟରଙ୍କ ମୃତ୍ୟୁ

▶ପୃଷ୍ଠା-୭




# ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ନିଷିଦ୍ଧ ହେଉ: ମାଡ୍ରାସ ହାଇକୋର୍ଟ

ଚେନ୍ନଇ, ୨୬ ।୧୨(ଏଜେନ୍ସି): ମାଡ୍ରାସ ହାଇକୋର୍ଟ ଶୁକ୍ରବାର ସାମାଜିକ ଗଣମାଧ୍ୟମ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି । ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମଗୁଡିକ ନିଷିଦ୍ଧ ହେବା ଉଚିତ । ଅଷ୍ଟ୍ରେଲିଆରେ ଏହି ନିୟମ ଲାଗୁ ହୋଇଛି । ଏବେ ଭାରତରେ ଏହାକୁ ଲାଗୁ କରିବାର ଆବଶ୍ୟକତା ରହିଛି ବୋଲି କୋର୍ଟ କହିଛନ୍ତି । ଏ ସଂକ୍ରାନ୍ତରେ ଗୁରୁତର ସହ ବିଚାର କରିବା ଉଚିତ ବୋଲି କୋର୍ଟ କହିଛନ୍ତି । ମଦୁରାଇ ହାଇକୋର୍ଟର ବିଚାରପତି ଜି ଜୟଚନ୍ଦ୍ରନ ଓ କେକେ ରାମକୃଷ୍ଣନଙ୍କ ବେଞ୍ଚ୍ ନାବାଳକମାନଙ୍କ ପାଇଁ ଅନଲାଇନ୍‌ରେ ପର୍ଣ୍ଣୋଗ୍ରାଫିକ୍ ବିଷୟବସ୍ତୁ ସହଜରେ ଉପଲବ୍ଧ ହେଉଥିବା ନେଇ ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ମନ୍ତବ୍ୟ ଦେଇଛନ୍ତି । ଆବେଦନକାରୀ ଏସ ବିଜୟକୁମାରଙ୍କ ଓକିଲ କେପିଏସ୍ ପାଲନେଭେଲ ରାଜନ ଅଷ୍ଟ୍ରେଲିଆରେ ଜାରି ହୋଇଥିବା ନିୟମର ଉଦାହରଣ ଦେଇଥିଲେ । ଇଣ୍ଟରନେଟ ସେବା ପ୍ରଦାନକାରୀ (ଆଇଏସ୍‌ପି)ଙ୍କ ଉପରେ କଡ଼ା ନିୟମ ଲାଗୁ କରିବାକୁ କୋର୍ଟ ସୁପାରିସ କରିଛନ୍ତି । ପିଲାମାନଙ୍କ ଅନ୍‌ଲାଇନ କାର୍ଯ୍ୟକଳାପ ଉପରେ ଅଭିଭାବକ ତଥା ପିତାମାତାଙ୍କ ନିୟନ୍ତ୍ରଣ ରହିବା ବାଧ୍ୟତାମୂଳକ ହେବା ଉଚିତ ବୋଲି କୋର୍ଟ କହିଛନ୍ତି । ଏହି ମାମଲା ଏକ ପୁରୁଣା ଆବେଦନ ସହିତ ଜଡିତ । ଅନେକ ସମୟରେ ଛୋଟପିଲାଙ୍କୁ ଇଣ୍ଟରନେଟ୍‌ରେ ଅଶ୍ଳୀଳ କଣ୍ଟେଣ୍ଟ ସହଜରେ ମିଳିଯାଉଛି । ଏହାକୁ ରୋକିବା ପାଇଁ ଉଚିତ ବ୍ୟବସ୍ଥା ନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା ।



ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆରେ ଡିସେମ୍ବର ୯ରୁ ୧୬ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଆକାଉଣ୍ଟ ତିଆରି କରିବାକୁ ନିଷେଧ କରିଛି । ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ଏହି ନିୟମ ଲାଗୁ କରିଛି । ଏଥିପାଇଁ ଅଷ୍ଟ୍ରେଲିଆ ଗତବର୍ଷ 'ଅନ୍‌ଲାଇନ୍ ସେଫ୍ଟି ଆମେଣ୍ଡମେଣ୍ଟ ବିଲ୍' ଆଗତ କରିଥିଲା । ଏଥିରେ ୧୬ ବର୍ଷରୁ କମ୍ ପିଲା ଟିକ୍‌ଟକ, ଏକ୍ସ, ଫେସବୁକ, ଇନ୍‌ଷ୍ଟାଗ୍ରାମ, ସ୍ନାପଚାଟ, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମଗୁଡିକଠାରୁ ଦୂରେଇ ରଖିବାର ବ୍ୟବସ୍ଥା କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୯୬ ପ୍ରତିଶତ ୧୦ରୁ ୧୫ ବର୍ଷର ପିଲା ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିଛନ୍ତି । ଏ ପର୍ଯ୍ୟନ୍ତ ଭାରତରେ ସାମାଜିକ ଗଣମାଧ୍ୟମ ନେଇ କୌଣସି ଆଇନ୍ ଜାରି ହୋଇନାହିଁ ।

# ଏସ୍‌ଆଇଆର୍: ଉତ୍ତର ପ୍ରଦେଶରୁ ହଟିଲେ ୨.୮୯ କୋଟି ଭୋଟର

ଲକ୍ଷ୍ନୌ, ୨୬।୧୨ (ଏଜେନ୍ସି): ଉତ୍ତର ପ୍ରଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଯାଇଛି । ରାଜ୍ୟରୁ ୨.୮୯ କୋଟି ଭୋଟରଙ୍କ ନାମ କାଟି ଦିଆଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନବଦୀପ ରିଣୱା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏସଆଇଆର ହେବା ପୂର୍ବରୁ ରାଜ୍ୟରେ ୧୫ କୋଟି ୪୪ ଲକ୍ଷ ଭୋଟର ଥିଲେ । ପ୍ରଥମ ପର୍ଯ୍ୟାୟ ଫର୍ମ ଜମା ଏବଂ ଡିଜିଟାଲାଇଜେସନ କାମ ଆଜି ସମ୍ପୂର୍ଣ୍ଣ ହୋଇଛି । ଏ ପର୍ଯ୍ୟନ୍ତ ୨.୮୯ କୋଟି ଭୋଟର କମ୍ ହେଲେଣି । ଚୂଡ଼ାନ୍ତ ଚିଠା ତାଲିକା ୩୧ ତାରିଖରେ ଜାରି କରାଯିବ ।

● ୧୧ ରାଜ୍ୟରୁ କଟିଥିଲା ୩.୬୯ କୋଟି ନାମ

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୧.୨୬ କୋଟି ଭୋଟର ରାଜ୍ୟ ବାହାରକୁ ସ୍ଥାନାନ୍ତର ହୋଇଯାଇଛନ୍ତି । ୪୫.୯୫ ଲକ୍ଷ ଭୋଟରଙ୍କ ମୃତ୍ୟୁ ହୋଇସାରିଛି । ୨୩.୩୨ ଲକ୍ଷ ନକଲି ଭୋଟର ଜଣାପଡ଼ିଛନ୍ତି । ୮୪.୨୦ ଲକ୍ଷ ନିଖୋଜ ଅଛନ୍ତି । ୯.୩୭ ଲକ୍ଷ ଫର୍ମ ଜମା କରିନାହାନ୍ତି । ଉତ୍ତର ପ୍ରଦେଶରେ ୧୫ ଦିନ ସମୟ ବଢ଼ିବାରୁ ଭୋଟର ସଂଖ୍ୟା ପ୍ରାୟ ୨ ଲକ୍ଷ ବୃଦ୍ଧି ପାଇଛି । ଏହା ପୂର୍ବରୁ ୧୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଏସଆଇଆର ତାଲିକା ଜାରି ହୋଇସାରିଛି । ଏହି ସବୁ ରାଜ୍ୟରୁ ୩.୬୯ କୋଟି ଭୋଟରଙ୍କୁ ବାଦ ଦିଆଯାଇଛି । ଏମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ୪୨.୭୪ ଲକ୍ଷ, ଛତିଶଗଡ଼ର ୨୭.୩୪ ଲକ୍ଷ, କେରଳର ୨୪.୦୮ ଲକ୍ଷ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ୩.୧୦ ଲକ୍ଷ, ପଶ୍ଚିମବଙ୍ଗରୁ ୫୮.୨୦ ଲକ୍ଷ, ରାଜସ୍ଥାନରୁ ୪୧.୮୫ ଲକ୍ଷ, ଗୋଆରୁ ୧୧.୮୫ ଲକ୍ଷ, ପୁଡୁଚେରିରୁ ୧.୦୩ ଲକ୍ଷ, ଲାକ୍ଷାଦ୍ୱୀପରୁ ୧୬୧୬, ତାମିଲନାଡୁରୁ ୯୭ ଲକ୍ଷ ଏବଂ ଗୁଜରାଟରୁ ୭୩ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଥିଲା ।

# ଆସାମରେ ଥମୁନି ହିଂସା

## କାର୍ବି ଆଙ୍ଗଲଙ୍ଗରେ ହିଂସା ଜାରି; ୧୧ ହଜାର ଲୋକ ଗୃହବନ୍ଦୀ

ୱେଷ୍ଟ କାର୍ବି ଆଙ୍ଗଲଙ୍ଗ, ୨୬ ।୧୨(ଏଜେନ୍ସି): ଆସାମର ୧୨ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ସ୍ୱୟଂଶାସିତ କାର୍ବି ଆଙ୍ଗଲଙ୍ଗ ଜିଲ୍ଲାରେ ଏବେ ଲୋକଙ୍କ ମନ ଓ ହୃଦୟକୁ ଭୟ କବଳିତ କରିଛି । ସମସ୍ତଙ୍କ ମନରେ ହିଂସା ଓ ଆତଙ୍କର ଭୟ ରହିଛି । ଲୋକଙ୍କ ଘରେ ରୋଷେଇ ବନ୍ଦ ରହିଛି । ବଜାର ସହ ଇଣ୍ଟରନେଟ ସେବା ମଧ୍ୟ ବନ୍ଦ ରହିଛି । ୧୧, ୦୦୦ ଲୋକ ଘରେ ବନ୍ଦୀ ହୋଇ ରହିଛନ୍ତି । ଗତ ଡିସେମ୍ବର ୨୨-୨୩ରେ ସ୍ଥାନୀୟ କାର୍ବି ଆଦିବାସୀ ଓ ବାହାରୁ ଆସି ବସବାସ କରୁଥିବା ଲୋକଙ୍କ ମଧ୍ୟରେ ହିଂସା ଓ ସଂଘର୍ଷ ସୃଷ୍ଟି ହୋଇଥିଲା । ଏଥିରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରେ ୬୦ ପୁଲିସ କର୍ମଚାରୀ ସାମିଲ ଥିଲେ । ଭିନ୍ନକ୍ଷମ ବ୍ୟକ୍ତି ସୁରଜ ଦେଙ୍କୁ ଭିଡ଼ି ଜିଅନ୍ତା ଜାଳି ଦେଇଥିଲେ ।

ଜିଲ୍ଲାରେ ସଂଘର୍ଷ କେନ୍ଦ୍ରୀଭୂତ ହୋଇଥିବା ୧୨ଟି ଗାଁରେ ଭୟର ବାତାବରଣ ଜାରି ରହିଛି । ଏହି ଗାଁଗୁଡିକରେ ଆସାମ ପୁଲିସ, ରାପିଡ ଆକ୍ସନ ଫୋର୍ସ (ଆରଏଏଫ୍), ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ୍) ଓ ଭାରତୀୟ ସେନାର ଯବାନମାନଙ୍କୁ ମୁତୟନ କରାଯାଇଛି । କାର୍ବି ଆଦିବାସୀ ସଂଗଠନଗୁଡିକ ଦାବି କରିଛନ୍ତି ଯେ, ତାଙ୍କର ଜନସଂଖ୍ୟା କମିବାର ଲାଗିଛି ଓ ଏବେ ଏହା ୩୫ ପ୍ରତିଶତରେ ପହଞ୍ଚିଛି । ବାକି ୬୫ ପ୍ରତିଶତ ଜନସଂଖ୍ୟା ବାହାରର ବୋଲି ସେମାନେ ଦାବି କରିଛନ୍ତି । ଏହି ଲୋକମାନେ ନେପାଳ, ଉତ୍ତରପ୍ରଦେଶ ଓ ବିହାରର ହିନ୍ଦୀ ଭାଷା କହୁଛନ୍ତି । ଯେଉଁ ଗାଁରେ ବିବାଦ ହୋଇଛି ସେ ଗାଁର ଲୋକସଂଖ୍ୟା ୧୧ ହଜାର । ଉଲ୍ଲେଖଥାଉ କି, କାର୍ବି ଆଙ୍ଗଲଙ୍ଗ ଭାରତୀୟ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନୁସାରେ ଗଠିତ ଏକ ସ୍ୱାୟତଶାସନ ଅଞ୍ଚଳ । ଏଠାକାର ଜମି କାର୍ବି ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି । ୧୯୭୧ରେ କାର୍ବି ଲୋକଙ୍କ ଜନସଂଖ୍ୟା ୬୫ ପ୍ରତିଶତ ଥିଲା । କନ୍ତୁ ୨୦୧୧ରେ ଏହା କମିବା ସହ ୫୬.୩ ପ୍ରତିଶତରେ ପହଞ୍ଚିଛି । ଖେରାନୀ ଭଳି ବଜାରରେ ବ୍ୟବସାୟ ଓ ବସତି ଏବେ ମୁଖ୍ୟତଃ ହିନ୍ଦୀ ଭାଷାଭାଷୀ ଲୋକଙ୍କ ନିୟନ୍ତ୍ରଣରେ ରହିଛି । ପଶ୍ଚିମ କାର୍ବି ଆଙ୍ଗଲଙ୍ଗ ଜିଲ୍ଲାର ଆଦିବାସୀ ଅଞ୍ଚଳରେ ଗାଁ, ଗୋଚର ଓ ବୃତ୍ତିଗତ ଚରିବା ସଂରକ୍ଷଣ ଜମିରେ ହିନ୍ଦୀ ଭାଷାଭାଷୀ ଲୋକଙ୍କ ଜବରଦଖଲ ଅଭିଯୋଗକୁ ନେଇ କାର୍ବି ଓ ବିହାରୀ ସମ୍ପ୍ରଦାୟ ମଧ୍ୟରେ ବିବାଦ ରହିଛି । ଜିଲ୍ଲାର ୭, ୧୮୪ ବିଘାରୁ ଅଧିକ ସଂରକ୍ଷିତ ଜମି ବାହାର ଲୋକଙ୍କ କବ୍‌ଜାରେ ରହିଛି । ଏହାକୁ ନେଇ ସଂଘର୍ଷ ଆରମ୍ଭ ହୋଇଥିଲା । ଏବେ ଏହା ବିସ୍ଫୋରଣ ରୂପ ନେଇଛି । ଆଇନଶୃଙ୍ଖଳା ନିୟନ୍ତ୍ରଣକୁ ଆଣିବାକୁ ରାଜ୍ୟ ସରକାର କଡ଼ା ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି ।



# ବାଂଲାଦେଶ ହିଂସା: ଉଦ୍‌ବେଗ ଜଣାଇଲା ଭାରତ

ଢାକା, ୨୬।୧୨ (ଏଜେନ୍ସି): ସାଧାରଣ ନିର୍ବାଚନ ଘୁଞ୍ଚାଇବାକୁ ବାଂଲାଦେଶରେ ସରକାରୀ ଷଡ଼ଯନ୍ତ୍ରର ହିଂସା ଜାରି ରହିଥିବାବେଳେ ପୁଣିଥରେ ଭାରତ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ଇନ୍‌କିଲାବ ମଞ୍ଚର ନେତା ସରିଫ ଉସମାନ ହାଦିଙ୍କ ହତ୍ୟାକୁ ବିରୋଧ ଏବଂ ନ୍ୟାୟ ଦାବିରେ ଢାକାର ସାହବାଗ ଅଞ୍ଚଳରେ ବିକ୍ଷୋଭ କରାଯାଇଛି । ଏହି ସମୟରେ ଭାରତ ବିରୋଧୀ ସ୍ଲୋଗାନ ଦିଆଯାଇଛି । ଜୁମାର ନମାଜ ପରେ ଢାକା ୟୁନିଭର୍ସିଟିରେ ପ୍ରସେସନ ବାହାର କରାଯାଇଥିଲା । ଏହା ଶାହବାଗ ପହଞ୍ଚିବା ପରେ ଧାରଣା ପ୍ରଦର୍ଶନରେ ବଦଳି ଯାଇଥିଲା । 'ମୁଁ ହାଦି' ସ୍ଲୋଗାନ ଦିଆଯାଇଥିଲା । ବିକ୍ଷୋଭକାରୀ ରାସ୍ତା ଜାମ କରି ଯାତାୟତକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ । ଇନ୍‌କିଲାବ ମଞ୍ଚ ପକ୍ଷରୁ କୁହାଯାଇଛି ଯେ ହାଦିଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ସୂଚନାଯୋଗ୍ୟ ଯେ ଗତ ବର୍ଷ ଜୁଲାଇରେ ଏହି ୟୁନିଭର୍ସିଟିରୁ ଆନ୍ଦୋଳନର ରଣନୀତି ପ୍ରସ୍ତୁତ କରାଯାଇଥିଲା ।

■ ହିନ୍ଦୁଙ୍କ ଉପରେ ଆକ୍ରମଣ ଚିନ୍ତାର ବିଷୟ
■ ଦୀପୁ ଦାସ ହତ୍ୟା ମାମଲାରେ ଆଉ ୬ ଗିରଫ
■ ଢାକାରେ ହିନ୍ଦୁ ସଂଗଠନର ବିକ୍ଷୋଭ ପ୍ରଦର୍ଶନ




ଅନ୍ୟପକ୍ଷରେ ବାଂଲାଦେଶରେ ଜାରି ହିଂସା ଏବଂ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣକୁ ନେଇ ଭାରତ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି । ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଛନ୍ତି ଯେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କ ନିର୍ମମ ହତ୍ୟାକୁ ଅଣଦେଖା କରିହେବ ନାହିଁ । ହିନ୍ଦୁ ଯୁବକଙ୍କ ହତ୍ୟାକୁ ଭାରତ ନିନ୍ଦା କରୁଛି । ଅପରାଧୀଙ୍କୁ ଶୀଘ୍ର ଦଣ୍ଡ ମିଳିବ ବୋଲି ଆଶା । ସେହିପରି ବାଂଲାଦେଶରେ ପ୍ରଚାରପ୍ରସାର କରାଯାଉଥିବା ଭାରତ ବିରୋଧୀ ମିଛକୁ ଜୟସ୍ୱାଲ ଖାରଜ କରିଦେଇଛନ୍ତି । ଆଇନ ବ୍ୟବସ୍ଥା ଏବଂ ସୁରକ୍ଷା ବଜାୟ ରଖିବା ବାଂଲାଦେଶର କାମଚଳା ସରକାରଙ୍କ ଦାୟିତ୍ୱ । ଏହି ସରକାର ସମୟରେ ସଂଖ୍ୟାଲଘୁଙ୍କ ବିରୋଧରେ ୨୯୦୦ରୁ ଅଧିକ ହିଂସା ଘଟଣା ରୁଜୁ କରାଯାଇଛି । ଏ ସବୁକୁ ରାଜନୈତିକ ହିଂସା କହି ଖାରଜ କରାଯାଇପାରିବ ନାହିଁ । ବାଂଲାଦେଶ ଲୋକଙ୍କ ସହ ସମ୍ବନ୍ଧ ମଜବୁତ କରିବାକୁ ଭାରତ ପ୍ରତିବଦ୍ଧ । ଏହି ଦେଶରେ ନିରପେକ୍ଷ ଏବଂ ସ୍ୱାଧୀନ ନିର୍ବାଚନ ପାଇଁ ଆମେ ଦାବି କରି ଆସୁଛୁ । ବାଂଲାଦେଶ ସ୍ଥିତି ଉପରେ ବିଦେଶ ମନ୍ତ୍ରାଳୟ ତୀକ୍ଷଣ ନଜର ରଖିଛି । ସେଠାକାର ଅଧିକାରୀ ନିକଟରେ ଏହି ପ୍ରସଙ୍ଗ ଉଠାଯାଉଛି ।

ଏହା ମଧ୍ୟରେ ବାଂଲାଦେଶରେ ଦୀପୁଙ୍କୁ ପିଟି ପିଟି ଜିଅନ୍ତା ଜାଳିଦେବା ମାମଲାରେ ପୁଲିସ ଆଉ ୬ ଜଣଙ୍କୁ ଗିରଫ କରିଛି । ମୟମନସିଂହ ଜିଲ୍ଲା ଭାଲୁକା ଅଞ୍ଚଳରେ ଚଢ଼ଉ ସମୟରେ ସେମାନଙ୍କୁ ଧରା ଯାଇଥିଲା । ଏହି ମାନେ ଦୀପୁଙ୍କୁ ଚାକିରି ଛାଡ଼ିବା ପାଇଁ ବାଧ୍ୟ କରୁଥିଲେ । ଏ ପର୍ଯ୍ୟନ୍ତ ଏହି ହତ୍ୟାକାଣ୍ଡରେ ୧୮ ଜଣଙ୍କୁ ଗିରଫ କରାଗଲାଣି । ଦୀପୁଙ୍କ ହତ୍ୟାକୁ ବିରୋଧ କରି ହିନ୍ଦୁ ସଂଗଠନ 'ନ୍ୟାସନାଲ ହିନ୍ଦୁ ମହାଜୋତ' ଢାକାର ନ୍ୟାସନାଲ ପ୍ରେସ କ୍ଲବ ବାହାରେ ବିକ୍ଷୋଭ କରିଛି । ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରାଯାଇଛି ।

# କେରଳରେ ପ୍ରଥମଥର ପାଇଁ ବିଜେପି ମେୟର

ତିରୁଅନନ୍ତପୁରମ, ୨୬ ।୧୨(ଏଜେନ୍ସି): କେରଳରେ ପ୍ରଥମଥର ପାଇଁ ଜଣେ ବିଜେପି ସଦସ୍ୟ ମେୟର ନିର୍ବାଚିତ ହୋଇଛନ୍ତି । ଶୁକ୍ରବାର ଅନୁଷ୍ଠିତ ତିରୁଅନନ୍ତପୁରମ ନଗର ନିଗମ ନିର୍ବାଚନରେ ବିଜେପିର ୫୦ ବର୍ଷୀୟ ଆଇନଜୀବୀ ଭିଭି ରାଜେଶ ଜଣେ ସ୍ୱାଧୀନ କାଉନସିଲରଙ୍କ ସମର୍ଥନ ସହ ମୋଟ୍ ୫୧ଟି ଭୋଟ ହାସଲ କରି ବାଜି ମାରିଛନ୍ତି । ଏଥିସହ କେରଳ ରାଜନୀତି ଏକ ନୂଆ ମୋଡ଼ରେ ପହଞ୍ଚିଛି ବୋଲି ଚର୍ଚ୍ଚା ହେଉଛି । ବାମ ଗଣତାନ୍ତ୍ରିକ ମୋର୍ଚ୍ଚା (ଏଲ୍‌ଡିଏଫ୍) ପ୍ରାର୍ଥୀ ୨୯ଟି ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ । ସେହିପରି ୟୁଡିଏଫ୍ ପ୍ରାର୍ଥୀ କେଏସ୍ ସାବରୀନାଥନ ୧୯ ଭୋଟ ପାଇଥିଲେ । ଏଥିରୁ ଦୁଇଟି ଭୋଟ ନାକଚ୍ ହୋଇଥିଲା । ବିଜେପି ୬ଟି ନଗର ନିଗମ ନିର୍ବାଚନରୁ ମାତ୍ର ଗୋଟିଏରେ ବିଜୟ ହାସଲ କରିବାକୁ ସକ୍ଷମ ହୋଇଛି । ଏହା ସତ୍ତ୍ୱେ ବିଜେପି ପାଇଁ ଏହାକୁ ଏକ ବଡ଼ ସଫଳତା ବିବେଚନା କରାଯାଉଛି । ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ତିରୁଅନନ୍ତପୁରମ ମେୟର ପଦବୀ ପାଇଁ ପୂର୍ବତନ ଆଇପିଏସ୍ ଅଧିକାରୀ ଆର ଶ୍ରୀଲେଖା ଦୌଡ଼ରେ ସର୍ବାଗ୍ରେ ଥିଲେ । କିନ୍ତୁ ଦଳ ଭିଭି ରାଜେଶଙ୍କୁ ହିଁ ମେୟର ପଦ ପାଇଁ ଚୂଡ଼ାନ୍ତ କରିଥିଲା ।

■ ତିରୁଅନନ୍ତପୁରମରେ ବିବି ରାଜେଶ ନିର୍ବାଚିତ
■ ୪ ଦଶନ୍ଧି ଧରି ବାମମେଣ୍ଟ କ୍ଷମତାରେ ଥିଲା



ଡିସେମ୍ବର ୨ରେ ତିରୁଅନନ୍ତପୁରମ ନଗର ନିଗମ ନିର୍ବାଚନର ୧୦୧ଟି ୱାର୍ଡର ଫଳାଫଳ ଘୋଷଣା କରାଯାଇଥିଲା । ଏଥିରେ ବିଜେପି ୫୦, ଏଲ୍‌ଡିଏଫ୍ ୨୯ ଓ ୟୁଡିଏଫ୍ ୧୯ଟି ଆସନରେ ବିଜୟୀ ହୋଇଥିଲା । ଏଠାରେ ଏଲ୍‌ଡିଏଫ୍ ଗତ ୪୫ ବର୍ଷ ଧରି କ୍ଷମତାରେ ରହିଆସୁଥିଲା । ତିରୁଅନନ୍ତପୁରମ କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁରଙ୍କ ଗଡ଼ ଭାବେ ବିବେଚନା କରାଯାଏ । ଉଲ୍ଲେଖଥାଉ କି, କେରଳର ୧, ୧୯୯ଟି ସ୍ଥାନୀୟ ସଂସ୍ଥା ପାଇଁ ନିର୍ବାଚନ ଡିସେମ୍ବର ୯ ଓ ୧୧ରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୬ଟି ନିଗମ, ୮୬ଟି ପୌରପାଳିକା, ୧୪ଟି ଜିଲ୍ଲା ପରିଷଦ ଓ ୯୪୧ଟି ଗ୍ରାମପଞ୍ଚାୟତ ସାମିଲ ଥିଲା ।

# ପାକିସ୍ତାନର ପରମାଣୁ ଅସ୍ତ୍ର ବିଶ୍ୱ ପାଇଁ ବିପଦ

ନୂଆଦିଲ୍ଲୀ, ୨୬ ।୧୨(ଏଜେନ୍ସି): ପାକିସ୍ତାନର ପରମାଣୁ ଅସ୍ତ୍ର ସାରା ବିଶ୍ୱପ୍ରତି ବିପଦ ସୃଷ୍ଟି କରିଛି । ଏନେଇ ବିଶ୍ୱ ନେତୃତ୍ୱରେ ବାରମ୍ବାର ପରୋକ୍ଷରେ ଚର୍ଚ୍ଚା ଓ ଆଲୋଚନା ହୋଇ ଆସୁଛି । କିନ୍ତୁ ୨୪ ବର୍ଷ ତଳେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏ ନେଇ ଚିନ୍ତା ପ୍ରକଟ କରିଥିବା କଥା ଏବେ ସାମ୍ନାକୁ ଆସିଛି । ୨୦୦୧ରୁ ୨୦୦୮ ମଧ୍ୟରେ ଦୁଇ ଦେଶ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଦଲିଲରୁ ଏହି ସୂଚନା ମିଳିଛି । ସୂଚନା ସ୍ୱାଧୀନତା ଆଇନ୍ ଅଧୀନରେ ଆମେରିକୀୟ ଜାତୀୟ ସୁରକ୍ଷା ଅଭିଲେଖାଗାର ଦ୍ୱାରା ଏହି ଦଲିଲଗୁଡିକ ପ୍ରକାଶିତ ହେବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି । ପରମାଣୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଏକ ଅଗଣତାନ୍ତ୍ରିକ ଦେଶର ଅସ୍ତିତ୍ୱ ବିଶ୍ୱ ସୁରକ୍ଷା ପାଇଁ ବିପଦ ସୃଷ୍ଟିକରିପାରେ ବୋଲି ସେତେବେଳେ ପୁଟିନ ହୃଦୟଙ୍ଗମ କରିଥିଲେ ।



୨୪ ବର୍ଷ ତଳେ ବୁଶ୍‌ଙ୍କୁ ଚେତାବନୀ ଦେଇଥିଲେ ପୁଟିନ

ପୁଟିନ ୨୦୦୧ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶଙ୍କୁ ନିଜର ପ୍ରଥମ ସାକ୍ଷାତରେ ପାକିସ୍ତାନକୁ ନେଇ ନିଜର ଚିନ୍ତା ପ୍ରକଟ କରିଥିଲେ । ପାକିସ୍ତାନର ପରମାଣୁ ଅସ୍ତ୍ର ବିପଦ ସୃଷ୍ଟି କରିଛି ବୋଲି ସେ ବୁଶ୍‌ଙ୍କୁ କହିଥିଲେ । ପ୍ରକୃତରେ ପାକିସ୍ତାନ ଏକ ଗଣତନ୍ତ୍ର ରାଷ୍ଟ୍ରନୁହେଁ । ଏଠାରେ ସେନାର ଶାସନ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବେ ଚାଲିଛି । କିନ୍ତୁ ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରହିଛି । ଏହା ସତ୍ତ୍ୱେ ବି ପାଶ୍ଚାତ୍ୟ ଦେଶଗୁଡିକ ପାକିସ୍ତାନକୁ ସମାଲୋଚନା କରୁନାହାନ୍ତି ଓ ପରୋକ୍ଷରେ ସମର୍ଥନ କରୁଛନ୍ତି । ତେଣୁ ଏ ନେଇ ଚିନ୍ତା ସୃଷ୍ଟି ହୋଇଛି । ଏନେଇ ଖୋଲାଖୋଲି ଭାବେ ଚର୍ଚ୍ଚା ହେବାର ଆବଶ୍ୟକତା ରହିଛି । ଦୁଇ ନେତା ପାକିସ୍ତାନର ଅଭ୍ୟନ୍ତରୀଣ ପରିସ୍ଥିତି, ରାଜନୈତିକ ଅସ୍ଥିରତା ଓ ପରମାଣୁ କମାଣ୍ଡ ବିଷୟରେ ଚିନ୍ତିତ ଥିଲେ । ସେମାନେ ଭୟ କରୁଥିଲେ ଯେ, ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ପରମାଣୁ ପ୍ରଯୁକ୍ତି ବିଦ୍ୟା ଭୁଲ ହାତରେ ପଡ଼ିପାରେ । ଏନେଇ ହୋଇଥିବା ଆଲୋଚନାରେ ପାକିସ୍ତାନର ଅବଦୁଲ କାଦିର ଖାନ୍ ନେଟୱର୍କ, ଇରାନ ଓ ଉତ୍ତରକୋରିଆ ପର୍ଯ୍ୟନ୍ତ ପରମାଣୁ ପଯୁକ୍ତିବିଦ୍ୟା ପହଞ୍ଚିବାର ବିପଦ ଓ ପାକିସ୍ତାନ ପରମାଣୁ ସୁରକ୍ଷା ବ୍ୟବସ୍ଥା ବିଷୟରେ ଚିନ୍ତା ପ୍ରକଟ କରାଯାଇଥିଲା । ଦୁଇ ନେତା ପାକିସ୍ତାନର ପରମାଣୁ ନୀତି ଓ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ବିଶ୍ୱାସ କରି ନଥିଲେ । ପୁଟିନଙ୍କ ଏହି ଚିନ୍ତାକୁ ମଧ୍ୟ ବୁଶ୍ ବୁଝିବା ସହ ହୃଦୟଙ୍ଗମ କରିଥିଲେ ବୋଲି ଦଲିଲ୍‌ରେ ଉଲ୍ଲେଖ କରାଯାଇଛି ।

# ଦିଲ୍ଲୀ ହାଇକୋର୍ଟ ବାହାରେ ବିକ୍ଷୋଭ

ନୂଆଦିଲ୍ଲୀ, ୨୬। ୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ଉନ୍ନାଓ ଦୁଷ୍କର୍ମ ମାମଲା ।।ରେ ଆଜୀବନ କାରାଦଣ୍ଡ ପାଇଥିବା ପୂର୍ବତନ ବିଜେପି ବିଧାୟକ କୁଲଦୀପ ସେଙ୍ଗରଙ୍କ ଜାମିନକୁ ଜୋରଦାର ବିରୋଧ କରାଯାଉଛି । ପୀଡ଼ିତା ଏବଂ ତାଙ୍କ ପରିବାର ପ୍ରତି ପୁଲିସ କରିଥିବା ଅତ୍ୟାଚାରକୁ ନିନ୍ଦା କରାଯାଉଛି । ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ବାହାରେ ସାମାଜିକ କର୍ମୀ ଏବଂ ପୀଡ଼ିତାଙ୍କ ମାଆ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଦୁଷ୍କର୍ମକାରୀଙ୍କୁ ସୁରକ୍ଷା ଦେବା ବନ୍ଦ କର ବୋଲି ସ୍ଲୋଗାନ ଦେଇଛନ୍ତି । ପୀଡିତାଙ୍କ ଓକିଲ ଯୋଗିତା ଭୟାନୀଙ୍କ ନେତୃତ୍ୱରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଆସୋସିଏସନର ସାମାଜିକ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ । ସିବିଆଇ ମଧ୍ୟ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ସୁପ୍ରିମକୋର୍ଟରେ ଶୁକ୍ରବାର ସ୍ପେସିଆଲ ଲିଭ ପିଟିସନ (ଏସଏଲପି) ଦାଏର କରିଥିବା ଜଣାପଡ଼ିଛି ।

କୁଲଦୀପଙ୍କ ଜାମିନକୁ ବିରୋଧ




# କାନାଡ଼ା ବିଶ୍ୱବିଦ୍ୟାଳୟରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

ଟରୋଣ୍ଟୋ, ୨୬ ।୧୨(ଏଜେନ୍ସି): କାନାଡ଼ା ଟରଣ୍ଟୋ ବିଶ୍ୱବିଦ୍ୟାଳୟରେ ଜଣେ ୨୦ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଛାତ୍ର ଶିବାଙ୍କ ଅବସ୍ଥିଙ୍କୁ ଗୁଳିକରି ହତ୍ୟା କରାଯାଇଛି । ଟରଣ୍ଟୋରେ ଏହା ଚଳିତ ବର୍ଷର ୪୧ତମ ହତ୍ୟା । କ୍ୟାମ୍ପସ ନିକଟରେ ଏହି ହତ୍ୟାକାଣ୍ଡ ଘଟିଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ସୁରକ୍ଷା ନେଇ ଆଲର୍ଟ ଜାରି କରାଯାଇଛି । ପୁଲିସ କହିବା ଅନୁସାରେ, ଡିସେମ୍ବର ୨୩ରେ ଦ୍ୱିପହରରେ ହତ୍ୟା ନେଇ ସୂଚନା ମିଳିଥିଲା । ପୁଲିସ ଘଟଣାସ୍ଥଳରେ ହିଁ ଶିବାଙ୍କଙ୍କୁ ଗୁଳି ଲାଗିଥିବା ଅବସ୍ଥାରେ ପାଇଥିଲେ ଓ ତାଙ୍କୁ ମୃତ ବୋଲି ଘୋଷିତ କରିଥିଲା । ପୁଲିସ ଆସିବା ପୂର୍ବରୁ ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେବାକୁ ପୁଲିସ ଲୋକଙ୍କୁ ନିବେଦନ କରିଛି । ଏଥିସହ ଟରଣ୍ଟୋରେ ଗତ ୩ ଦିନ ମଧ୍ୟରେ ଦୁଇଜଣ ଭାରତୀୟଙ୍କ ହତ୍ୟା କରାଯାଇଛି । ଏହାପୂର୍ବରୁ ଡିସେମ୍ବର ୨୦ରେ ଜଣେ ଭାରତୀୟ ବଂଶୋଦ୍ଭବ ମହିଳା ହିମାଂଶୀ ଖୁରାନାଙ୍କୁ ହତ୍ୟା କରାଯାଇଥିଲା । ତାଙ୍କସହ ରହୁଥିବା ପାର୍ଟନର ହିଁ ଏହି ହତ୍ୟାକାଣ୍ଡ ଘଟାଇଥିଲେ ବୋଲି କୁହାଯାଇଥିଲା । ଏହି ଘଟଣାରେ ଟରଣ୍ଟୋରେ ଭାରତୀୟ ଦୂତାବାସ ଶୋକ ପ୍ରକାଶ କରିଛି ଓ ଶିବାଙ୍କ ପରିବାର ସହ ଯୋଗାଯୋଗ ରକ୍ଷା କରାଯାଇଛି ବୋଲି କହିଛି । ସ୍ଥାନୀୟ ଅଧିକାରୀଙ୍କ ସହ କାର୍ଯ୍ୟକରି ଦୂତାବାସ ସବୁ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି । ଦୂତାବାସ ଶିବାଙ୍କଙ୍କୁ ଜଣେ ଡକ୍ଟରେଟ ଛାତ୍ର ବୋଲି କହିଛି । ଯଦିଓ କିଛି ରିପୋର୍ଟ ତାଙ୍କୁ ଜଣେ ଜୀବ ବିଜ୍ଞାନ ଛାତ୍ର ବୋଲି କହିଛି ।

୩ ଦିନରେ ୨ ଭାରତୀୟଙ୍କୁ ହତ୍ୟା

ସୂଚନାଯୋଗ୍ୟ ଯେ, ଗତ କିଛିଦିନ ହେବା କାନାଡ଼ା ସମେତ ବିଭିନ୍ନ ଦେଶରେ ଭାରତୀୟମାନଙ୍କୁ ଟାର୍ଗେଟ କରାଯାଉଛି ଓ ହତ୍ୟା କରାଯିବାର ଖବର ମିଳୁଛି । ଖାସ୍ କରି କାନାଡାରେ ଭାରତୀୟଙ୍କ ବିରୋଧରେ ହେଟ୍ କ୍ରାଇମ୍ ବା ଘୃଣା ହତ୍ୟା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଇଛି । ୨୦୧୯ରୁ ୨୦୨୩ ମଧ୍ୟରେ ଏହା ୨୦୦ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ୨୦୨୪ରୁ ୨୦୨୫ ମଧ୍ୟରେ ଏହା ୧୩୫୦ ପ୍ରତିଶତ ବୃଦ୍ଧି ପାଇଛି ।

# ମାଟିରେ ମିଶିଲା ଆଫଗାନିସ୍ତାନର ଐତିହାସିକ ସିନେମାହଲ୍: ନିର୍ମାଣ ହେବ ସପିଙ୍ଗ ସେଣ୍ଟର

କାବୁଲ୍, ୨୬ ।୧୨(ଏଜେନ୍ସି): ଆଫଗାନିସ୍ତାନ ରାଜଧାନୀ କାବୁଲର ଐତିହାସିକ ଏରିଆନା ପ୍ରେକ୍ଷାଳୟ ଅର୍ଥାତ ସିନେମାହଲ୍‌କୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି । ୧୯୬୩ରେ ନିର୍ମିତ ହୋଇଥିବା ଏହି ସିନେମା ଟକିଜକୁ ଡିସେମ୍ବର ୧୬ରେ ଭଙ୍ଗାଯିବାର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ମାତ୍ର ଗୋଟିଏ ସପ୍ତାହ ମଧ୍ୟ ଏହାକୁ ମାଟିରେ ମିଶାଇ ଦିଆଯାଇଛି । ଏବେ ଏହି ସ୍ଥାନରେ ଏକ ସପିଂ ସେଣ୍ଟର ନିର୍ମାଣ କରାଯିବ ବୋଲି କୁହାଯାଇଛି । ଦୀର୍ଘ ଦଶନ୍ଧି ଧରି ଏରିଆନା ସିନେମା ହଲ୍ କାବୁଲର ଲୋକଙ୍କ ପାଇଁ ମନୋରଞ୍ଜନର କେନ୍ଦ୍ର ସାଜିଥିଲା । ଏଠାରେ ବଲିଉଡ, ହଲିଉଡ଼ର ଆକ୍ସନ ସିନେମା ଓ ପରେ ଆଫଗାନ୍ ସିନେମା ପ୍ରଦର୍ଶିତ କରାଯାଉଥିଲା । କିନ୍ତୁ ୨୦୨୧ରେ ତାଲିବାନ ଶାସନକୁ ଆସିବା ପରେ ସିନେମା ଓ ସଙ୍ଗୀତ ସହିତ ଅଧିକାଂଶ ମନୋରଞ୍ଜନ କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧ ଲଗାଯାଇଥିଲା । ସବୁ ସିନେମାହଲ୍‌କୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଚଳିତ ବର୍ଷ ମେ'ରେ ଆଫଗାନ ଚଳଚ୍ଚିତ୍ର ପ୍ରଶାସନକୁ ମଧ୍ୟ ଭାଙ୍ଗିଦିଆ ଯାଇଥିଲା । ଏହା ପରେ ଏରିଆନ ସିନେମା ହଲ୍ ଦୀର୍ଘ ସମୟ ପାଇଁ ବନ୍ଦ ରହିଥିଲା । ଏ ନେଇ କାବୁଲ ନଗର ପ୍ରଶାସନ ସଫେଇ ଦେଇ କହିଛି ଯେ, ସିନେମା ହଲ ଯେଉଁ ସ୍ଥାନ ଉପରେ ତିଆରି ହୋଇଥିଲା ତାହା ବ୍ୟବସାୟିକ କ୍ଷେତ୍ରରେ ରହିଥିଲା । ଏଠାରେ ସପିଂ କମ୍ପ୍ଲେକ୍ସ ତିଆରି ହେଲେ ନଗର ନିଗମର ଆୟ ବୃଦ୍ଧି ପାଇବ ଓ ସହରର ବିକାଶ ତ୍ୱରାନ୍ୱିତ ହେବ ବୋଲି କୁହାଯାଇଛି ।









ଶୁକ୍ରବାର ଶଙ୍ଖଭବନରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ନେତା ଓ କର୍ମୀମାନେ ସ୍ୱାଗତ କରୁଛନ୍ତି

# ଓଡ଼ିଶାର ଜ୍ୟୋତ୍ସ୍ନା ପାଇଲେ 'ରାଷ୍ଟ୍ରୀୟ ବାଲ୍ ପୁରସ୍କାର'



ଭୁବନେଶ୍ୱର, ୨୬।୧୨ (ସମିସ): ବୀର୍ ବାଲ୍ ଦିବସ ଉପଲକ୍ଷେ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୮ଟି ରାଜ୍ୟର ୨୦ଜଣ ଶିଶୁ ପ୍ରତିଭାଙ୍କୁ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର'ରେ ସମ୍ମାନିତ କରିଛନ୍ତି। କଳା, ସଂସ୍କୃତି, ଶିକ୍ଷା, ସମାଜସେବା, ସାହସିକତା ଓ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ଦେଶର ୫ବର୍ଷରୁ ଊର୍ଦ୍ଧ୍ୱ ଓ ୧୮ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସମ୍ମାନିତ ହୋଇଥିବା ଶିଶୁ ପ୍ରତିଭାଙ୍କ ମଧ୍ୟରେ ଓଡ଼ିଶାର ପ୍ରତିଭାବାନ ଭାରୋତ୍ତୋଳିକା ଜ୍ୟୋତ୍ସ୍ନା ଶବର ଓ ବିହାରର ବିସ୍ମୟ କ୍ରିକେଟର୍ ୧୪ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ୯ଜଣ କ୍ରୀଡ଼ାବିତ୍ ରହିଛନ୍ତି। ୧୭ବର୍ଷୀୟା ଜ୍ୟୋତ୍ସ୍ନା ପଦକ ଓ ପ୍ରମାଣପତ୍ର ସହ ଏକ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଷ୍ଟ୍ରପତିଙ୍କଠାରୁ ଗ୍ରହଣ କରିଥିଲେ। ଦେଶର ପିଲାମାନଙ୍କ ପାଇଁ ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ନାଗରିକ ସମ୍ମାନ ପାଇବାରେ ଜ୍ୟୋତ୍ସ୍ନା ଦ୍ୱିତୀୟ ଓଡ଼ିଆ ଭାରୋତ୍ତୋଳିକା। ଗତବର୍ଷ ଢେଙ୍କାନାଳର ପ୍ରୀତିସ୍ମିତା ଭୋଇଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା।

ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବା ସମୟରେ ଜ୍ୟୋତ୍ସ୍ନାଙ୍କ ସହ ତାଙ୍କ ବାପା କୀର୍ତ୍ତନ ଶବର ଓ ମାମୁ ମଦନ ମୋହନ ଉପସ୍ଥିତ ଥିଲେ। ଗଜପତିରେ ଜନ୍ମିତ ଜ୍ୟୋତ୍ସ୍ନା ବର୍ତ୍ତମାନ ଭୁବନେଶ୍ୱରସ୍ଥିତ 'କିସ୍' ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏସିଆନ୍ ୟୁଥ୍ ଜୁନିଅର ଭାରୋତ୍ତୋଳନ ଚାମ୍ପିଅନସିପ୍‌ର ୨୦୨୩ ଓ ୨୦୨୪ ସଂସ୍କରଣରେ ଜ୍ୟୋତ୍ସ୍ନା ଯଥାକ୍ରମେ କାଂସ୍ୟ ଓ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସେହିଭଳି ଚଳିତବର୍ଷ ପେରୁରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ମଧ୍ୟ ସେ ଦମ୍‌ଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବର୍ତ୍ତମାନ ଜ୍ୟୋତ୍ସ୍ନା କିଟ୍ କ୍ରୀଡ଼ା ଏକାଡେମୀରେ ଅଭ୍ୟାସ କରୁଛନ୍ତି। ଅଲିମ୍ପିକ୍ସରେ ପଦକ ଜିତିବା ତାଙ୍କର ଲକ୍ଷ୍ୟ ରହିଛି ବୋଲି ଜ୍ୟୋତ୍ସ୍ନା କହିଛନ୍ତି। ଏହି ସମ୍ମାନଜନକ ପୁରସ୍କାର ଲାଗି କିସ୍ ଓ କିଟ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଜ୍ୟୋତ୍ସ୍ନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବସ୍‌ରେ ମାଗଣା ଯିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୬।୧୨(ସମିସ): ସରକାରୀ ବସ୍‌ରେ ମାଗଣା ଯାତାୟାତ କରିବେ ଛାତ୍ରଛାତ୍ରୀ। ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ୍) ଯୋଜନାରେ ପିଲାଙ୍କୁ ଏହି ସେବା ଯୋଗାଇ ଦିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି।

**ଆଇକାର୍ଡ ଓ ୟୁନିଫର୍ମ ବାଧ୍ୟତାମୂଳକ**

**ଅଧିକ ସ୍କୁଲ ଥିବା ରୁଟ୍‌ରେ ଗଡ଼ିବ ବସ୍**

ବିଦ୍ୟାଳୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ବସ୍‌ରେ ଯିବା ସମୟରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଆଇ-କାର୍ଡ ସହିତ ୟୁନିଫର୍ମରେ ଥିଲେ ଆଉ ଭଡ଼ା ଦେବାକୁ ପଡ଼ିବ ନାହିଁ। ସ୍କୁଲ୍‌ଠାରୁ ବିଦ୍ୟାଳୟର ଦୂରତା ପାଇଁ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀମାନେ ଦୂରଦୂରାନ୍ତରୁ ବିଦ୍ୟାଳୟକୁ ଆସିବା ପାଇଁ ସହଜ ଓ ସୁଗମ ହେବ। ଉଭୟ ଶୀତତାପ ନିୟନ୍ତ୍ରିତ ଏବଂ ଅଣଶୀତତାପ ନିୟନ୍ତ୍ରିତ ବସ୍‌ରେ ସ୍କୁଲ ପିଲାମାନେ ମାଗଣାରେ ସ୍କୁଲ ଯିବାଆସିବା କରିପାରିବେ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ବସ୍ ଗୁଡ଼ିକର ସମୟ ଓ ମାର୍ଗରେ ମଧ୍ୟ ପରିବର୍ତ୍ତନ କରିବ। ସଫ୍ଟୱେୟାର୍ ଆପ୍ଲିକେସନ୍‌ରେ ମଧ୍ୟ ପରିବର୍ତ୍ତନ ଅଣାଯିବ। ପିଲାଙ୍କୁ ବିଦ୍ୟାଳୟ ସହ ଯୋଡ଼ିବା ପାଇଁ ଅଧିକ ସ୍କୁଲ୍ ଥିବା ରୁଟ୍‌ରେ ବସ୍ ଗଡ଼ିବ।

# ଚାନ୍ଦବାଲିରେ ପୁଣି ଚାଞ୍ଚଲ୍ୟ! ବିଷ ପିଇଦେଲେ ଦୁଷ୍କର୍ମ ପୀଡ଼ିତା

ଭଦ୍ରକ, ୨୬।୧୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଭଳି ଅମାନୁଷିକ ଘଟଣାକୁ ନେଇ ପୂରା ରାଜ୍ୟ ହୁଲସ୍ଥୁଲ ହେଉଥିବା ବେଳେ ପୁଣି ସେଠାରୁ ଆଉ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। କିଛି ଦିନ ତଳେ ଦୁଷ୍କର୍ମର ଶିକାର ହୋଇଥିବା ଜଣେ ନାବାଳିକା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପରିବାରଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଧାମରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ଜଟିଳ ହେବାରୁ ପରେ ଭଦ୍ରକ ଏବଂ ସେଠାରୁ କଟକସ୍ଥିତ ଏକ ଘରୋଇ ନର୍ସିଂହୋମ୍‌କୁ ସ୍ଥାନାନ୍ତର କରିଛନ୍ତି। ଏନେଇ ଧାମରା ପୁଲିସ ନଂ.୫୬/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାବୁଲି ପତି ଓରଫ୍ ଜ୍ଞାନରଞ୍ଜନଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଗତ ୧୭ ତାରିଖରେ ଏହି ବର୍ବରୋଚିତ କାଣ୍ଡ ଘଟିଥିଲେ ହେଁ ପୀଡ଼ିତାଙ୍କ ମା' ଗୁରୁବାର ଏ ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି।

**ରୋଷେଇଘରେ ନାବାଳିକାକୁ ଦୁଷ୍କର୍ମ**

ସୂଚନାନୁଯାୟୀ, ପୀଡ଼ିତାଜଣଙ୍କ ଜଣେ ବାପଛେଉଣ୍ଡ। ଗତ ୧୭ ତାରିଖ ସନ୍ଧ୍ୟାରେ ସେ ରୋଷେଇ କରୁଥିବା ବେଳେ ଅଭିଯୁକ୍ତ ଜ୍ଞାନରଞ୍ଜନ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏପରିକି, ତାଙ୍କ ଭଉଣୀଙ୍କ ସହ ସମାନ କାଣ୍ଡ କରିବାକୁ ଧମକ ଦେଇଥିଲା। ଭୟଭୀତ ପୀଡ଼ିତାଜଣଙ୍କ ଏ ସଂପର୍କରେ କାହାରିକୁ କହିପାରୁନଥିବା ବେଳେ ଭିତରେ ଭିତରେ କଷ୍ଟ ପାଉଥିଲେ। ତେବେ ଗତ ୨୦ ତାରିଖରେ ସେ ଏକ ସୁଇସାଇଡ ନୋଟ୍ (ହାତଲେଖା ଚିଠି) ଲେଖି ବିଷ ପିଇ ଦେଇଥିଲେ।

# ବୋର୍ଡ ୱେବସାଇଟ୍‌ରେ ଓଟିଇଟି ଆନସର୍-କୀ'

କଟକ,୨୬।୧୨(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଗତ ଡିସେମ୍ବର୧୭ରେ ଅନୁଷ୍ଠିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି)ର ଆନସର୍-କି' ବୋର୍ଡ ୱେବସାଇଟ୍ www.bseodisha.ac.in ରେ ଉପଲବ୍ଧ ହୋଇଛି। ପ୍ରକାଶ ପାଇଥିବା ଓଟିଇଟିର ପ୍ରୋଭିଜିନାଲ ଉତ୍ତରକୁ ପ୍ରାର୍ଥୀମାନେ ଚ୍ୟାଲେଞ୍ଜ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପ୍ରାର୍ଥୀମାନେ ଚ୍ୟାଲେଞ୍ଜ କରୁଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଇଁ ୫୦୦ଟଙ୍କା ପଇଠ କରିବେ। ଏଥିସହ ଚ୍ୟାଲେଞ୍ଜର ସମର୍ଥନରେ ପ୍ରାମାଣିକ ଦସ୍ତାବିଜ୍ ଅପଲୋଡ୍ କରିପାରିବେ। ୨୪ ଘଣ୍ଟିଆ ଅନଲାଇନ୍ ଚ୍ୟାଲେଞ୍ଜ ପାଇଁ ଆସନ୍ତା ୨୯ ତାରିଖ ସକାଳ ୧୧ଟାରୁ ୨୦୨୬ ଜାନୁଆରି ୪ ମଧ୍ୟରାତ୍ରି ପର୍ଯ୍ୟନ୍ତ ଲିଙ୍କ୍ ଉପଲବ୍ଧ ହେବ। ଏହାକୁ ବୋର୍ଡର ପ୍ରଶ୍ନ ବିଶ୍ଳେଷଣ କମିଟି ଦ୍ୱାରା ଯାଞ୍ଚ ଏବଂ ବିଶ୍ଳେଷଣ କରାଯିବ। ବିସ୍ତୃତ ବିଶ୍ଳେଷଣ ପରେ ଓଟିଇଟିର ଚୂଡ଼ାନ୍ତ ଆନସର୍ କି' ଉପଲବ୍ଧ କରାଯିବ। ପ୍ରଶ୍ନ ବିଶ୍ଳେଷଣ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ପ୍ରାର୍ଥୀମାନଙ୍କ ପାଇଁ ବାଧ୍ୟତାମୂଳକ ହେବ।

# ପୂର୍ବତନ ଆଇଏଏସ୍ ବିନୋଦ କୁମାର ପୁଣି ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର,୨୬।୧୨(ସମିସ): ପୂର୍ବତନ ଆଇଏଏସ୍ ଅଧିକାରୀ ବିନୋଦ କୁମାର ପୁଣିଥରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଓଡ଼ିଶା ଗ୍ରାମ୍ୟ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚଡିସି) ର ଅଧ୍ୟକ୍ଷ ପଦରେ ଅବସ୍ଥାପିତ ଥିବା ବେଳେ ବ୍ୟାପକ ସରକାରୀ ଅର୍ଥ ହେରଫେର୍ ନେଇ ତାଙ୍କ ବିରୋଧରେ ସଂଗିନ୍ ଅଭିଯୋଗ ଆସିଥିଲା। ଗ୍ରାମାଞ୍ଚଳର ଗରିବଙ୍କ ଉଦ୍ଦେଶ୍ୟରେ ଆସିଥିବା ସରକାରୀ ଅର୍ଥକୁ ସେ ଅପବ୍ୟବହାର କରିଥିଲେ। ଉକ୍ତ ଅନୁଦାନକୁ ଅନ୍ୟତ୍ର ବିନିଯୋଗ କରି ସରକାରୀ ରାଜକୋଷକୁ କ୍ଷତି ପହଞ୍ଚାଇଥିଲେ। ତାଙ୍କ ସହ ଏହି ଦୁର୍ନୀତିରେ ଓଆର୍‌ଏଚଡିସିର ୬ଜଣ ସରକାରୀ ଅଧିକାରୀ ମଧ୍ୟ ସାମିଲ ଥିଲେ। ସରକାରୀ ପଦର ଦୁରୁପଯୋଗ କରି ସେମାନେ ନକଲି ଦସ୍ତାବିଜ୍ ଆଧାରରେ ପାଣ୍ଠିକୁ ବିଲଡର୍ ସଂଗ୍ରାମ କେଶରୀ ସାହୁଙ୍କୁ ପ୍ରଦାନ କରିଥିଲେ। ଏନେଇ ଅଭିଯୋଗ ହେବା ପରେ ବିନୋଦଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ପରେ ଭିଜିଲାନ୍ସ ଏହାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲା। ବିନୋଦଙ୍କ ସମେତ ଏହି ମାମଲାରେ ଅନ୍ୟ ୬ଜଣ ସ୍ୱସ୍ତି ରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ରାଉତ, ସତ୍ୟପ୍ରକାଶ ବେହେରା, ଜିତେନ୍ଦ୍ର ସ୍ୱାଇଁ, ଉମେଶ ସ୍ୱାଇଁ ଏବଂ ବିଲଡର ସଂଗ୍ରାମ କେଶରୀ ସାହୁଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଦୁର୍ନୀତି ମାମଲାରେ ପୂର୍ବତନ ଆଇଏଏସ୍ ବିନୋଦ କୁମାର ୧୧ଥର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହା ତାଙ୍କର ୧୨ତମ ସଜା।

**ପିକନିକ୍ ସ୍ପଟ୍ ପାଲଟୁଛି ମରଣଯନ୍ତା**

# ସୀତାକୁଣ୍ଡରେ ୨ ଭାଇଙ୍କ ସଲିଳ ସମାଧି

ବାରିପଦା, ୨୬।୧୨(ସମିସ): ଶିମିଳିପାଳ ପାଦଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତରେ ବୁଡ଼ି ସମ୍ପର୍କୀୟ ଦୁଇଭାଇ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଭଦ୍ରକ ଜିଲ୍ଲା ସଦର ଥାନା ଅଧୀନ ଅନ୍ଧେଇପାଲି ଗ୍ରାମର ଅଭିଷେକ ନାଏକ(୧୭) ଓ ସତ୍ୟବ୍ରତ ନାଏକ (୨୩)। ଅଗ୍ନିଶମ ବାହିନୀ ସହାୟତାରେ ବାରିପଦା ସଦର ପୁଲିସ ଘଟଣାସ୍ଥଳରୁ ଶବଦ୍ୱୟକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।



ସୂଚନାନୁଯାୟୀ, ପିକନିକ୍ ପାଇଁ ପରିବାର ସହ ଦୁଇଭାଇ ସୀତାକୁଣ୍ଡକୁ ଆସିଥିଲେ। ସେଠାରେ ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ତିନିଜଣ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ଜଣଙ୍କୁ ଉଦ୍ଧାର କରିଥିଲେ ହେଁ ଅନ୍ୟ ଦୁଇଭାଇ ବୁଡ଼ି ଯାଇଥିଲେ। ପରିବାରଲୋକ ଦୁଇ ଭାଇଙ୍କୁ ବଞ୍ଚାଇବା ପାଇଁ ଆକୁଳ ଚିତ୍କାର କରୁଥିଲେ ହେଁ କୁଣ୍ଡର ଗଭୀରତା ପାଇଁ କେହି ସାହସ ଜୁଟାଇ ପାରିନଥିଲେ। ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଭାଇଙ୍କ ଶବ ଉଦ୍ଧାର କରିଥିଲେ। ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜରେ ପ୍ରତିବର୍ଷ ପିକନିକ୍ ଋତୁରେ ଜଳପ୍ରପାତ, ବନ୍ଧ, ଡ୍ୟାମ ଓ ଜଳାଶୟମାନଙ୍କରେ ଏକାଧିକ ଜଳବୁଡ଼ି ମୃତ୍ୟୁ ହେଉଥିଲେ ହେଁ ପ୍ରଶାସନର ଚେତା ପଶୁନି। ଲୋକଙ୍କୁ ସଚେତନ କରାଯାଉନି କିମ୍ବା ପ୍ରତିଷେଧାତ୍ମକ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ।

# ହାତୀଦାନ୍ତ ଜବତ; ୩ ଶିକାରୀ ଗିରଫ



ନୀଳଗିରି, ୨୬।୧୨(ସମିସ): ଗୁରୁବାର ବିଳମ୍ବିତ ରାତିରେ ବନବିଭାଗ ୩ଜଣ ଶିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ହାତୀ ଦାନ୍ତ ଜବତ କରିଛି। ସେମାନେ ହେଲେ, ସୋର ଥାନା ଅନ୍ତର୍ଗତ ମଙ୍ଗଳପୁର ନୂଆସାହି ଗ୍ରାମର ଦୁଇଭାଇ ମାଧବାନନ୍ଦ ପାତ୍ର, ସୁଦାମ ପାତ୍ର ଓ ମଙ୍ଗଳପୁର ଅଞ୍ଚଳ ରାୟପୀତାମ୍ବର ବରିସାହି ଗ୍ରାମର ଗୟାଧର ବେହେରା। ସେମାନଙ୍କ ନିକଟରୁ ୩ଟି ହାତୀଦାନ୍ତ ଜବତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସେମାନଙ୍କ ପରିବାରବର୍ଗ ପାଲଟା ଅଭିଯୋଗ କରିଛନ୍ତି ଯେ କୌଣସି ଦାନ୍ତ କିମ୍ବା ଅନ୍ୟ କୌଣସି ମାରଣାସ୍ତ୍ର ଜବତ କରିନଥିବା ବେଳେ ବନ ବିଭାଗ ସେମାନଙ୍କୁ ଧରି ଆଣି ଅକଥନୀୟ ନିର୍ଯାତନା ଦେବା ସହିତ ମାଡ଼ ମାରିଛି। ବନ ବିଭାଗ ଉକ୍ତ ଘଟଣାର ଚେର ଲମ୍ବିଥିବା କହିଥିବା ବେଳେ ତଦନ୍ତରେ ଅଧିକ ଲୋକଙ୍କ ସମ୍ପୃକ୍ତି ଥିବା ସୂଚନା ଦେଇଛନ୍ତି। ତେବେ ଆଜି ସୁଦ୍ଧା ୨୫ ଜଣଙ୍କୁ ଏହି ଘଟଣାରେ ଗିରଫ କରାଯାଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି।

# ଇସିଆଇଙ୍କ ୩ ଦିନିଆ ଓଡ଼ିଶା ଗସ୍ତ ଆଜିଠୁ

ଭୁବନେଶ୍ୱର, ୨୬।୧୨ (ସମିସ): ଭାରତର ମୁଖ୍ୟ ନିର୍ବାଚନ କମିସନର୍ (ଇସିଆଇ) ଜ୍ଞାନେଶ କୁମାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶନିବାର ଇସିଆଇ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ପୁରୀ ଯିବେ। ସେଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ କୋଣାର୍କ ଗସ୍ତ କରିବେ। କୋଣାର୍କ ମନ୍ଦିର ପରିଦର୍ଶନ ସହ ସେଠାରେ ସେ ରାତ୍ରିଯାପନ କରିବେ। ଡିସେମ୍ବର ୨୮ରେ ଇସିଆଇ ରଘୁରାଜପୁର, ଧଉଳି ଶାନ୍ତିସ୍ତୂପ, ଖଣ୍ଡଗିରି, ଉଦୟଗିରି ଏବଂ ମୁକ୍ତେଶ୍ୱର ମନ୍ଦିର ଆଦି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସୋମବାର ଅପରାହ୍ଣ ୩ଟାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସହ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଅଧ୍ୟକ୍ଷତା କରିବେ। ଏଠାରେ ମୁଖ୍ୟତଃ ରାଜ୍ୟରେ ହେବାକୁ ଥିବା ଏସ୍‌ଆଇଆର୍ ସମ୍ପର୍କରେ ଇସିଆଇ ନିଜର ମତ ଦେବେ।

**ଉପାନ୍ତରୁ ଉପକୂଳ ଥଣ୍ଡାର ରାଜୁତି ଜାରି**

# ନୂଆ ବର୍ଷ ପର୍ଯ୍ୟନ୍ତ ଶୀତରୁ ମିଳିବନି ନିସ୍ତାର

ଭୁବନେଶ୍ୱର,୨୬।୧୨(ସମିସ): ପ୍ରବଳ ଶୀତରେ ଥରୁଛି ସାରା ଓଡ଼ିଶା। ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ଥଣ୍ଡାର ରାଜୁତି ଜାରି ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା କୋରାପୁଟରେ ୪.୮ ଡିଗ୍ରୀ ଥିବା ରେକଡର୍ କରାଯାଇଛି। ଗତ ୧୫ ବର୍ଷ ମଧ୍ୟରେ ଡିସେମ୍ବର ମାସରେ ଦ୍ୱିତୀୟ ଥର ପାଇଁ ତାପମାତ୍ରା ୪.୮ ଡିଗ୍ରୀକୁ ଖସିଛି। ଏହା ପୂର୍ବରୁ ୨୦୧୮ ମସିହା ୩୧ ଡିସେମ୍ବରରେ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଡିସେମ୍ବର ୨୬ରେ ପୁନର୍ବାର ଏହି ରେକର୍ଡକୁ କୋରାପୁଟ ଦୋହରାଇଛି। କୋରାପୁଟ ସମେତ ସେମିଳିଗୁଡ଼ାରେ ତାପମାତ୍ରା ୬.୩, ଦାରିଙ୍ଗବାଡ଼ି ୬.୫, ଝାରସୁଗୁଡ଼ା ୭.୮, ଫୁଲବାଣୀ ୭.୫, ରାଉରକେଲାରେ ତାପମାତ୍ରା ୮ ଡିଗ୍ରୀ ରେକର୍ଡ ହୋଇଛି।

**କୋରାପୁଟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ**

ଶୀତ ସହ ପାଣିପାଗ କେନ୍ଦ୍ର ଅନେକ ସ୍ଥାନର ପାଇଁ ଘନ କୁହୁଡ଼ି ସତର୍କ ସୂଚନା ଜାରି କରିଛି। ବିଶେଷକରି ସକାଳ ସମୟରେ କନ୍ଧମାଳ, କୋରାପୁଟ, ନୟାଗଡ଼, ଗଞ୍ଜାମ, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ ଓ ଖୋର୍ଦ୍ଧା ଆଦିରେ ଘନ କୁହୁଡ଼ି ହେବାର ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ରହିବାକୁ ୟେଲୋ ଆଲର୍ଟ ଜାରି କରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟରେ ଜାରି ରହିଥିବା ଥଣ୍ଡା ନୂଆ ବର୍ଷ ପର୍ଯ୍ୟନ୍ତ ରହିବ। ଡିସେମ୍ବର ୩୧ ରାତିରେ ଭୁବନେଶ୍ୱର ତାପମାତ୍ରା ୧୨-୧୩ ଡିଗ୍ରୀ ରହିବାର ସମ୍ଭାବନା ରହିଛି। ସାରା ରାଜ୍ୟରେ ବର୍ତ୍ତମାନର ସର୍ବନିମ୍ନ ତାପମାତ୍ରା ଉଣା ଅଧିକେ ଚାଲୁ ରହିବ। ମଝିରେ ମଝିରେ ୧ରୁ୨ ଡିଗ୍ରୀ ବଢ଼ିବ ବା କମିବ। ଶିଶିରପାତ ଜାରି ରହିବ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଝିରେ ମଝିରେ ପତଳା କୁହୁଡ଼ି ହୋଇପାରେ। କିନ୍ତୁ ଘନ କୁହୁଡ଼ି ହେବାର ସମ୍ଭାବନା କମ୍ ରହିଛି। ଏହାସହିତ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

# ଅତିରିକ୍ତ ସୁରକ୍ଷା ଜମା ସଂପୂର୍ଣ୍ଣ ପ୍ରତ୍ୟାହାର ଦାବି କଲା କଂଗ୍ରେସ



**ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ଦିଅ**

**କୃଷି କ୍ଷେତ୍ରରେ ଦେୟମୁକ୍ତ ବିଜୁଳି ଯୋଗାଣ ଦାବି**

**୨୯ରେ ରାଜ୍ୟବ୍ୟାପୀ ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପଡ଼ିବ: ଭକ୍ତ**

ଭୁବନେଶ୍ୱର, ୨୬।୧୨(ସମିସ): ଆମ କୋଇଲା, ଆମ ପାଣି ବ୍ୟବହାର କରି ଅଳ୍ପ ମୂଲ୍ୟରେ ବିଜୁଳି ଉତ୍ପାଦନ ହେଉଛି। ମାତ୍ର ସମଗ୍ର ଦେଶରେ ଓଡ଼ିଶାର ବିଜୁଳି ଉପଭୋକ୍ତାମାନେ ସବୁଠାରୁ ଅଧିକ ଶୋଷିତ ଓ ଅବହେଳିତ। ଓଡ଼ିଶାରୁ କୋଇଲା ନେଇ ପଞ୍ଜାବ ପରି ରାଜ୍ୟ ୨୦/୨୫ ଭାଗ କୃଷି ଉପଭୋକ୍ତାଙ୍କୁ ସଂପୂର୍ଣ୍ଣ ଏବଂ ୩୦ରୁ ୩୫ ପ୍ରତିଶତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ଲେଖାଏଁ ବିଜୁଳିଦେୟ ଛାଡ଼ କରୁଛି। ମାତ୍ର ଓଡ଼ିଶାର ୨ ପ୍ରତିଶତ କୃଷି ଉପଭୋକ୍ତା ଏବଂ ୭ରୁ ୮ ପ୍ରତିଶତ ଘରୋଇ ଉପଭୋକ୍ତାଙ୍କୁ ଗୋଟିଏ ୟୁନିଟ୍ ମଧ୍ୟ ମାଗଣାରେ ଦିଆଯାଉନାହିଁ। ଓଡ଼ିଶାରେ ବ୍ୟବହୃତ ହେଉଥିବା ମୋଟ ୭୦ ପ୍ରତିଶତ ବିଜୁଳି ଶିଳ୍ପ କ୍ଷେତ୍ରକୁ ଦିଆଯାଉଛି। ସେଥିରେ ସାମାନ୍ୟ ଦରବୃଦ୍ଧି କଲେ, ଓଡ଼ିଶାର ସମସ୍ତ ଘରୋଇ ଓ କୃଷି ଉପଭୋକ୍ତାଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯାଇପାରିବ। ତେଣୁ, ଅନ୍ୟାୟମୂଳକ ଭାବେ ଘରୋଇ ଉପଭୋକ୍ତାମାନଙ୍କୁ ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ଦାଖଲ କରିବା ପାଇଁ ବାଧ କରିବା ଛାଡ଼ି ସରକାର ସବ୍‌ସିଡି ଜରିଆରେ ଘରୋଇ ଉପଭୋକ୍ତାଙ୍କୁ ୩୦୦ରୁ ୪୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼ କରିବା ସହ ସଂପୂର୍ଣ୍ଣ କୃଷିକ୍ଷେତ୍ରକୁ ବିଜୁଳି ଦେୟମୁକ୍ତ କରନ୍ତୁ। ଶୁକ୍ରବାର ଅପରାହ୍ଣରେ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ ସରକାରଙ୍କ ନିକଟରେ ଏଭଳି ଦାବି ରଖିଛନ୍ତି।

ଶ୍ରୀ ଦାସ ଆହୁରି କହିଛନ୍ତି ଯେ ଓଡ଼ିଶାରୁ ଉତ୍ପାଦିତ ୨୪୦ ନିୟୁତ ମେଟ୍ରିକ୍ ଟନ କୋଇଲାରୁ କେବଳ ୨୨ନିୟୁତ ଟନ୍ କୋଇଲା ରାଜ୍ୟର ଘରୋଇ ଉପଭୋକ୍ତାଙ୍କ ପାଇଁ ଉପଯୋଗ ହେଉଛି। ଏଥିପାଇଁ ଓଡ଼ିଶାକୁ ବହୁ ମୂଲ୍ୟ ଦେବାକୁ ପଡୁଛି। ଅନୁଗୋଳ ଦେଶର ଷଷ୍ଠ ପ୍ରଦୂଷିତ ସହର ହୋଇଥିବା ବେଳେ ଭୁବନେଶ୍ୱର ସମେତ ଓଡ଼ିଶାର ୩୦ସହର ପ୍ରଦୂଷିତ ତାଲିକାରେ ସ୍ଥାନ ପାଉଛି। ଏ ସମସ୍ତ ତଥ୍ୟକୁ ବିଚାରକୁ ନେଇ ସରକାର ତୁରନ୍ତ ଏଏସ୍‌ଡି ପ୍ରତ୍ୟାହାର କରିବା ସହିତ ନିର୍ବାଚନୀ ଇସ୍ତାହାର ଅନୁସାରେ ଅନ୍ୟୁନ ୩୦୦ରୁ ୪୦୦ ୟୁନିଟ୍ ଛାଡ଼ କରନ୍ତୁ। ସେହିପରି, ରାଜ୍ୟର କୃଷି ଉତ୍ପାଦନ ଆଖିଦୃଶିଆ ଭାବେ ବଢ଼ାଇବାକୁ ହେଲେ କୃଷିଭିତ୍ତିକ ଶିଳ୍ପର ପ୍ରୋତ୍ସାହନ କରନ୍ତୁ ବୋଲି ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଦାବି ପୂରଣ ଦିଗରେ ପଦକ୍ଷେପ ନିଆନଗଲେ, ଆସନ୍ତା ୨୯ ଡିସେମ୍ବରରେ କଂଗ୍ରେସ ପକ୍ଷରୁ ରାଜ୍ୟର ସବୁ ବିଜୁଳି ଅଫିସ୍‌ରେ ତାଲା ପକାଯିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ଓଡ଼ିଶାର ଖଣି ଖାଦାନରେ ପରିପୁଷ୍ଟ ଟାଟା ପାୱାର୍ ଓଡ଼ିଶା ପାଇଁ କରିଛି କ'ଣ? ଓଡ଼ିଶାବାସୀ କଂଗ୍ରେସର ଡାକରାରେ ଏଏସ୍‌ଡି ଦେବେ ନାହିଁ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିପରି, ଏଏସ୍‌ଡି ଏକ ଜିଜିୟା କର ଛଡ଼ା ଆଉ କିଛି ନୁହଁ ବୋଲି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି। ସରକାରଙ୍କ କମ୍ପାନୀ ପ୍ରୀତି ପାଇଁ ଉପଭୋକ୍ତାଙ୍କ ଜମା ରାଶି ବାବଦ ସୁଧର ପରିମାଣ ୬.୫ ପ୍ରତିଶତ ହୋଇଥିବା ବେଳେ କମ୍ପାନୀ କାହିଁକି ଉପଭୋକ୍ତାଙ୍କ ବକେୟା ବାବଦ ୧୫ପ୍ରତିଶତ ଦେୟ ଗଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ସବୁବେଳେ ଲୋକଙ୍କ ସହ ରହିଛି। ଏଏସ୍‌ଡି ପ୍ରସଙ୍ଗରେ ମଧ୍ୟ ଓଡ଼ିଶାର ବିଜୁଳି ଉପଭୋକ୍ତାଙ୍କ ସହ ରହିବ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି।

ପୂର୍ବରୁ ଟିପିସିଓଡିଏଲ ସିଇଓ ଅରବିନ୍ଦ ସିଂ, ମୁଖ୍ୟ ଆଇନ ଉପଦେଷ୍ଟା ଭାରତ ଭଦଓ୍ୱତ ଓ ଜନସମ୍ପର୍କ ବିଭାଗ ମୁଖ୍ୟ ମନୋଜ ପଟ୍ଟନାୟକ ପ୍ରମୁଖଙ୍କୁ ନେଇ ଗଠିତ ଏକ ପ୍ରତିନିଧିଦଳ କଂଗ୍ରେସ ଭବନଠାରେ ପିସିସି ସଭାପତି ଓ ଅନ୍ୟ ନେତାମାନଙ୍କୁ ଏନେଇ କମ୍ପାନୀର ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ। ସେମାନେ ଦଳର ଦାବି ଓଇଆରସି ସମ୍ମୁଖରେ ଉପସ୍ଥାପନ କରିବାର ପ୍ରତିଶ୍ରୁତି ଦେଇଥିଲେ।

# ବଡ଼ଭାଇକୁ ପଥରରେ ଛେଚି ହତ୍ୟା

ଡୁଙ୍ଗୁରିପାଲି,୨୬।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଥାନା ଅଧୀନ ଲୁପୁରସିଂହା ଇନ୍ଦିରାପଲ୍ଲି ଗ୍ରାମରେ ଶୁକ୍ରବାର ଭୋର୍ ୫ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ବଡ଼ଭାଇକୁ ପଥରରେ ଛେଚି ହତ୍ୟା କରିଛି ସାନ। ମୃତକ ହେଲେ, ଦାସ ମଲ୍ଲିକ (୪୮)। ଏହି ଘଟଣାରେ ଅଭିଯୁକ୍ତର ସ୍ତ୍ରୀ ମଧ୍ୟ ସହଯୋଗ କରିଛି। ଦୁଇ ଭାଇଙ୍କ ମଧ୍ୟରେ ସବୁବେଳେ କଳି ଝଗଡ଼ା ଲାଗି ରହୁଥିଲା। ଆଜି କୌଣସି କଥାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। କଥା କଟାକଟିରୁ ଆରମ୍ଭ ଏହି ବଚସା ହାତାହାତି, ମାରପିଟ୍ ପର୍ଯ୍ୟନ୍ତ ଯାଇଥିଲା। ଏପରିକି, ରାଗରେ ଜଳୁଥିବା ସୁରୁ ପାଖରେ ପଡ଼ିଥିବା ଏକ ପଥରରେ ବଡ଼ଭାଇର ମୁଣ୍ଡକୁ ଛେଚି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦାସଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ଅଭିଯୁକ୍ତ ସାନଭାଇ ଓ ଭାଇବୋହୂ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଲଛିପୁର ଥାନାରେ ମୃତ ଦାସଙ୍କ ପୁଅ ବିଘ୍ନରାଜ ମଲ୍ଲିକ ଅଭିଯୋଗ କରିବା ପରେ ପୁଲିସ ଇନ୍ଦିରାପଲି ଗାଁରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଥିଲା। ଏହାସହ ଫେରାର୍ ଦୁଇ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଛି।

## ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ

# ‘ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ବିଜେଡି ଲଢ଼େଇ ଜାରି ରଖିଛି’

୨୨ ଦଳୀୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଲୋକଙ୍କ ହୃଦୟରେ ଏବେବି ବିଜେଡି ଏକ ନମ୍ବର

ବାରିପଦା, ୨୬।୧୨(ସମିସ)





ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶକୁ ପାଥେୟ କରି ଚାଲିଥିବା ବିଜୁ ଜନତା ଦଳ ୨୯ ବର୍ଷରେ ପଦାର୍ପଣ କରିଛି। ଏ ପରିପ୍ରେକ୍ଷୀରେ ବାରିପଦାସ୍ଥ ବିଜୁ ଭବନରେ ଜିଲ୍ଲାସ୍ତରୀୟ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଛି। ବାରିପଦା ନଗର ସଭାପତି ତଥା ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ନେତୃମଣ୍ଡଳୀ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ରାଜ୍ୟସଭା ସାଂସଦ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ମୟୂରଭଞ୍ଜ-୨ ଜିଲ୍ଲା ସଭାପତି ଡା. ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଉପନଗରପାଳ ସୀମା ଦାସ, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାଏକ, ସମାଜସେବୀ ଅମର ସେଠୀ, କାଉନସିଲର ଅନନ୍ତ ଦାସ, ଲଲାଟେନ୍ଦୁ ବେହେରା, ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ଅରୁଣ ବରାଡ଼, ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ସୁନୀଲ ନାୟକ, ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାନେତ୍ରୀ ଦୀପ୍ତିଲତା ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ବିଜେଡି ଲଢ଼େଇ ଜାରି ରଖିଛି। ଏବେବି ଲୋକଙ୍କ ହୃଦୟରେ ବିଜେଡି ରହିଛି ବୋଲି କହିଛନ୍ତି। ଏ ଅବସରରେ ୨୨ ଜଣ ଦଳୀୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଶୁକ୍ରବାର ସକାଳେ ଦଳୀୟ ନେତା ବିଜୁ ପଟ୍ଟନାୟକ ଗୋଲେଇସ୍ଥ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ବିଜୁ ଭବନରେ ସମାବେଶର ଆୟୋଜନ କରାଯାଇଥିଲା। ବିଜୁ ଜନତା ଦଳ ଆଜିବି ପ୍ରତି ଲୋକଙ୍କ ହୃଦୟରେ ଏକ ନମ୍ବର ଦଳ ହୋଇରହିଛି। ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଓଡ଼ିଶା ପ୍ରତି ଉତ୍ସର୍ଗୀକୃତ ସେବା କାର୍ଯ୍ୟକୁ ଆଜି ବି ଓଡ଼ିଶାବାସୀ ଭୁଲି ନାହାଁନ୍ତି। ତାଙ୍କ ନେତୃତ୍ୱରେ ଗତ ୨୯ବର୍ଷ ଧରି ଉତ୍ସର୍ଗୀକୃତ ମନୋଭାବ ନେଇ ବିଜେଡିର ପ୍ରତିଟି କର୍ମୀ ନିଷ୍ଠାପର ଭାବେ ଜନସେବା ଯୋଗାଇ ଆସୁଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ତାଙ୍କ ନାମ ନେଇ ଏ ଦଳ ଗଠନ ହୋଇଛି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ହୋଇଥିବା ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହୋଇଛି। ନବୀନଙ୍କ ପ୍ରତି ସଫଳ କାର୍ଯ୍ୟର ବିଜେପି ଦଳ ବାଃବାଃ ନେଉଛନ୍ତି। ତେବେ ଲୋକଙ୍କ ନ୍ୟାର୍ଯ୍ୟ ସ୍ୱାର୍ଥ ହାସଲ କରିବା ପାଇଁ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ନେତାମାନେ କହିଛନ୍ତି। ବିଜୁବାବୁଙ୍କ ଆଦର୍ଶ ଓ ଲକ୍ଷ ଲକ୍ଷ କର୍ମୀଙ୍କ ସମର୍ପଣରେ ବିଜୁ ଜନତା ଦଳ ଦେଶର ଶ୍ରେଷ୍ଠ ଆଞ୍ଚଳିକ ଦଳ ଭାବେ ପରିଣତ ହୋଇଛି। ଦଳର ଗୌରବମୟ ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତେ ସେବା, ସ୍ୱାଭିମାନ ଓ ସଂଗ୍ରାମ ମନ୍ତ୍ର ନେଇ ଆଗେଇ ଯିବାକୁ ଆହ୍ୱାନ ଦେଇଛନ୍ତି। ଏ ଅବସରରେ ସରୋଜ ମହାପାତ୍ର, କୃଷ୍ଣଚନ୍ଦ୍ର ଦାସ, ସନ୍ତୋଷ ଗୋପ, କମଳା ଭଞ୍ଜଦେଓ, ସନ୍ଧ୍ୟା ଦାସ, ଦ୍ରୌପଦୀ ସାହୁ, ବିଜୟ ଦାସ, ହରେକୃଷ୍ଣ ରଣା, ପ୍ରଭାତ ବାରିକ, ବାବୁ ଜେନା, ପାଳିଆ ଭାଇ, ନୁରୁଲ ଭାଇ, ସୁରେନ୍ଦ୍ର ପ୍ରତାପ ସିଂ, କାଶିମ ଭାଇ, ଈଶ୍ୱର ଦାସ, ହୀରାଲାଲ ସିଂ, ପାର୍ଥ ଭାଇ, ଟୁଆଁ ଭାଇ, ବିଜୁ ଭାଇ, ସନ୍ତୋଷ ନାୟକ ଓ ପ୍ରଫୁଲ କୁମାର ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ପ୍ରଭାତ ନାୟକ, ସରୋଜ ବୋଷ, ଆଭାସ ଦେ, ଶ୍ରବଣ ଗୋପ, ସେକ ଅମନ, ସମସ୍ତ ପୌରପାଳିକା ୱାର୍ଡ କାଉନସିଲର, ମହିଳା, ଯୁବ ଓ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି, ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଲୋକଙ୍କ ସ୍ୱାର୍ଥ ପାଇଁ ଲଢୁଛି ବିଜେଡି



**ରାଇରଙ୍ଗପୁର:** ରାଇରଙ୍ଗପୁରସ୍ଥ ବିଜୁ ପଟ୍ଟନାୟକ ଛକଠାରେ ବିଜୁ ଜନତା ଦଳ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ରାଇରଙ୍ଗପୁର ପୌରପାଳିକା ନଗରପାଳ ଅଭିଷେକ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସାଇବା ସୁଶୀଲ ହାଁସଦା, ରାଇସେନ ମୁର୍ମୁ, ଦୀପ୍ତିମାନ ବଳ, ସୁଶାନ୍ତ ଚୌଧୁରୀ, ରତିକାନ୍ତ ପରୀକ୍ଷା, ଉପନଗରପାଳ ମମିତା ଚୌଧୁରୀଙ୍କ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜୁବାବୁଙ୍କ ଆଦର୍ଶକୁ ପାଥେଇ କରି ଓ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ବିଜେଡ଼ି ଦୀର୍ଘ ବର୍ଷ ଧରି ସୁଶାସନ କରି ଓଡ଼ିଶାର ଉନ୍ନତି ସାଧିତ କରିଛି। ବିଜୁ ଜନତା ଦଳ ଆଜି ବି ପ୍ରତି ଲୋକଙ୍କ ହୃଦୟରେ ଏକ ନମ୍ବର ଦଳ ହୋଇରହିଛି। ନିର୍ବାଚନ ସମୟରେ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି ସରକାର ଗଢିଛି। ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗତ ୨୯ ବର୍ଷ ଧରି ଉତ୍ସର୍ଗୀକୃତ ମନୋଭାବ ନେଇ ବିଜେଡ଼ିର ପ୍ରତିଟି କର୍ମୀ ନିଷ୍ଠାପର ଭାବେ ଜନସେବା ଯୋଗାଇ ଆସୁଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ତାଙ୍କ ନାମ ନେଇ ଏ ଦଳ ଗଠନ ହୋଇଛି। ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳ ପୁଣି ଶାସନକୁ ଫେରିବା ସହ ନବୀନ ପଟ୍ଟନାୟକ ପୁଣି ମୁଖ୍ୟମନ୍ତ୍ରୀ ହେବେ ବୋଲି ଉପସ୍ଥିତ ନେତାମାନେ ମତପ୍ରକାଶ କରିଛନ୍ତି। ଏହି ଅବସରରେ ଦଳର ସମସ୍ତ ୱାର୍ଡ କାଉନସିଲର ଓ ଯୁବଛାତ୍ର, ମହିଳା କର୍ମକର୍ତ୍ତା ଓ ନେତା ଉପସ୍ଥିତ ଥିଲେ।

## ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ

**ବଡ଼ସାହି:** ବଡସାହି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ତପନ କୁମାର ପତି ଓ ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନଏକ, ଯୁବ ନେତା ରାକେଶ ମହାପାତ୍ର, ସୁରଥ ଦାସ, ପ୍ରଫୁଲ୍ଲ ମହାଳିକ, ରଣଜିତ କୁମାର ପଣ୍ଡା, ଜୟନ୍ତ ରାଉତ, ଅଜିତ ପଣ୍ଡା, ତାରିଣୀ କୁଅଁରବାବୁ, ଜୟଜିତ ସାହୁ, ନବୀନ ମହାନ୍ତ, ବିନୟ ପଣ୍ଡା, ଜଗବନ୍ଧୁ ଟିପିରିଆ, ଦିଲ୍ଲୀପ ସାହୁ, ସରପଞ୍ଚ ବୁଧୁରାମ ସିଂ, ରଞ୍ଜିତ ସାହୁ ଓ ଚତୁର୍ଭୁଜ ପାତ୍ରଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ବୁଥ ସ୍ତରରୁ ବିଜୁ ଜନତା ଦଳକୁ କିପରି ସୁଦୃଢ ଓ ସଶକ୍ତ କରିଯିବ, ସେ ସମ୍ପର୍କରେ ସୁଚିନ୍ତିତ ମତାମତ ରଖିଥିଲେ। ବିଜେପି ସରକାରର ବିଫଳତା ଓ ନବୀନ ସରକାରର ସଫଳତାର କାହାଣୀ ନେଇ ଲୋକଙ୍କ ନିକଟକୁ ଯିବାକୁ ପରାମର୍ଶ ଦେଇଥିଲେ। ସେଥିପାଇଁ ୱାର୍ଡ ସ୍ତରରୁ ୱାର୍ଡ କମିଟି, ପଞ୍ଚାୟତ କମିଟି, ବ୍ଲକ କମିଟି ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପଞ୍ଚାୟତରେ ଥିବା ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ କିପରି କରାଯିବା, ସେ ସମ୍ପର୍କରେ ଗୁରୁତ୍ୱ ଦିଆଯିବା ସହିତ କର୍ମକର୍ତ୍ତା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କର ସମସ୍ୟା ବୁଝିବାକୁ ପରାମର୍ଶ ଦିଆଯାଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନରେ କିଭଳି ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ କିପରି ଟାଣ କରାଯାଇପାରିବ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ। ଏ ଅବସରରେ ସମସ୍ତ କର୍ମକର୍ତ୍ତା ବଡସାହି ଛକରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ଉପସ୍ଥିତିରେ ଚିକିତ୍ସାଧୀନ ରୋଗୀଙ୍କୁ ଫଳ, ବିସ୍କୁଟ ଓ ପାଉଁରୁଟି ଆଦି ବଣ୍ଟନ କରିଥିଲେ।



## ବିଜେଡି ପ୍ରତିଷ୍ଠା ଦିବସରେ ରୋଗୀଙ୍କୁ ଫଳ ବଣ୍ଟନ



**କୁଳିଅଣା:** ଆଜି ବିଜୁ ଜନତା ଦଳ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ସମଗ୍ର ଓଡ଼ିଶାରେ ମହାସମାରୋହରେ ପାଳନ କରାଯାଇଛି। ଅନୁରୂପ ଭାବେ ଆଜି ପୂର୍ବାହ୍ନରେ କୁଳିଅଣାସ୍ଥ ବିଜୁ ଭବନ ପରିସରରେ ଏହି ପ୍ରତିଷ୍ଠା ଦିବସ ଅବସରରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏ ଅବସରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ୧୯୯୭ରେ ଗଠିତ ଏହି ଆଞ୍ଚଳିକ ଦଳ ଆଜି ୨୮ ବର୍ଷ ପୂରଣ କରି ୨୯ ବର୍ଷରେ ପଦାର୍ପଣ କରିଛି। ୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗାଚରଣ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଳିଅଣା ବ୍ଲକ ଅଧ୍ୟକ୍ଷା ଦୀପିକା ସିଂ ଯୋଗଦେଇ ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୯ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଚନ୍ଦ୍ର ଟୁଡୁ, ଡୁମୁରଡିହା ସମିତି ସଭ୍ୟ ବିବେକ ନାଥ, ପାତିହିଞ୍ଜା ସମିତି ସଭ୍ୟ ବାବୁଲୁ ହାଁସଦା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନା, ଅନନ୍ତ ହେମ୍ବ୍ରମ, ବିମ୍ବାଧର ମହାନ୍ତ, ରବୀନ୍ଦ୍ର କର, ତାରାପଦ ନାଥ, କରୁଣାକର କର, ହାଡ଼ିବନ୍ଧୁ ବେହେରା, ଅଶୋକ ସାହୁ ଓ ଦିଲ୍ଲୀପ ମଙ୍ଗଲ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କିପରି ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ କରିବା ସହ ଲୋକଙ୍କ ସେବା କରିହେବ ସେ ନେଇ ଉପସ୍ଥିତ କର୍ମୀ ଦୃଢ଼ ସଂକଳ୍ପ ନେଇଥିଲେ। ଶେଷରେ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

## ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବାକୁ ପରାମର୍ଶ




**ଉଦଳା:** ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ନେତୃତ୍ୱରେ ଦଳର ୨୯ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି।। ଉଦଳା ନିର୍ବାଚନମଣ୍ଡଳୀରେ ସମସ୍ତ ବିଜୁ ପରିବାରର ସଦସ୍ୟ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପ, ଦୀପ, ଧୂପ, ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉପସ୍ଥିତ ନେତୃମଣ୍ଡଳୀମାନେ ଆଜକୁ ଅଠେଇଶ ବର୍ଷ ତଳର ଓଡ଼ିଶାର ଚିତ୍ର ତଥା ଇତିହାସ ସମ୍ପର୍କରେ ଉପସ୍ଥିତ କର୍ମୀଙ୍କୁ ଅବଗତ କରିଥିଲେ। ଅଭାବ ଓଡ଼ିଶାକୁ ପ୍ରଭାବ ଓଡ଼ିଶାରେ ପରିଣତ କରିଥିବା ନେତା ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତାଦଳର ସଭାପତି ନବୀନ ପଟ୍ଟନାୟକ। ୨୦୦୦ରେ ଯେତେବେଳେ ନବୀନ ବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଲେ, ସେତେବେଳେ ଏକ ଋଣଗ୍ରସ୍ତ ରାଜ୍ୟ ଭାବେ ଓଡ଼ିଶା ପରିଚିତ ଥିଲା। ମୋଟ ଜନସଂଖ୍ୟାର ଅଧାରୁ ଅଧିକ ଲୋକ ଗୋଟିଏ ଓଳି ଠିକ୍ ଭାବରେ ଖାଇବାକୁ ପାଉନଥିଲେ। ନବୀନବାବୁଙ୍କ ନିଷ୍ଠା ଓ ଆନ୍ତରିକତା ସେବାରେ ସମର୍ପଣ ନୀତିରେ ସମସ୍ତଙ୍କର ପ୍ରିୟ ଭାଜନ ହୋଇ ଦୀର୍ଘ ଚବିଶ ବର୍ଷ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ସେବା କରିଥିଲେ। ଓଡ଼ିଶାବାସୀଙ୍କ ଗମନାଗମନ, ଶିକ୍ଷା ସ୍ୱାସ୍ଥ୍ୟ ସମସ୍ତ କ୍ଷେତ୍ରରେ ସମାଗ୍ରିକ ଭାବରେ ବିକାଶ ହୋଇପାରିଥିଲା ବୋଲି ଉପସ୍ଥିତ ନେତୃବର୍ଗ କହିଥିଲେ। ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରତିଷ୍ଠା ଦିବସ ସଭାରେ ନରେନ୍ଦ୍ର ମୋହନ ରାଉତ, ବରିଷ୍ଠ ନେତା ବନମାଳୀ ବେହେରା, ଭୀମଚରଣ ନାୟକ, ନିରଞ୍ଜନ ପରିଡ଼ା, ଉଦଳା ବ୍ଲକ ସଭାପତି ଗୋବିନ୍ଦ ନାୟକ, କପ୍ତିପଦା ବ୍ଲକ ସଭାପତି ପ୍ରଶାନ୍ତ ବେହେରା, ଗୋପବନ୍ଧୁ ନଗର ବ୍ଲକ ସଭାପତି ସତ୍ୟବାନ ଉପାଧ୍ୟାୟ, ଜିଲ୍ଲାପରିଷଦ ସଭ୍ୟ ମାକୁ ସିଂ, ସୁଶାନ୍ତି ସିଂ, ଲଳିତା ବିଶୋଇ, ଯୁବନେତା ବିଣାକାର ମହାପାତ୍ର, ଆଶିଷ ଦାସ, ଶୈଳେଶ ବିଶ୍ୱାଳ, ଭବାନୀଶଙ୍କର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ କର୍ମୀ ଶଶଧର ସ୍ୱାଇଁ, ପାଗାନ ମୁର୍ମୁ, ଜଗତ ସିଂ, ପ୍ରତାପ ବେହେରା, ସୁଶାନ୍ତ ବେହେରା, ସୁରେଶ ବିନ୍ଧାଣୀ, ଈଶ୍ୱର ସୋରେନ, ସୁନୀଲ ପ୍ରଧାନ, ବହୁ ନେତୃମଣ୍ଡଳୀମାନେ ସହଯୋଗ କରିଥିଲେ। ବରିଷ୍ଠ କର୍ମୀ ତଥା ଜୀବନବିନ୍ଦୁ ସଂଯୋଜକ ଅମୀୟ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଝାରପୋଖରିଆ ବିଜୁ ଭବନ

**ସାରସକଣା/ଝାରପୋଖରିଆ:** ସାରା ରାଜ୍ୟରେ ବିଜୁ ଜନତା ଦଳ ତା'ର ପ୍ରତିଷ୍ଠା ଦିବସ ପାଳନ କରିଛି। ସାରସକଣା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଝାରପୋଖରୀଆ ସ୍ଥାନୀୟ ବିଜୁ ଜନତା ଦଳ ଅଫିସରେ ନିର୍ବାଚନମଣ୍ଡଳୀ ସ୍ତରୀୟ ପାଳନ କରାଯାଇଛି। ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଣିଶଙ୍କର ବାରିକ ସଭାପତିତ୍ୱ କରିଥିଲେ। ଦଳୀୟ କର୍ମୀ କେକ୍ କାଟି ୨୯ତମ ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ସାରସକଣା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଡଃ ଦେବାଶିଷ ମାରାଣ୍ଡି, ଜିତେନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ଦେବାଶିଷ ମହାନ୍ତି, ଅମରେନ୍ଦ୍ର କର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ଓ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଛୋଟ ଛୋଟ ପିଲା ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଜାତଳ ବ୍ଲକ, ବିଶୋଇ ବ୍ଲକରୁ ଆଗ ଧାଡ଼ିର ନେତା, କର୍ମୀ ଯୋଗ ଦେଇଥିଲେ। ସମସ୍ତ ଏକ ହେଇ କେମିତି ଆଗକୁ ଚାଲିବା ଏକ ମନପ୍ରାଣ ଦେଇ ବଢ଼ିବା ଡଃ ଦେବାଶିଷ ମାରାଣ୍ଡି କହିଥିଲେ। ବିଧାୟକ ପ୍ରାର୍ଥୀ ଡଃ ଦେବାଶିଷ ମାରାଣ୍ଡି, ଛାତ୍ର ସଭାପତି ରାଧେଶ୍ୟାମ ହାଁସଦା, ବ୍ଲକ ସଭାପତି ମଣିଶଙ୍କର ବାରିକ, ମୋନାଲି ସାହୁ, ଦୀପକ ମଡୁଆଳ ପ୍ରମୁଖଙ୍କ ସହ ସାରସକଣା ବ୍ଲକର ୮ଟି ପଞ୍ଚାୟତର ଶହ ଶହ ମହିଳା ଯୋଗ ଦେଇଥିଲେ।



## ଉଦ୍‌ଘାଟିତ ହେଲା ରାଜସ୍ୱ କ୍ୟାଣ୍ଟିନ



**ରାଇରଙ୍ଗପୁର, ୨୬।୧୨(ସମିସ):** ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳ ଓ ତହସିଲ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ରାଜସ୍ୱ କ୍ୟାଣ୍ଟିନ ଉଦଘାଟନ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଯୋଗ ଦେଇ ଫିତାକାଟି ଉଦଘାଟନ କରିଛନ୍ତି। ରାଇରଙ୍ଗପୁର ତହସିଲ ଅନ୍ତର୍ଗତ କୁଚେଇବୁଡି ମୌଜାରେ ଖାତା ନମ୍ବର ୧୯୯ ଓ ପ୍ଲଟ ନମ୍ବର ୧୨୦୪ରେ ଉକ୍ତ କ୍ୟାଣ୍ଟିନ ନିର୍ମାଣ କରାଯାଇଛି। ପୂର୍ବରୁ ଏହା ଡିସେମ୍ବର ୮ରେ ଜିଲ୍ଲାପାଳ ଏହାକୁ ଉଦଘାଟନ କରିବାକୁ ଆସିଥିବାବେଳେ କ୍ୟାଣ୍ଟିନ ସ୍ଥାପନ ନେଇ ଓକିଲ ସଂଘ ପକ୍ଷରୁ ବିରୋଧ କରି ଅସନ୍ତୋଷ ପ୍ରକାଶ ପାଇଥିଲା। ଯାହାକୁ ନେଇ ଉଦଘାଟନ କାର୍ଯ୍ୟକ୍ରମ ଅଟକିବା ସହ ଆଲୋଚନା ପରେ ଉଦଘାଟନ ହେବ ଜିଲ୍ଲାପାଳ ହେମକାନ୍ତ ସୟ କହିଥିଲେ। ଆଲୋଚନା ହେବା ସହ ସାଂସଦ ଶ୍ରୀ ମାଝୀ ଏହାର ଶୁଭ ଉଦଘାଟନ କରିଛନ୍ତି। ଉକ୍ତ ଜମି ଜବରଦଖଲରେ ଥିବାବେଳେ ଏହାକୁ ରାଇରଙ୍ଗପୁର ତହସିଲ ପକ୍ଷରୁ ଜବରଦଖଲ ମୁକ୍ତ କରି ଜନସାଧାରଣଙ୍କ ହିତ ପାଇଁ ସୁନ୍ଦର ପରିବେଶ ମଧ୍ୟରେ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦାନ କରିବା ନିମନ୍ତେ ରାଜସ୍ୱ କ୍ୟାଣ୍ଟିନ ଆରମ୍ଭ କରାଯାଇଛି। ଉକ୍ତ କ୍ୟାଣ୍ଟିନ ପରିଚାଳନା ନିମନ୍ତେ ଟେଣ୍ଡର ପ୍ରକ୍ରିୟାରେ ପ୍ରଦାନ କରାଯାଇଛି। ଉଦଘାଟନ ସମୟରେ ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ସନ୍ତୋଷ ସାହୁ ଓ ଅନ୍ୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ଜନଜାତି ମହିଳାଙ୍କ ଆୟ ବୃଦ୍ଧି ଓ ସଶକ୍ତରେ ଦୁର୍ଗାଦେବୀ ଏଫ୍‌ପିଓ ଅନନ୍ୟ

ବାରିପଦା, ୨୬।୧୨(ସମିସ)

ଆଦିବାସୀ ଅଞ୍ଚଳର ଜନଜାତି ମହିଳାଙ୍କୁ ସୁସଂଗଠିତ କରି ସେମାନଙ୍କୁ ସ୍ୱାବଲମ୍ବୀ ତଥା ନୂଆ ପରିଚୟ ଦେଇଛି ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଉଦଳାସ୍ଥିତ ମା' ଦୁର୍ଗାଦେବୀ କୃଷକ ଉତ୍ପାଦକ କମ୍ପାନୀ(ଏଫ୍‌ପିଓ)। ୨୦୧୬ରେ ୨୩୧୦ ଜଣଙ୍କୁ ନେଇ ଗଠିତ ଏହି ଉତ୍ପାଦକ କମ୍ପାନୀ ଉନ୍ନତିର ପଥରେ ଅଗ୍ରସର ହେଉଥିବା ସମ୍ପୂର୍ଣ୍ଣ ଜନଜାତି ମହିଳା କୈନ୍ଦ୍ରିକ। ଏହାର ଆର୍ଥିକ କାରବାର ବର୍ତ୍ତମାନ ୧ କୋଟି ୧୩ ଲକ୍ଷରେ ପହଞ୍ଚି ସାରିଲାଣି। ଏହି କମ୍ପାନୀର ପ୍ରମୁଖ କାର୍ଯ୍ୟକଳାପ ମଧ୍ୟରେ କୁକୁଡ଼ା ପାଳନ, ଛେଳି ପାଳନ, ମହୁ ଚାଷ, ଶାଳପତ୍ର ସଂଗ୍ରହ, ମେସିନ୍ ସାହାଯ୍ୟରେ ସିଲେଇ, ପ୍ଲେଟ୍ ପ୍ରସ୍ତୁତ ଇତ୍ୟାଦି ରହିଛି। ଏହି କମ୍ପାନୀ କେବଳ ସଦସ୍ୟଙ୍କ ଆୟ ବୃଦ୍ଧିରେ ନୁହେଁ ସେମାନଙ୍କୁ ସଶକ୍ତ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ସହିତ ମହୁଲରୁ ପ୍ରସ୍ତୁତ ଚକୋଲେଟ୍, ଜୁସ୍, ବିସ୍କୁଟ ଇତ୍ୟାଦି ମୂଲ୍ୟଯୁକ୍ତ ଖାଦ୍ୟପଦାର୍ଥ ପ୍ରସ୍ତୁତ କରି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇପାରିଛି।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସେଣ୍ଟର ଅଫ୍ ଏକ୍ସଲେନ୍ସ ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ସହାୟତାରେ ଉପଯୁକ୍ତ ମାର୍ଗଦର୍ଶନ, ପ୍ରଶିକ୍ଷଣ, ତାଲିମ ଯୋଗାଇ ଦିଆଯାଇଛି। କ୍ଷମତା ନିର୍ମାଣ ଏବଂ ଭିତ୍ତିଭୂମି ବିକାଶ ପାଇଁ ନିରନ୍ତର ସହାୟତା ନାବାର୍ଡ ତରଫରୁ ମଧ୍ୟ ମିଳିଛି। ଏହି କମ୍ପାନୀର ଉଲ୍ଲେଖନୀୟ କାର୍ଯ୍ୟ ପ୍ରଦର୍ଶନ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଏହାକୁ ସର୍ବଶ୍ରେଷ୍ଠ ଏଫ୍‌ପିଓ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କମ୍ପାନୀର ପ୍ରମୁଖ ସଫଳତା ମଧ୍ୟରେ ରହିଛି ବିଭିନ୍ନ ଆକାରରେ ଶାଳପତ୍ର ଥାଳି ପ୍ରସ୍ତୁତ ପାଇଁ ୨୦ଟି ସ୍ୱୟଂଚାଳିତ ମେସିନ୍, ସ୍ୱୟଂଚାଳିତ ଶାଳପତ୍ର ସିଲେଇ ମେସିନ୍, ଉଦଳା ନାମକ ନିଜସ୍ୱ ବ୍ରାଣ୍ଡକୁ ବିକଶିତ ସହିତ ମହୁ ପ୍ରକ୍ରିୟାକରଣ ୟୁନିଟ୍। ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି, ସାମାଜିକ ସମୃଦ୍ଧିର ଲକ୍ଷ୍ୟ ନେଇ ପ୍ରତିଦିନ ମହିଳାଙ୍କୁ ଶାଳପତ୍ର ପ୍ଲେଟ୍ ତିଆରି ଏବଂ ସିଲେଇ କାମରେ ନିୟୋଜିତ କରି ରୋଜଗାର ସୃଷ୍ଟି କରିବାର ମାଧ୍ୟମ ହୋଇପାରିଛି ଏହି କମ୍ପାନୀ। ଜାତୀୟ ବଜାର ସହିତ ମଧ୍ୟ ଯୋଗାଯୋଗ ଏହି କମ୍ପାନୀ ସହଯୋଗରେ ସମ୍ଭବ ହୋଇଛି। ସ୍ୱୟଂ ବିପଣନ ବ୍ୟବସ୍ଥା ମାଧ୍ୟମରେ ଭାରତର ଜନଜାତି ସମୁଦାୟ ମଧ୍ୟରେ ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ମହିଳା ଏଫ୍‌ପିଓ ଭାବେ ଏହା ପରିଚୟ ହାସଲ କରିଛି।

ଜୀବନଶୈଳୀରେ ପରିବର୍ତ୍ତନ ତଥା ସେମାନଙ୍କୁ ବିଭିନ୍ନ ସେବା ଯୋଗାଇଦେବା ସମୟରେ ଏହି କମ୍ପାନୀ ଅନେକ ସମସ୍ୟା ଯେପରିକି ବଜାର ତଥ୍ୟର ଅଭାବୀକରଣ, ଉତ୍ପାଦିତ ଦ୍ରବ୍ୟର ବଜାରୀକରଣ ଇତ୍ୟାଦି। ଏହିସବୁ ସମସ୍ୟାର ସମାଧାନ ସ୍ୱରୂପ ମଧ୍ୟସ୍ଥିବିହୀନ ବଜାର ସଂଯୋଗ, ସାମୂହିକ ବିପଣନ, ଆଧୁନିକ ଜ୍ଞାନକୌଶଳ ଜନିତ କର୍ମଶାଳା ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଏହି ସଂଗଠନ ଆୟୋଜନ କରିସାରିଛି। ଏଭଳି ଅଭିନବ ଉଦ୍ୟମ ଦ୍ୱାରା ଜନଜାତି ମହିଳା ସମ୍ପ୍ରଦାୟ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବାରେ ସଫଳ ହୋଇଛି ଏହି ସଂଗଠନ। ଏହା ଫଳରେ ଅନେକ ମହିଳା ଅଂଶୀଦାରଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବା ସହିତ ସ୍ଥାୟୀ ଜୀବିକା ସୁନିଶ୍ଚିତ ହୋଇପାରିଛି। ଆଗାମୀ ଦିନଗୁଡ଼ିକରେ ଅଧିକ ମହିଳାଙ୍କୁ ନିଯୁକ୍ତ କରିବା, ନିଜସ୍ୱ ବ୍ରାଣ୍ଡ ଅଧୀନରେ ଉତ୍ପାଦନ ବୃଦ୍ଧି କରିବା, ଜାତୀୟ ବଜାରରେ ନିଜ ସ୍ଥାନ ସୁଦୃଢ଼ କରିବା ସହିତ ସମୃଦ୍ଧ କୃଷି ଏବଂ ବ୍ୟବସାୟ ମାଧ୍ୟମରେ ଜନଜାତି ମହିଳାଙ୍କ ରୋଜଗାର ଦ୍ୱିଗୁଣିତ କରିବାର ସୂଚନା ମିଳିଛି।

## ଷ୍ଟେଟ ବ୍ୟାଙ୍କରେ କର୍ମଚାରୀ ଅଭାବ; ଗ୍ରାହକ ହଟହଟା

**କରଞ୍ଜିଆ, ୨୬।୧୨(ସମିସ):** କରଞ୍ଜିଆ ଷ୍ଟେଟ ବ୍ୟାଙ୍କ ଉପଖଣ୍ଡର ପ୍ରମୁଖ ବଡ଼ ସରକାରୀ ବ୍ୟାଙ୍କ ମଧ୍ୟରୁ ଅନ୍ୟତମ। ସରକାରୀ ଟଙ୍କା ଜମା ଉଠାଣ ସହିତ ବ୍ୟବସାୟିକ କାରବାର, ବ୍ୟକ୍ତିଗତ କାରବାର ଯୋଗୁଁ ଏହାର ଅନେକ ଗୁରୁତ୍ୱ ରହିଛି। ତେବେ ପ୍ରତ୍ୟହ କୋଟି କୋଟି ଟଙ୍କା କାରବାର ହେଉଥିବାରୁ ଆବଶ୍ୟକ କର୍ମଚାରୀ ରହିବା କଥା। ବିଶେଷକରି ସରକାରୀ ଜମା ସରକାରୀ ଚାଲାଣ, ଟ୍ରେଜେରି ଚାଲାଣ କରୁଥିବା ବ୍ୟକ୍ତିଙ୍କ ପାଇଁ ଗୋଟିଏ କାଉଣ୍ଟର ଥିବାରୁ ଯଦି କୌଣସି ଦିନ ଉକ୍ତ କାଉଣ୍ଟର କାରବାର କରୁଥିବା କର୍ମଚାରୀ ଅନୁପସ୍ଥିତ ରୁହନ୍ତି, ତେବେ ଟ୍ରେଜେରି କିମ୍ବା ଅନ୍ୟାନ୍ୟ ସରକାରୀ ଚାଲାଣ ଟଙ୍କା ଜମା ହୋଇପାରେନାହିଁ। ସରକାରୀ ସ୍ତରରେ ଅନେକ ବ୍ୟକ୍ତି ଟଙ୍କା ଜମା କରୁଥିବାରୁ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏ ଦିଗରେ ଗ୍ରାହକ ଅଭିଯୋଗ କରୁଥଲେ ସୁଦ୍ଧା କିଛି ସୁଫଳ ମିଳୁନାହି। ଫଳରେ ଗ୍ରାହକ ହଟହଟା ହେଉଛନ୍ତି। ଅନେକ ବ୍ୟବସାୟିକ ବ୍ୟାଙ୍କ ସରକାରୀ ଜମା ନେଉଥିବାରୁ ସେମାନଙ୍କୁ ସରକାରୀ ଚାଲାଣ, ଟ୍ରେଜେରି ଚାଲାଣ ଟଙ୍କା ଗ୍ରହଣ କରିବାକୁ ଅନୁମତି ପ୍ରଦାନ କରାଗଲେ ଗ୍ରାହକ ଉପକୃତ ହୁଅନ୍ତେ ବୋଲି ମତ ପ୍ରକାଶ ପାଇଛି।

# ଗୋନାସିକା-କେନ୍ଦୁଝର ମହୋତ୍ସବ ଓ ଜାତୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ





















କେନ୍ଦୁଝର, ୨୬।୧୨(ସମିସ): କେନ୍ଦୁଝର ଷ୍ଟାଡିୟମ ଓ କାଳୀପଡ଼ିଆଠାରେ 'ଗୋନାସିକା-କେନ୍ଦୁଝର ମହୋତ୍ସବ' ଓ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୫' ଶୁକ୍ରବାର ସନ୍ଧ୍ୟାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କେନ୍ଦୁଝରର ଆରାଧ୍ୟ ଦେବୀ ମା' ତାରିଣୀ ଏବଂ ରାଷ୍ଟ୍ରଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପ୍ରତିକୃତିରେ ମୁଖ୍ୟମନ୍ତ୍ରୀ ମାଲ୍ୟାର୍ପଣ କରିଥିଲେ। ଉତ୍ସବରେ ଜିଲାପାଳ ବିଶାଳ ସିଂହ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଜୋଗଦେଇ ଗୋନାସୀକା ମହୋତ୍ସବର ବ୍ୟାପକତା ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକୀର ମୋହନ ନାଏକ ଅଭିଭାଷଣ ରଖିଥିଲେ।

କାର୍ଯ୍ୟକ୍ରମ ପୂର୍ବରୁ ଗୋନାସିକା, କେନ୍ଦୁଝରର ବଳଦେବଜୀଉ ମନ୍ଦିର ଏବଂ ଆନନ୍ଦପୁରର ଦଧିବାମନଜୀଉ ମନ୍ଦିରରୁ ଘଟଗାଁ ତାରିଣୀ ପୀଠ, ଚମ୍ପୁଆଠାରୁ ମଶାଲ ଶୋଭାଯାତ୍ରା ଆସି କେନ୍ଦୁଝର ଗୋନାସିକା ମହୋତ୍ସବସ୍ଥଳରେ ପହଞ୍ଚିଥିଲା। କେନ୍ଦୁଝର ଗୋନାସିକା ମହୋତ୍ସବ ଅବସରରେ ଜାତୀୟ ପଲ୍ଲିଶ୍ରୀ ମେଳା,ଖାଦ୍ୟମେଳା ଏବଂ ପୁସ୍ତକମେଳାର ଆୟୋଜନ କରାଯାଇଛି। ଓରମାସ, ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ସଂଯୋଜିତ ମହୋତ୍ସବ ଏବଂ ସରସ ମେଳାରେ ରାଜ୍ୟର ବିଭିନ୍ନ ଜିଲା ଏବଂ କର୍ଣ୍ଣାଟକ, ଉତ୍ତରପ୍ରଦେଶ, ରାଜସ୍ଥାନ, ବିହାର, ପଞ୍ଜାବ, ଜାମ୍ମୁ ଓ କାଶ୍ମୀର, ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ, ଶିଳ୍ପୀ,କାରୀଗର ଅଂଶଗ୍ରହଣ ସହ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶିତ ସହିତ ବିକ୍ରୟ ହେଉଛି। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର,ଜିଲ୍ଲାର ବିଭିନ୍ନ ଅଞ୍ଚଳର ଲୋକକଳା ନୃତ୍ୟଦଳ ସାଙ୍ଗକୁ ରାଜ୍ୟର ବିଭିନ୍ନ ଜିଲାର ସୁନାମଧନ୍ୟ ଲୋକକଳା ଓ ନୃତ୍ୟଦଳ ଓ ବଲିଉଡର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଅଂଶଗ୍ରହଣ କରି ସେମାନଙ୍କ କଳାଭିନୟ ପ୍ରଦର୍ଶନ କରିବେ। ଏତଦ୍ବ୍ୟତୀତ ପଶ୍ଚିମବଙ୍ଗ,ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ଆସାମ ଆଦି ରାଜ୍ୟର ଲୋକକଳା ଦଳ ଅଂଶଗ୍ରହଣ କରିବାର ସୂଚନା ରହିଛି। ଖାଦ୍ୟମେଳାରେ ଓଡିଶାର ପାରମ୍ପରିକ ଖାଦ୍ୟ ସାଙ୍ଗକୁ ବିଭିନ୍ନ କିସମର ପିଠାପଣା ପ୍ରସ୍ତୁତ ଓ ବିକ୍ରୟ କରାଯାଉଛି। ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ସହିତ ଜିଲାର ବିଭିନ୍ନ ଅଞ୍ଚଳର ଲୋକନୃତ୍ୟ ଚାଙ୍ଗୁ, ସାନ୍ତାଳି,ମୁଣ୍ଡା,ଝୁମର,ଛଉ ଓ କଣ୍ଢେଇ ଆଦି ନୃତ୍ୟ ଦଳ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି। ପ୍ରଥମ ଦିବସର ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମହୋତ୍ସବ ଦାଇତ୍ୱରେ ଥିବା ବିଭିନ୍ନ ବରିଷ୍ଠ ପ୍ରଶାସନିକ ଅଧିକାରୀ, ବିଭିନ୍ନ କମିଟିର ପଦାଧିକାରୀ ଏବଂ ସଦସ୍ୟ ସହଯୋଗ କରିଥିଲେ।

## ପଥରରେ ଛେଚି ଗୋ-ହତ୍ୟା ଅଭିଯୋଗ

ଯୋଡ଼ା,୨୬।୧୨(ସମିସ): କେନ୍ଦୁଝର ଜିଲ୍ଲା କେମ୍ପ୍ ହଟିଂଠାରେ ଏକ ଗାଇକୁ ପଥରରେ ଛେଚି ହତ୍ୟା କରିଥିବା ନେଇ ଯୋଡ଼ା ଥାନାରେ ଏକ ଅଭିଯୋଗ ହୋଇଛି। ଯୋଡା ହୁଡ଼ିସାହିର ସୋନୁ ଶର୍ମା ଗୁରୁବାର ଅପରାହ୍ନ ସମୟରେ ରୋଇଡାରୁ କେମ୍ପ ହଟିଂ ଦେଇ ଯୋଡାକୁ ଆସୁଥିବା ବେଳେ ଯୋଡା ଭେଲି କ୍ଲବ ପଛ ପାର୍ଶ୍ୱରେ କିଛି ଲୋକ ଏକ ଗାଇକୁ ଗଛରେ ବାନ୍ଧି ଅତି ନିର୍ମମ ଭାବେ ପଥରରେ ଛେଚି ଛେଚି ହତ୍ୟା କରୁଥିବା ଦେଖିଥିଲେ। ଏହାକୁ ସୋନୁ ଶର୍ମା ବିରୋଧ କରିଥିଲେ ହେଁ ତାଙ୍କ କଥା କେହି ଶୁଣି ନ ଥିଲେ। ସୋନୁ କିଛି ସ୍ଥାନୀୟ ଲୋକଙ୍କୁ ଡକାଇ ଅଭିଯୁକ୍ତଙ୍କୁ କାବୁ କରି ନେଇ ପୁଲିସରେ ଜିମା ଦେଇଥିଲେ। ଅଭିଯୁକ୍ତମାନେ ଉକ୍ତ ହଟିଂର ମାର୍ଜଶ ବେଂଗ୍ରା, ଅଗ ସ୍ଥୁସ୍ ବେଂଗ୍ରା, ବାପା ଜୀବନ ବେଙ୍ଗ୍ରା ବୋଲି ଜଣାପଡ଼ିଛି। ସେମାନେ ଏହାକୁ ଖାଇବା ପାଇଁ ହତ୍ୟା କରୁଥିବା ସ୍ୱୀକାର କରିଥିଲେ। ଏହି ଘଟଣା ହିନ୍ଦୁ ଧର୍ମ ଏବଂ ଲୋକଙ୍କ ମନରେ ପ୍ରଚୁର ଆଘାତ ଦେଇଥିବାରୁ ସୋନୁ ଶର୍ମା ଯୋଡ଼ା ଥାନାରେ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଭାବେ ଏତଲା ଦେଇଛନ୍ତି। ପୁଲିସ ଏନେଇ ମାମଲା ନଂ ୪୦୮/୨୦୨୫ ରୁଜୁକରି ତଦନ୍ତ କରୁଥିବା ପ୍ରକାଶ କରିଛି।

## ନାରଦପୁରରେ ଠାକୁରାଣୀ ଓଷା



ନାରଦପୁର, ୨୬।୧୨(ସମିସ): ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ନାରଦପୁରଠାରେ ଠାକୁରାଣୀ ଓଷା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଗତ ଗୁରୁବାରଠାରୁ ଠାକୁରାଣୀ ମା'ଙ୍କୁ ଅସେଇଁକଳାରୁ ଆଣି ଗାୟକ ନଟବର ବାରିକଙ୍କ ଦ୍ୱାରା ସାତଦିନ ଧରି ଗୀତ ଗାନ କରିଥିଲେ। ଆଜି ମାଙ୍କର ଠାକୁରାଣୀ ଉଷା ଶେଷ ଦିନରେ ପୂଜକ ବୈଷ୍ଣବ ମହାକୁଡ଼ଙ୍କ ଦ୍ୱାରା ପୂଜାର୍ଚ୍ଚାନା କରାଯାଇଥିଲା। ଏଥିରେ ଗୌତମ ନାଏକ, ମଧୁସୂଦନ ବାରିକ, ଯଦୁମଣି ବାରିକ, ବିଦେଶୀ ନାଏକ, ପୀତବାସ ନାଏକ, ରମାକାନ୍ତ ନାଏକ, ଗୁରୁଚରଣ ନାଏକ, କାର୍ତ୍ତିକ ନାଏକ, ବିଚ୍ଛା ନାଏକଙ୍କ ସମେତ ସଞ୍ଜୀୟ ବାରିକ, ନିମାଇଁ ଚରଣ ବାରିକ, ଶ୍ରୀକାନ୍ତ ବାରିକ, ରସାନନ୍ଦ ବାରିକ, ବିନୟଭୁଷଣ ବାରିକ ସହଯୋଗ କରିଥିଲେ।

## ଖବରକାଗଜ ବିତରକଙ୍କୁ ଶୀତବସ୍ତ୍ର ସହାୟତା



ଆନନ୍ଦପୁର, ୨୬।୧୨ (ସମିସ): ଦୁନିଆ ଯାକର ଖବର ଲୋକଙ୍କ ନିକଟରେ ପହଞ୍ଚାଇବା କ୍ଷେତ୍ରରେ ଖବରକାଗଜ ବିତରକଙ୍କର ପ୍ରମୁଖ ଭୂମିକା ରହିଛି। କି ବର୍ଷା କି ଶୀତ ସବୁଦିନ ସୂର୍ଯ୍ୟଙ୍କଠାରୁ ଦୁଇ ଘଣ୍ଟା ଆଗୁଆ ଉଠି ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାନ୍ତି। କେନ୍ଦୁଝର ଜିଲ୍ଲାରେ ପ୍ରବଳ ଶୀତ ଲହରୀ ଜାରି ରହିଥିବା ବେଳେ ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁ ସେମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରିଛନ୍ତି। ଆନନ୍ଦପୁର ବ୍ଲକ୍ ଓ ପୌରାଞ୍ଚଳ, ଘଷିପୁରା ବ୍ଲକର ସମସ୍ତ ୨୯ ଜଣ ବିତରକଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ଘଷିପୁରା ବସଷ୍ଟାଣ୍ଡ ନିକଟରେ ସନାତନ ଦାଶଙ୍କ ତତ୍ତ୍ୱାବଧାନରେ ଯଜ୍ଞପ୍ରସାଦ ସାହୁ ୨ ଦିବ୍ୟାଙ୍ଗଙ୍କ ସମେତ ୨୯ ଜଣକୁ ଏହି ଶୀତବସ୍ତ୍ର ସହଯୋଗ କରିଛନ୍ତି। ରମାକାନ୍ତ ମଲ୍ଲିକ, ପ୍ରେମାନନ୍ଦ ମହାନ୍ତି, ନବଘନ ଦାଶ, କେଦାର ନାଥ, ଭାଗୀରଥି ପଣ୍ଡା, ଅଙ୍କିତ ମିଶ୍ର, ନିର ଜେନା, ଅଜୟ ପେରେଇ, ହେମନ୍ତ ଦଳେଇ, ଶ୍ରୀଧର ସାହୁ, ବାପୁନ ସାହୁ, ଟୁଟୁ ଜେନା, ଅଶ୍ୱିନୀ ସାହୁ, ପାଗଳ ରଣା, ଗିରିଶ ନାୟକ, ଅଲେଖ ମହାନ୍ତି, ଶୁକ ପଣ୍ଡା, ନିରଞ୍ଜନ ରଣା, କୃଷ୍ଣ ସେଠୀ, ମଙ୍ଗୁଲୁ ସାହୁ, ବନମାଳି ସାହୁ, ଦଇନ ରାମ, ଗୋପୀ ନାଥ, ସନାତନ ଦାଶ, ଦୁର୍ଲ୍ଲଭ ରାମ, ନିଲୁ ମହାନ୍ତି, ରଥିଆ ପାତ୍ର, କୃଷ୍ଣ ବାହାଦୁର, ପରେଶ ସ, ମୁନା ମିଶ୍ର ପ୍ରମୁଖଙ୍କୁଶୀତବସ୍ତ୍ର ସହଯୋଗ କରିଥିଲେ।

## ସ୍ଥାନାନ୍ତର ହେଲା କୋଲିମାଟି ହାଟ



ଆନନ୍ଦପୁର, ୨୬।୧୨(ସମିସ): ୨୦ନମ୍ବର ଜାତୀୟ ରାଜପଥକଡ଼ରେ ବସୁଥିବା କୋଲିମାଟି ସାପ୍ତାହିକ ହାଟ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ରୋକିବାକୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ରାସ୍ତା କଡ଼ରୁ ହାଟକୁ ପଛକୁ ହଟାଇ ଦିଆଯାଇଛି। କୋଲିମାଟି, ଧକୋଠା ପଞ୍ଚାୟତ ସମେତ ଘଟଗାଁ ବ୍ଲକ୍‌ର ଚାଷୀମାନେ ହାଟରେ ବସୁଥିଲେ। ହାଟକୁ ନେଇ ସମସ୍ୟା ସମସ୍ୟା ସୃଷ୍ଟି ହୋଇଥିଲା। ଗତ ୬ମାସରେ ଏକାଧିକ ଦୁର୍ଘଟଣାରେ ୪ରୁ ଅଧିକ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ବୁଧବାର ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ବିଡିଓ ମନୋଜ ମହାନ୍ତ, ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ଘସିପୁରା ଥାନାଧିକାରୀ କିଶୋର କୁମାର ପ୍ରଧାନ ପ୍ରମୁଖ ହାଟକୁ ପଛକୁ ହଟାଇବାକୁ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଠାରେ ଏକ ଓଭରବ୍ରିଜ୍ କରିବାକୁ ଦାବି ହେବାର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଉପଜିଲ୍ଲାପାଳ ହାଟ ସ୍ଥାନାନ୍ତର କରାଇଥିଲେ। ଏହାକୁ ପୂର୍ବତନ ସମିତିସଭ୍ୟ ରଣଜିତ ମହାରଣା ସ୍ୱାଗତ କରିଛନ୍ତି।

## ତରତରା ସର୍ବଭାରତୀୟ ଫୁଟ୍‌ବଲ: କେନ୍ଦ୍ରାପଡ଼ା ବିଜୟୀ



ଆନନ୍ଦପୁର, ୨୬।୧୨ (ସମିସ): ଆନନ୍ଦପୁର ବ୍ଲକ ତରତରାଠାରେ ଚାଲିଥିବା ୨୬ତମ ମା' ତାରିଣୀ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଲିଗ ମ୍ୟାଚରେ ଚାନ୍ଦ କ୍ଲବ କେନ୍ଦ୍ରାପଡା ଭେଟିଥିଲା ରାମଧୂନ କ୍ଲବ ସୋନପୁରକୁ। ପ୍ରଥମାର୍ଦ୍ଧ ଅମୀମାଂସୀତ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଚାନ୍ଦ କ୍ଲବ ୧-୦ ଗୋଲରେ ଦ୍ୱିତୀୟ ସେମିଫାଇନାଲକୁ ପ୍ରବେଶ କରିଛି। ରେଫରୀ ପ୍ରସନ୍ନ ନାୟକ, ରାମଚନ୍ଦ୍ର ବେଶ୍ରା, ଲକ୍ଷ୍ମଣ ସୋରେନ, ମାନସ ବିଶ୍ୱାଳ ପରିଚାଳନା କରିଥିଲେ। ସୁବ୍ରତ ସାମଲ, ବସନ୍ତ ଜେନା, ସୁଶାନ୍ତ ସାମଲ, ଜିତେନ୍ଦ୍ର ସାମଲ, ପ୍ରିୟବ୍ରତ ନାଇକ, ସତ୍ୟବ୍ରତ ନାଇକ, ସୁଶୀଲ ସାମଲ, ଜଗନ୍ନାଥ ସାମଲ, ରାକେଶ ସାମଲ, ସୁରେନ୍ଦ୍ର ନାଇକ, ସୁବ୍ରତ ନାଇକ, ଦୀପ୍ତିରଞ୍ଜନ ବାରିକ, ରବୀନ୍ଦ୍ର ଧଳ ରଞ୍ଜିତ ପାତ୍ର, ସୁଶାନ୍ତ ନାଇକ, ଆକାଶ ନାଇକ, ସୁଶାନ୍ତ ଜେନା, ସତ୍ୟସ୍ୱରୂପ ସାମଲ, ସନ୍ତୋଷ ଧଳ, ଜଗନ୍ନାଥ ବେହେରା, ମନ୍ଦରଧର ଜେନା, ଅଜିତ ଜେନା ସହଯୋଗ କରିଥିଲେ।

**● ନାବାଳିକାକୁ ଅନୈତିକ କାର୍ଯ୍ୟରେ ଲଗାଇବା ଅଭିଯୋଗ**

## ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ୍

କେନ୍ଦୁଝର, ୨୬।୧୨(ସମିସ): କେନ୍ଦୁଝର କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଝିଅମାନଙ୍କୁ ଅନୈତିକ କାର୍ଯ୍ୟରେ ଲଗାଉଥିବା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କିଆପଡା ଗ୍ରାମର ରଞ୍ଜିତ କୁମାର ସାହୁ(୪୮) ଏବଂ ପଣ୍ଡାପଡ଼ା ଥାନା ଅନ୍ତର୍ଗତ କାଣ୍ଡଶ୍ୱର ଗ୍ରାମର ସୁଶୀଳା ପାତ୍ର(୪୦)ଙ୍କୁ ୭ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ ସହ ୫ହଜାର ଟଙ୍କା ଜରିମାନା; ଅନାଦେୟ ଅଧିକ ୨ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତଦ୍ୱୟ ପୀଡ଼ିତା ୧୭ ବର୍ଷର ନାବାଳିକାକୁ ଜେଜେମାଆଙ୍କ ପାଖରୁ ନିଜର ଭଡ଼ା ଘର ସ୍ୱଞ୍ଚ କଲୋନୀକୁ ଆଣି ଅନୈତିକ କାର୍ଯ୍ୟରେ ଲଗାଇବା ସହ ପରେ ଭୁବନେଶ୍ୱରକୁ ସମାନ କାର୍ଯ୍ୟ ନିମନ୍ତେ ଚାଲାଣ କରିଥିଲେ। ପରେ ସେଠାରେ ଥିବା ଅନ୍ୟ ନାବାଳିକା ଖସି ଯାଇ ଖଣ୍ଡଗିରି ଥାନାରେ ଜଣାଇବାରୁ ଖଣ୍ଡଗିରି ପୁଲିସ ଖୋର୍ଦ୍ଧା ଜିଲ୍ଲା ସିଡବ୍ଲ୍ୟୁସିଙ୍କୁ ହସ୍ତାନ୍ତର କରିଥିଲା। ପରେ ଖୋର୍ଦ୍ଧା ସିଡବ୍ଲ୍ୟୁସି ଉକ୍ତ କେସ୍‌ର ପୀଡ଼ିତାକୁ କେନ୍ଦୁଝର ସିଡବ୍ଲ୍ୟୁସି ପାଖକୁ ପଠାଇଥିଲା। ସିଡବ୍ଲ୍ୟୁସି କେନ୍ଦୁଝର ପୀଡିତାକୁ ଓପନ୍ ସେଲଟର ହୋମ ବଣିଆପାଟରେ ରଖି ପଚରାଉଚରା କରିବାରୁ ପୀଡିତା ସଂପୂର୍ଣ୍ଣ କଥା କହିବା ପରେ ମମତା ବେହେରା ସାହାଯ୍ୟକାରିଣୀ ମୁକ୍ତାଶୟ କେନ୍ଦ୍ର ବଣିଆପାଟ କେନ୍ଦୁଝର ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ କେନ୍ଦୁଝର ଟାଉନ ଥାନାଧିକାରୀ ଉପରୋକ୍ତ ଆସାମୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ୧୩ ଜଣ ସାକ୍ଷଙ୍କ ବୟାନକୁ ଭିତ୍ତିକରି ଉଭୟ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ପୀଡିତାକୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝରଙ୍କୁ ସୁପାରିସ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେସ୍ ପରିଚାଳନା କରୁଥିଲେ।

## ବାଇକ୍ ଧକ୍କାରେ ବୃଦ୍ଧା ମୃତ

ତୁରୁମୁଙ୍ଗା, ୨୬।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ରାୟପୁର ଗାଁ ଦାଣ୍ଡରେ ଏକ ଅଜଣା ବାଇକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ହେଉଛନ୍ତି ରାୟପୁର ଗାଁର ସ୍ୱର୍ଗତ ନବକିଶୋର ମହାନ୍ତଙ୍କ ସ୍ତ୍ରୀ ଗୁରୁବାରୀ (୭୨)। ଗୁରୁବାର ସନ୍ଧ୍ୟାରେ ସେ ଗାଁର ଦାଣ୍ଡରେ ଠିଆ ହୋଇଥିବା ବେଳେ ତାଙ୍କୁ ଏକ ଅଜଣା ବାଇକ ଧକ୍କା ଦେଇ ଚାଲି ଯାଇଥିଲା। ତାଙ୍କୁ ପରିବାର ଲୋକେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ଗୁରୁବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବ ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ଦୁର୍ଘଟଣା ମାମଲା ରୁଜୁ ହୋଇଛି।

## ମାଷ୍ଟର ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ବାର୍ଷିକ ଉତ୍ସବ




ଆନନ୍ଦପୁର, ୨୬।୧୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁରସ୍ଥିତ ମାଷ୍ଟର ଇଣ୍ଟରନ୍ୟାସନାଲ ସ୍କୁଲର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଞ୍ଜନ କୁମାର ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ତଥା ତକ୍ଷଶୀଳା ଇଣ୍ଟରନ୍ୟାସନାଲ ସ୍କୁଲର ନିର୍ଦ୍ଦେଶକ ଆକାଶ ରଥ, ମୁଖ୍ୟବକ୍ତା ଅବସରପ୍ରାପ୍ତ ବିଇଓ ଶରତଚନ୍ଦ୍ର ରାଉତ ଓ ସମ୍ମାନିତ ଅତିଥି ଭାବେ ସିଆରସି ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ସ୍କୁଲରୁ ୫୪ ଜଣ କୃତୀ ଛାତ୍ରଛାତ୍ରୀ ଆଦର୍ଶ ନବୋଦୟକୁ ଉତୀର୍ଣ୍ଣ ହୋଇପାରିଛନ୍ତି। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶିକା ଅହଲ୍ୟା ବେହେରା, ଅଧକ୍ଷ ନାରାୟଣ ଦାସ ଓ ଉପାଧ୍ୟକ୍ଷ ପ୍ରସନ୍ନ ବେହେରାଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା।




ଆନନ୍ଦପୁର: ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାରର ପ୍ରତିବାଦରେ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ଆନନ୍ଦପୁର ଜିଲ୍ଲା ଶାଖାର ଗଣବିକ୍ଷୋଭ ଓ ଶୋଭାଯାତ୍ରା

## ପଳାସପଙ୍ଗା ଲ୍ୟାମ୍ପ୍‌ସରେ କେନ୍ଦୁଝର ଜିଲ୍ଲା ପାଇଁ ଧାନ ସଂଗ୍ରହ ବ୍ୟବସ୍ଥାର ଶୁଭାରମ୍ଭ

କେନ୍ଦୁଝର, ୨୬।୧୨(ସମିସ)

ସରକାରଙ୍କ ଦ୍ୱାରା ଧାନର ବୋନସ ୮୦୦ ଟଙ୍କାମ ପ୍ରଦାନ କରିବା ହେଉଛି ସବୁଠୁ ବଡ ଉପଲବ୍ଧି। ଏହା ଦ୍ୱାରା ଚାଷ ପ୍ରତି ଚାଷୀଙ୍କ ମନୋବଳ ବଢ଼ିଛି ବୋଲି କେନ୍ଦୁଝରସ୍ଥିତ ପଳାସପଙ୍ଗ ଲ୍ୟାମ୍ପସରେ ଧାନ ସଂଗ୍ରହର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମତ ବ୍ୟକ୍ତ କରିଛନ୍ତି। ଗସ୍ତର ପ୍ରଥମ ଦିନରେ ପଳାସପଙ୍ଗାସ୍ଥିତ ଲ୍ୟାମ୍ପସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ପାଇଁ ଧାନ ସଂଗ୍ରହ ବ୍ୟବସ୍ଥାକୁ ଶୁଭାରମ୍ଭ କରିଥିଲେ। ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଆମେ ଶୁଣୁଥିଲୁ, ଚାଷ ପ୍ରତି ଚାଷୀମାନଙ୍କ ଆଗ୍ରହ କମିଯାଉଛି। ଚାଷୀ ଭାଇମାନେ ବିଲକୁ ଯିବାକୁ ବିମୁଖ ହେଉଛନ୍ତି। କିନ୍ତୁ, ଏବର୍ଷର ତଥ୍ୟ ସମ୍ପୂର୍ଣ୍ଣଭାବେ ଅଲଗା ଚିତ୍ର ପ୍ରଦାନ କରୁଛି। ଏହାର କାରଣ ହେଉଛି, ମୋଦୀଜୀଙ୍କ ନେତୃତ୍ୱରେ ଓଡିଶାରେ ଗଠିତ ଆପଣ ମାନଙ୍କ ଡବଲ ଇଞ୍ଜିନ ସରକାର। କାରଣ ଆମେ ଆପଣ ମାନଙ୍କୁ ଆପଣଙ୍କ ପରିଶ୍ରମ ଓ ତ୍ୟାଗର ମୂଲ୍ୟଦେବା ପାଇଁ ପ୍ରତିବଦ୍ଧ ହୋଇ ପଦକ୍ଷେପ ନେଇଛୁ। ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ଯୋଗ ଯୋଜନାରେ କୋଟିଏ ଟଙ୍କା ସବସିଡି ପାଇଥିବା ଚାଷୀଙ୍କୁ ତାଙ୍କ ଘରକୁ ଯାଇ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧନା ଦେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ କହିଥିଲେ, ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସମ୍ପୂର୍ଣ୍ଣ ଧାନ କିଣା ପ୍ରକ୍ରିୟା ସ୍ୱଚ୍ଛତାର ସହ ଚାଲିବ। ଏଥିରେ ଅବହେଳା ହେଲେ, ନିଶ୍ଚିତ ଭାବରେ ସମ୍ପୃକ୍ତ ଅଧିକାରୀ ତା'ର ଫଳ ଭୋଗିବେ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ।

ବର୍ତ୍ତମାନ ସାରା ରାଜ୍ୟରେ ୪,୨୫୩ଟି ପ୍ୟାକ୍ସ ଓ ଲ୍ୟାମ୍ପସ୍ ରହିଛି। ଏଗୁଡିକ ଏକ ୱାନ ଷ୍ଟପ ସେଣ୍ଟର ଭାବେ ବିକଶିତ କରାଯାଉଛି। ଏଥିରେ ଆପଣମାନେ ଗୋଟିଏ ଜାଗାରେ ସବୁ ପ୍ରକାର ସୁବିଧା ପାଇପାରିବେ। ୧୫ ଲକ୍ଷ ହେକ୍ଟର ଜମି ଆଗାମୀ ତିନିବର୍ଷରର ଜଳସେଚିତ ହେବ। କାନପୁର ଜଳସେଚନ ପ୍ରକଳ୍ପ ଆଉ ମାତ୍ର ଦୁଇରୁ ତିନିମାସରେ ଉଦଘାଟନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ନାୟକ, ବିଧାୟକ ବଦ୍ରିନାରାୟଣ ପାତ୍ର, ବିଧାୟକ ସନାତନ ମହାକୁଡ଼, ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଧାୟକ ଡ. ଫକୀର ମୋହନ ନାଏକ ଓ ଜିଲ୍ଲାପାଳ ବିଶାଲ୍ ସିଂହ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଶିକ୍ଷାର ଲକ୍ଷ୍ୟ କେବଳ ତଥ୍ୟଭିତ୍ତିକ ଜ୍ଞାନ ଆହରଣ ନୁହେଁ, ଏହା ମୂଲ୍ୟବୋଧ ମଧ୍ୟ ଶିଖାଏ
-ୱିଲିୟମ ଏସ୍ ବରୋସ

## ଦୁର୍ଲ୍ଲଭ ପରିବା

ଶୀତଋତୁ ଶେଷ ହେବାକୁ ଆଉବେଶୀ ଦିନ ନାହିଁ। ହେଲେ ପରିବା ବଜାରର ଭାଉ ଯେମିତି ସେମିତି ଅଛି। ଏଥର ସତ ଯେ ବର୍ଷା ଲାଗିଥିବାରୁ ପରିବା ଚାଷ ବିଳମ୍ବିତ ହୋଇଥିଲା। ହେଲେ ମୃତ୍ତିକାରେ ଆର୍ଦ୍ରତା ରହିଥିବାରୁ ପରିବା ଚାଷ ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଥିଲା ସେଥିରେ ଚାଷୀଙ୍କ ସହ ଖାଉଟି ବେଶ ଉପକୃତ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ କେଜାଣି କାହିଁକି ଦେଶୀ ବିଲାତି ବଜାରରେ ହାଉଜାଉ ହୋଇନାହିଁ। ଏବେ ବି ବାଙ୍ଗାଲୋର ବିଲାତିର ରାଜୁତି ଜାରି ରହିଛି। କିଲୋ ପ୍ରତି ମୂଲ୍ୟ ୬୦ ରୁ ୭୦ ଟଙ୍କାରେ ଅଟକି ଯାଇଛି। ଅନ୍ୟ ବର୍ଷମାନଙ୍କରେ ଏହି ଦିନରେ ବିଲାତି ବିଲରେ ଗୋରୁ ଚରିବା ଭଳି ଅବସ୍ଥା ଉପୁଜିଥାଏ। ଫୁଲକୋବିକୁ ଖାଉଟି ମୁହଁ ମୋଡ଼ିବା ଅବସ୍ଥା ସୃଷ୍ଟି ହୋଇଥାଏ। ଏବେ କଅଁଳ ଛନଛନ ଫୁଲକୋବି ଗୋଟାକୁ ୪୦ ଟଙ୍କା କିମ୍ବା ଶହେ ଟଙ୍କାକୁ ୩ଟା। ପରିସ୍ଥିତିକୁ ଦେଖିଲେ ଦୁଇଟି କଥା ବିଚାରକୁ ଆସେ। ଚାଷୀ ଏହି ଋତୁକାଳୀନ ଫସଲରେ ବେଶ ଦୁଇ ପଇସା ଲାଭବାନ ହେଉଥିବ, ନଚେତ ମଧ୍ୟସ୍ଥ ବାଟ ମାରଣାରେ ସେମାନଙ୍କ ବିକଳ ଅବସ୍ଥା ଅପରିବର୍ତ୍ତିତ ରହିଛି।

ଶୀତଦିନିଆ ପରିବା ଫସଲରୁ ହଟି ଯିଏ ନୂଆ ପରିବା ଖୋଜୁଥିବ ତାହା ପାଇଁ ଭେଣ୍ଡିର ବିକଳ୍ପ ନାହିଁ। କଅଁଳ ଛନଛନ ରଜା ଭେଣ୍ଡି କିଲୋ ଶହେ ଟଙ୍କା। ଋତୁକାଳୀନ ପରିବା ଚାଷ ନକରି ଯେଉଁ ଚାଷୀ ଭେଣ୍ଡି ଚାଷକରିଛି ସେ ଏହି ସ୍ଥିତିରୁ ବେଶ ଲାଭବାନ ନିଶ୍ଚୟ ହୋଇଛି। ବିନ୍, ବାଇଗଣ, କଲରା ଭଳି ପରିବା ବର୍ଗ ପୂର୍ବାପେକ୍ଷା ଚଢ଼ା ଥିବାର ଲକ୍ଷ୍ୟ କରାଯାଉଛି। ଏହିସବୁ ପରିବା କିଲୋ ପ୍ରତି ମୂଲ୍ୟ ୬୦ ଟଙ୍କାରୁ କମ୍ନି। ଗାଜର ଓ ବିଟ୍ ଆମ ସ୍ଥାନୀୟ ପରିବା ନ ହେଲେ ମଧ୍ୟ କିଲୋ ୨୦ ଟଙ୍କାରେ ବିକ୍ରି ହେଉଛି। ବଜୁଠାରୁ ଆସୁଥିବା କଖାରୁ ହେଲା, ବଜାରରେ ଦେଶୀ କାଙ୍କୁଡ଼ି ମିଳୁନି। ଯାହାବି ମିଳୁଛି ତାହାର କିଲୋ ୬୦ ରୁ ୭୦ ଟଙ୍କା। ଆମେ ଏଠାରେ କଟକ ସିଟିଏର କୃଷକ କଥା ଉଲ୍ଲେଖ କରୁଛୁ, ଯେଉଁଠି ଆଠଗଡ଼ ଓ ତିଗିରିଆ ଅଞ୍ଚଳର ଚାଷୀ ହାଉଜାଉ ହୁଅନ୍ତି। ପିଣ୍ଡିକୁ ଦଲାଲମାନେ ମାଡ଼ିବସିଥିବାରୁ ସେମାନଙ୍କ ପାଇଁ ପରିବା ବିକିବାର ରାହା ନାହିଁ। ରାସ୍ତାକଡ଼ରେ ବସି ସେମାନେ ବିକିଲେ ଘରକୁ ଫେରିଯିବା ପାଇଁ ବସ୍ତା। ସେମାନେ ଖାଉଟିଙ୍କୁ ଅପେକ୍ଷାକୃତ କମ ମୂଲ୍ୟରେ ପରିବା ବିକିଥା'ନ୍ତି। ହେଲେ ସେମାନଙ୍କୁ ବସିବାକୁ ସୁଯୋଗ ଦେଉନି ପୁଲିସ। ତୁହାକୁ ତୁହା ଚଢ଼ାଉ ଓ ହାତ ଗୁଞ୍ଜାରେ ସେମାନଙ୍କ ଲାଭ ବାଟମାରଣା ହୋଇଯାଉଛି।

ଦିନକୁ ଦିନ ଚାଷ ଜମି ସଂକୁଚିତ ହୋଇଯାଉଥିଲେ ମଧ୍ୟ ଖାଉଟିଙ୍କ ପରିବା ଚାହିଦା ପୂରଣ କରିବାରେ ଯେ ନିଅଣ୍ଟିଆ ଅବସ୍ଥା ସୃଷ୍ଟି ହୋଇଛି ଏକଥା ନୁହେଁ। ଚାଷୀ ବଜାର ସ୍ଥିତିକୁ ପଢ଼ି ସାରିଛନ୍ତି। ତେଣୁ ତିନିଟି ପର୍ଯ୍ୟାୟରେ ଶୀତଦିନିଆ ପରିବା ଫସଲ ଅମଳ କରି ବଜାରକୁ ଛାଡୁଛନ୍ତି। ଏଭଳି ସ୍ଥିତିରେ ହଠାତ୍ ଦର କମିବାର ସମ୍ଭାବନା ଊଣା। ଯେହେତୁ ଶୀତଳଭଣ୍ଡାରର ସୁଯୋଗ ନାହିଁ, ତେଣୁ ଏହି ବିକଳ୍ପ ପନ୍ଥାକୁ ସେମାନେ ଆଦରିଛନ୍ତି। ଗୋଟିଏ ଭାଡ଼ିର ଫସଲ ଶେଷ ହେବା ବେଳକୁ ପୁଣି ନୂଆ ଫସଲ ବଜାରକୁ ଆସୁଛି। ଏହା ଫଳରେ ଲମ୍ବା ସମୟ ପାଇଁ ପନିପରିବା ବଜାରରେ ଉପଲବ୍ଧ ହେବ। ଏହି ନୂଆ ଉପାୟରେ ସେମାନେ ମଧ୍ୟ ଲାଭବାନ ହେବେ।

## ଶିଳ୍ପ ନା କୃଷି?

ଦ୍ରୁତ ଶିଳ୍ପାୟନ ସ୍ୱପ୍ନରେ ଆମେ ବିଭୋର। କେବଳ ବୁଝାମଣାପତ୍ର ସ୍ୱାକ୍ଷର ହେଲା ଓ ଏକକ ବାତାୟନରେ କେତୋଟି ଶିଳ୍ପ ସଂସ୍ଥାକୁ ମଞ୍ଜୁରୀ ଦିଆଗଲା। ବିପୁଳ ନିବେଶର ସୁଯୋଗ ସୃଷ୍ଟି ସହ ବ୍ୟାପକ ନିଯୁକ୍ତିର ସୁଦୀର୍ଘ ଘୋଷଣା ହେଲା। କିନ୍ତୁ ଘୋଷଣା ଓ ରୂପାୟନରେ ଅନ୍ତର କେତେ ତାହା ସମସ୍ତେ ବୁଝିଛନ୍ତି। କୃଷି ଉପରେ ନିର୍ଭରଶୀଳ ଆମ ରାଜ୍ୟର ଆତ୍ମା ଗ୍ରାମୀଣ ଜନଜୀବନରେ ତିଷ୍ଠି ରହିଛି। ଶିଳ୍ପାୟନ ଓ ସହରୀକରଣରେ ଯେଉଁ ବିକାଶର ନକ୍ସା ଟଣାଯାଉଛି ତାହା ରାଜ୍ୟର ୭୦ ପ୍ରତିଶତ ଲୋକଙ୍କୁ ଆକାଂକ୍ଷିତ ସୁଫଳ ଦେବାକୁ ସମର୍ଥ ହେବନାହିଁ। ପ୍ରଥମେ ସରକାର ଆଦର୍ଶ ଗ୍ରାମ ଗଢ଼ନ୍ତୁ। ଯେଉଁଠି କେବଳ ସ୍ୱଚ୍ଛତା ନୁହେଁ, ବିଶୁଦ୍ଧ ପାନୀୟ ଜଳ, ନିରବଚ୍ଛିନ୍ନ ବିଜୁଳି ବ୍ୟବସ୍ଥା ଓ ଶିକ୍ଷାୟତନ ଉପଲବ୍ଧ ହେବ। ସେଠାରେ ବିକାଶର ପୃଷ୍ଠଭୂମି ହେବ ଯୁଗୋପଯୋଗୀ କୃଷି।

ରାଜ୍ୟର ପ୍ରମୁଖ ଚାଷ ଧାନ ହୋଇଥିବା ବେଳେ ପ୍ରତିଶ୍ରୁତି ଅନୁଯାୟୀ ତାହାକୁ ସଂଗ୍ରହ କରିବାରେ ସରକାରୀ କଳର ଅସାମର୍ଥ୍ୟ ଏବେ ପଦାରେ ପଡ଼ିଯାଉଛି। ଏକ୍ଷେତ୍ରରେ ବିଶୃଙ୍ଖଳା ଓ ବିଭ୍ରାଟ ସୃଷ୍ଟି ହେଲେ ଚାଷୀ ମୁହଁ ଖୋଲିବେ ଓ ରାଜରାସ୍ତାକୁ ଓହ୍ଲାଇବେ। ସେମାନଙ୍କୁ କୃଷିଜୀବୀ ବଦଳରେ ଆନ୍ଦୋଳନଜୀବୀ କହିବାର ଯଥାର୍ଥତା କେତେ? ଏ ପ୍ରଶ୍ନ ପଚାରିବାର ହକ୍ ସେମାନଙ୍କ ଅଛି। ଧାନସଂଗ୍ରହ ସହ ସଂପୃକ୍ତ ତିନିଟି ବିଭାଗ ମଧ୍ୟରେ ସମନ୍ୱୟ ଓ ସହଯୋଗ ଅଭାବ ସ୍ପଷ୍ଟ ବାରି ହୋଇପଡ଼ୁଛି। ବର୍ଷ ଶେଷ ହେବାକୁ ବସିଲା। କେଉଁଠି ମଣ୍ଡି ଖୋଲିନି ତ କେଉଁଠି ଚାଷୀଙ୍କୁ ଟୋକନ ମିଳିନି। ଏଭଳି ପରିସ୍ଥିତିରେ ଧାନର ମାନ ନିର୍ଦ୍ଧାରଣ କରାଯିବା ଯାନ୍ତ୍ରିକ ସୁବିଧା ଉପଲବ୍ଧ ନଥିବା ଉଲ୍ଲେଖ କରିବା ଅନାବଶ୍ୟକ। ଚାଷୀର ଦୁଃଖ ବୁଝିବାକୁ ସରକାର ଅସମର୍ଥ। ମହାଜନଙ୍କ କରଜ ବୋଝ ଓ ପିଆଜାଙ୍କ ତାଗିଦ୍ ମଧ୍ୟରେ ଅସହାୟ ସ୍ଥିତିରେ ସେମାନେ ଅଛନ୍ତି। ପରିସ୍ଥିତିର ସୁଯୋଗ ନେବା ପାଇଁ ଫଡ଼ିଆ ବେପାରୀ ଅପେକ୍ଷାରତ ଅନ୍ତଃବେପାରୀ। ତେଣୁ ଅଭାବୀ ବିକ୍ରି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି ଓ ବରଗଡ଼ରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି। ଏଠାରେ ମନେ ରଖିବାକୁ ହେବ ଯେ ଏହି ଜିଲ୍ଲାର ଚାଷୀଙ୍କ ସମର୍ଥନରେ ସରକାର ବିପୁଳ ବିଜୟ ହାସଲ କରିଛି। ସେମାନଙ୍କୁ ଆନ୍ଦୋଳନଜୀବୀ କହି ଅପମାନିତ କରିବାର ପରିଣାମ ଆଗକୁ କ'ଣ ହେବ ବୋଧହୁଏ ମନ୍ତ୍ରୀ ମହାଶୟ ହୃଦୟଙ୍ଗମ କରିନାହାନ୍ତି। ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଶୁଣିଲେ ମନେହେବ ଅବ୍ୟବସ୍ଥା ସବୁ ଆପେ ଆପେ ସୁଧୁରିଯିବ। ଏକଥା ସତ ଯେ ଚଳିତ ଋତୁରେ ରାଜ୍ୟସରକାର କ୍ୱିଣ୍ଟାଲ ପିଛା ଧାନରେ ୮୦୦ ଟଙ୍କା ବୋନସ କମାଇଲେ ବି ଧାନ କିଣାରେ ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। ଘୋଷଣା ଅନୁଯାୟୀ ୯୩ ଲକ୍ଷଟନ ଧାନ କିଣିଲେ ତାହା ରଖିବ ଓ ତା ଭଣ୍ଡାରୀକରଣ କରିବେ କେଉଁଠି? ତେଣୁ ସରକାର ଓ ମିଲର ସଲାସୁତରାରେ ଉଦ୍ଦେଶ୍ୟମୂଳକ ଭାବେ ଚାଷୀଙ୍କୁ ହଇରାଣ କରୁଛନ୍ତି। ଏକ୍ଷେତ୍ରରେ ଅଧିକ ବିଳମ୍ବ ହେଲେ ଛୋଟଚାଷୀ ଧାନର ଅଭାବୀ ବିକ୍ରି କରିବାକୁ ବାଧ ହେବେ। ଶେଷରେ ବଡ଼ ଚାଷୀ ହିଁ ସରକାରୀ ବୋନସର ଫାଇଦା ନେବେ।

ଆମକୁ ପୁଣି ଥରେ କହିବାକୁ ପଡ଼ୁଛି ଯେ ଶିଳ୍ପ ସହ କୃଷିକୁ ମଧ୍ୟ ସରକାର ଉଚିତ ପ୍ରାଧାନ୍ୟ ଦେବା ଉଚିତ। ଗ୍ରାମୀଣ ଜୀବନ ବିକଶିତ ହେବାରେ କୃଷିର ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। କର୍ପୋରେଟ ସଂସ୍କୃତି କେବଳ ଖଣି, ଜଙ୍ଗଲ ଓ ଜଳ ଲୁଟି ରାଜ୍ୟକୁ ରସାତଳକୁ ନେଇଯିବ। ସେମାନେ କେବେ ବିକଶିତ ଓଡ଼ିଶାର ବାହକ ହୋଇପାରିବେନି।

# ଆର୍ଥିକ ସାକ୍ଷରତା ଓ ମହିଳା

ଡ.ଅନ୍ତର୍ଜିତା ନାୟକ

ଆଜିକା ସମୟରେ ଆର୍ଥିକ ସାକ୍ଷରତାକୁ ଆଧୁନିକ ଦକ୍ଷତା ଭାବରେ ବର୍ଣ୍ଣନା କରାଯାଉଛି। ଆର୍ଥିକ ସାକ୍ଷରତା କହିଲେ ଅର୍ଥ ବିଷୟରେ ବୁଝିବା, ତା'କୁ ପରିଚାଳନା କରିବା ଏବଂ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତା ଓ ଦକ୍ଷତାକୁ ବୁଝାଏ। ବଜେଟ୍ ପ୍ରସ୍ତୁତ କରିବା, ଋଣର ଆକଳନ କରିବା, ସୁଧ ହାର ବୁଝିବା, ଭବିଷ୍ୟତ ପାଇଁ ଯୋଜନା କରିବା, ଆର୍ଥିକ ବିପଦ ଓ ସୁଯୋଗକୁ ସ୍ୱୀକୃତି ଦେବା ଭଳି କୌଶଳ, ଆର୍ଥିକ ସାକ୍ଷରତାରେ ଅନ୍ତର୍ଭୁକ୍ତ। ଏହି ଆର୍ଥିକ ସାକ୍ଷରତାକୁ ଯେତେବେଳେ ମହିଳାମାନଙ୍କ ସାଙ୍ଗରେ ଯୋଡ଼ି ଦିଆଯାଏ, ସେତେବେଳେ ଅନୁଭବ ହୁଏ ଯେ, ଆଜି ବି ସମାଜ ଆର୍ଥିକ ସାକ୍ଷରତା ଭଳି ଆବଶ୍ୟକତାକୁ ମହିଳାମାନଙ୍କଠାରୁ ଦୂରେଇ ରଖିଛି। ଏହି ଚିନ୍ତାଧାରା ଏକ ପୁରୁଷକୈନ୍ଦ୍ରିକ ଧାରଣାରୁ ଉତ୍ପନ୍ନ, ଯାହା ମହିଳାମାନଙ୍କୁ କେବଳ ପରିବାରର ଯତ୍ନ ନେବା ଭୂମିକା ମଧ୍ୟରେ ସୀମିତ ରଖିଥାଏ ଏବଂ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତାକୁ ପୁରୁଷଙ୍କ ପାଖରେ ଅବସ୍ଥାପିତ କରିଥାଏ। ଫଳସ୍ୱରୂପ, ମହିଳାମାନେ ବ୍ୟାଙ୍କ ମାମଲା, ନିବେଶ ନିଷ୍ପତ୍ତି, ସମ୍ପତ୍ତି କାରବାର, ଏପରିକି ସେମାନଙ୍କର ନିଜସ୍ୱ ଆୟ ପରିଚାଳନା କରିବାରେ ନିରୁତ୍ସାହିତ ହୋଇଥା'ନ୍ତି।

ଅର୍ଥନୀତିର କିଛି କ୍ଷେତ୍ର, ଯେପରି ବଜେଟ୍, ସଞ୍ଚୟ, ଖର୍ଚ୍ଚ, କିମ୍ବା ଆର୍ଥିକ ବିପଦ ପରିଚାଳନା ପରି ଧାରଣା ଆନୁଷ୍ଠାନିକ ହେବାର ବହୁ ପୂର୍ବରୁ ମହିଳାମାନେ ସେମାନଙ୍କର ଦୈନନ୍ଦିନ ଜୀବନରେ ଏହି ସ୍ୱଜାତ ଅଭ୍ୟାସରେ ପାରଙ୍ଗମ। ଆଦିବାସୀ ଗ୍ରାମରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ, ମହିଳାମାନେ ନିୟମିତ ଭାବେ ଯୁକ୍ତିସଙ୍ଗତ ଖର୍ଚ୍ଚ ଓ ସଞ୍ଚୟ ବିଷୟରେ ଏକ ସହଜାତ ବୁଝାମଣା ପ୍ରଦର୍ଶନ କରନ୍ତି। ମହିଳାମାନେ ଐତିହାସିକ ଭାବେ ପରିବାରର ନିରବ ଅର୍ଥନୀତିଜ୍ଞ, ଯିଏ ସୀମିତ ସମ୍ବଳକୁ ସନ୍ତୁଳିତ କରେ, ଅନିଶ୍ଚିତତା ପାଇଁ ଯୋଜନା କରେ ଏବଂ ପ୍ରଚୁରତା ଓ ସଙ୍କଟର ଚକ୍ର ମଧ୍ୟରେ ପରିବାରର ଆର୍ଥିକ ସ୍ଥିତିକୁ ବଜାୟ ରଖେ। ଏହି ଦୃଷ୍ଟିରୁ ଆର୍ଥିକ ସାକ୍ଷରତା ଏପରି କିଛି ନୂଆ ନୁହେଁ, ଯାହା ମହିଳାମାନେ ନୂତନ ଭାବରେ ହାସଲ କରିବେ। କିନ୍ତୁ ଦୁଃଖର ବିଷୟ ଏହା ଯେ ସବୁ ଜାଣି ମଧ୍ୟ ସମାଜ ମହିଳାମାନଙ୍କୁ ଆର୍ଥିକ ପରିଚାଳନା ଦକ୍ଷତା ପାଇଁ କେବେ ମାନ୍ୟତା ଦିଏ ନାହିଁ। ବ୍ୟାଙ୍କିଙ୍ଗ, ସମ୍ପତ୍ତି ମାଲିକାନା, ଋଣ ନିୟନ୍ତ୍ରଣ, ବିନିଯୋଗ ନିଷ୍ପତ୍ତି ପାରମ୍ପରିକ ଭାବରେ ମହିଳାଙ୍କ ପରିସର ବାହାରେ ରଖାଯାଏ।

ଯେଉଁ ସମାଜ ପାରିବାରିକ ଆର୍ଥିକ ସ୍ଥିତି ସ୍ଥିର କରିବା ପାଇଁ ମହିଳାମାନଙ୍କ ଉପରେ ନିର୍ଭର କରେ, ସେହି ସମାଜ ସେମାନଙ୍କୁ ଆର୍ଥିକ ସ୍ୱାୟତ୍ତତା ହାସଲ କରିବାରେ ପ୍ରତିବନ୍ଧକ ସୃଷ୍ଟି କରେ। ଧନ, ସମୃଦ୍ଧି, ସନ୍ତୁଳନ ଓ କଲ୍ୟାଣର ଦିବ୍ୟଶକ୍ତି ଭାବେ ମା'ଲକ୍ଷ୍ମୀଙ୍କୁ ଘରେ ଘରେ ପୂଜା କରାଗଲା ବେଳେ ବିପରୀତ ଭାବରେ ଆମେ ଆମ ଚାରିପାଖରେ ଥିବା ନାରୀସ୍ୱରୂପିଣୀ ଲକ୍ଷ୍ମୀମାନଙ୍କୁ ଆର୍ଥିକ ସାକ୍ଷରତା ବା ଆର୍ଥିକ ସୁଯୋଗ ଦେବାରେ କୃପଣତା ଦେଖାଇଥାଉ। ମହିଳାମାନଙ୍କ ପାଖରେ ସାମର୍ଥ୍ୟର ଅଭାବ ନାହିଁ। କେବଳ ସ୍ୱୀକୃତି, ସୁଯୋଗ ଓ ସୁବିଧାର ଅଭାବ ରହୁଛି। ତେଣୁ ମହିଳାମାନଙ୍କର ଆର୍ଥିକ ସାକ୍ଷରତାକୁ ସୁଦୃଢ଼ କରିବା, ସେମାନଙ୍କୁ ଭିନ୍ନ କିଛି ଶିକ୍ଷା ଦେବା ବିଷୟରେ ନୁହେଁ, ବରଂ ସେମାନେ ପୂର୍ବରୁ ଅଭ୍ୟାସ କରୁଥିବା ଆର୍ଥିକ ସାମର୍ଥ୍ୟକୁ ଆନୁଷ୍ଠାନିକ ଆକାର, ଶକ୍ତି ଓ ସ୍ୱାଧୀନତା ଦେବା ବିଷୟରେ ଚିନ୍ତା କରିବା ଆବଶ୍ୟକ। ଏହା କେବଳ ମହିଳାମାନଙ୍କ ଜୀବନକୁ ସମୃଦ୍ଧ କରିବ ନାହିଁ, ବରଂ ପରିବାର, ସମ୍ପ୍ରଦାୟ ଓ ବ୍ୟାପକ ଅର୍ଥନୀତିକୁ ମଜବୁତ ମଧ୍ୟ କରିବ।

ଆଜି ଆର୍ଥିକ ସାକ୍ଷରତା କେବଳ ସଞ୍ଚୟ କରିବାର ଜ୍ଞାନ ମଧ୍ୟରେ ସୀମିତ ନାହିଁ। ଆର୍ଥିକ ପରିଦୃଶ୍ୟରେ ପରିବର୍ତ୍ତନ, ଯେପରି ଡିଜିଟାଲ୍ ପେମେଣ୍ଟ, ଅନଲାଇନ୍ ବ୍ୟାଙ୍କିଙ୍ଗ୍, ମାଇକ୍ରୋଫାଇନାନ୍ସ, ବୀମା, ପେନସନ, କ୍ରେଡିଟ୍ ସ୍କୋର ଓ ଔପଚାରିକ ସମ୍ପତ୍ତି ମାଲିକାନା, ସାମାଜିକ-ଅର୍ଥନୈତିକ ଗତିଶୀଳତତାକୁ ନିର୍ଦ୍ଧାରଣ କରୁଛି। ଦ୍ରୁତ ଡିଜିଟାଇଜେସନ୍ ମଧ୍ୟରେ ଆର୍ଥିକ ଓ ଡିଜିଟାଲ୍ ସାକ୍ଷରତାର ଅଭାବ ଆଜି ମହିଳାମାନଙ୍କ ପାଇଁ ଏକ ନୂଆ ଆହ୍ୱାନ ସାଜିଛି। ସରକାରୀ ଆର୍ଥିକ କାର୍ଯ୍ୟକ୍ରମ ବା ସହାୟତା ଓ ଡିଜିଟାଲ ଆର୍ଥିକ ସେବା ଯେମିତି ସମ୍ପ୍ରସାରିତ ହେଉଛି ସେଇ ପରିପ୍ରେକ୍ଷୀରେ ମହିଳାମାନଙ୍କର ଆର୍ଥିକ ବ୍ୟବସ୍ଥାଗୁଡ଼ିକୁ ବୁଝିବା ଏବଂ ସେଗୁଡ଼ିକୁ ହାସଲ କରିବାର କ୍ଷମତା ଆଜି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଉଦ୍ୟୋଗିତା, ଇ-କମର୍ସ, ଗିଗ୍ କାର୍ଯ୍ୟ ଓ ଗ୍ରାମୀଣ ସ୍ୱୟଂସହାୟକ ଗୋଷ୍ଠୀ ଆଧାରିତ ମୂଲ୍ୟ ଶୃଙ୍ଖଳାରେ ନୂତନ ସୁଯୋଗ ପାଇଁ ମହିଳାମାନଙ୍କୁ ଆନୁଷ୍ଠାନିକ ଆର୍ଥିକ କୌଶଳ ସହିତ ସଜ୍ଜିତ କରାଯିବା ଆବଶ୍ୟକ ହୋଇପଡ଼ିଛି, ଯାହା ସେମାନଙ୍କର ଅନ୍ତର୍ଦୃଷ୍ଟିସମ୍ପନ୍ନ ସାମର୍ଥ୍ୟକୁ ପରିପୂରଣ କରିପାରିବ।

ଆର୍ଥିକ ଜ୍ଞାନ ଦ୍ୱାରା ସଶକ୍ତ ହେଲେ ମହିଳାମାନେ ଆୟରେ ବିବିଧତା ଆଣିବା, ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା, ଲୁଣ୍ଠନକାରୀଙ୍କ ଋଣ ଓ ଶୋଷଣକୁ ଏଡ଼ାଇବା ଏବଂ ସ୍ୱୟଂସହାୟକ ଗୋଷ୍ଠୀ, ସମବାୟ ସମିତି ଭଳି ଗୋଷ୍ଠୀ ସଂସ୍ଥାଗୁଡ଼ିକୁ ମଜବୁତ କରିବାର ସମ୍ଭାବନା ଅଧିକ ରହିଥାଏ। ତଥାପି ମହିଳାମାନଙ୍କ ମଧ୍ୟରେ ଆଧୁନିକ ଆର୍ଥିକ ସାକ୍ଷରତା ଆଣିବା ବା ତାହାକୁ କାର୍ଯ୍ୟକାରୀ କରାଇବାରେ ରହିଛି ଅନେକ ଆହ୍ୱାନ। ସାମାଜିକ ନିୟମ, ଗତିଶୀଳତା ଉପରେ କଟକଣା, ଡିଜିଟାଲ୍ ଉପକରଣଗୁଡ଼ିକର ସୀମିତ ଉପଲବ୍ଧତା, ଆନୁଷ୍ଠାନିକ ଅନୁଷ୍ଠାନଗୁଡ଼ିକ ଉପରେ କମ୍ ଆତ୍ମବିଶ୍ୱାସ ଭଳି ସମସ୍ୟା, ମହିଳାମାନଙ୍କ ଅନ୍ତର୍ନିହିତ ସାମର୍ଥ୍ୟକୁ ବ୍ୟବହାରିକ ସଶକ୍ତୀକରଣରେ ରୂପାନ୍ତରିତ କରିବାରେ ବାଧା ସୃଷ୍ଟି କରିଥାଏ। ଅନେକ ମହିଳା ଆଜି ମଧ୍ୟ ଏଟିଏମ୍ ବ୍ୟବହାର କରିବାକୁ ଦ୍ୱିଧାପ୍ରକାଶ କରନ୍ତି, ଡିଜିଟାଲ୍ ଠକେଇ ବିଷୟରେ କିଛି ଜାଣନ୍ତି ନାହିଁ, ସେମାନଙ୍କ ପାଇଁ ତିଆରି ହୋଇଥିବା ଆର୍ଥିକ ଯୋଜନା ବିଷୟରେ ମଧ୍ୟ ପର୍ଯ୍ୟାପ୍ତ ଜ୍ଞାନ ରଖନ୍ତି ନାହିଁ। ଏହି ଢାଞ୍ଚାଗତ ପ୍ରତିବନ୍ଧକ ମହିଳାମାନଙ୍କ ଆର୍ଥିକ ସାକ୍ଷରତାର ପରିବର୍ତ୍ତନଶୀଳ ସମ୍ଭାବନାକୁ ସୀମିତ କରିଥାଏ।

ଏହି ବ୍ୟବଧାନଗୁଡ଼ିକୁ ଦୂର କରିବା ପାଇଁ ସାଂସ୍କୃତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏବଂ ସାମାଜିକ ଭିତ୍ତି ଆଧାରିତ ଆଭିମୁଖ୍ୟର ଆବଶ୍ୟକତା ରହିଛି, ଯାହା ଗୋଷ୍ଠୀଭିତ୍ତିକ ଆର୍ଥିକ ସାକ୍ଷରତା ତାଲିମ୍, ସ୍ୱୟଂସହାୟକ ଗୋଷ୍ଠୀ ନେତୃତ୍ୱାଧୀନ ସହକର୍ମୀ ଶିକ୍ଷା, ଡିଜିଟାଲ୍ ସମାବେଶନ ଶିବିର, ଗ୍ରାମସ୍ତରୀୟ ବ୍ୟାଙ୍କିଙ୍ଗ୍ ସମ୍ବାଦଦାତା ଓ ସରଳୀକୃତ ବହୁଭାଷୀ ଆର୍ଥିକ ଉପକରଣ ଜ୍ଞାନର ପାର୍ଥକ୍ୟକୁ ଦୂର କରିପାରିବ। ମହିଳାମାନଙ୍କ ପାଖରେ ବ୍ୟକ୍ତିଗତ ମୋବାଇଲ୍ ଫୋନ୍, ଡିଜିଟାଲ୍ ପରିଚୟ ଓ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ସୁବିଧା ସୁନିଶ୍ଚିତ କରିବା ମଧ୍ୟ ଆବଶ୍ୟକ। ନୀତିଗତ ପ୍ରୟାସ କେବଳ ଆର୍ଥିକ ଶିକ୍ଷା ଉପରେ ଧ୍ୟାନ ଦେବା ନୁହେଁ, ବରଂ ସଂସ୍ଥାଗତ ସଂସ୍କାର ଉପରେ ଧ୍ୟାନ ଦେବା ମଧ୍ୟ ଜରୁରୀ। ମିଳିତ ଜମି ମାଲିକାନା, ଲିଙ୍ଗ-ଅନୁକୂଳ ବ୍ୟାଙ୍କ ପ୍ରକ୍ରିୟା, ସହଜରେ ଉପଲବ୍ଧ ଅଭିଯୋଗ ବ୍ୟବସ୍ଥା ଏବଂ ଦୃଢ଼ ସାମାଜିକ ସମର୍ଥନ ବ୍ୟବସ୍ଥା ମହିଳାମାନଙ୍କୁ ସ୍ୱାଧୀନ ଭାବରେ ଆର୍ଥିକ ନିଷ୍ପତ୍ତି ନେବାକୁ ଉତ୍ସାହିତ କରିପାରିବ। ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୁରୁଷ ଓ ପରିବାରର ସଚେତନତା, ଯାହାଦ୍ୱାରା ଆର୍ଥିକ ସଶକ୍ତୀକରଣ ଘରୋଇ ବିବାଦର ଏକ ଉତ୍ସ ନହୋଇ, ପ୍ରଗତି ପାଇଁ ଏକ ସହଭାଗୀ ମାର୍ଗ ତିଆରି କରିପାରିବ।

ମହିଳାମାନେ ଆର୍ଥିକ ଦୃଷ୍ଟିରୁ ସାକ୍ଷର ହେଲେ ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିସାଧନ ଓ ମାନବ ପୁଞ୍ଜିରେ ଅଧିକ ନିବେଶ କରିଥା'ନ୍ତି। ସେମାନଙ୍କର ଉଦ୍ୟୋଗ, ସ୍ଥାନୀୟ ଅର୍ଥବ୍ୟବସ୍ଥାରେ ବିବିଧତା ଆଣିଥାଏ, ଘରୋଇ ସ୍ଥିତିସ୍ଥାପକତା ବୃଦ୍ଧି କରିଥାଏ ଏବଂ ଜାତୀୟ ଉତ୍ପାଦନରେ ସିଧାସଳଖ ଯୋଗଦାନ କରିଥାଏ। ବୈଶ୍ୱିକ ପ୍ରମାଣ ଦର୍ଶାଉଛି ଯେ ଅଧିକ ମହିଳା ଆର୍ଥିକ ଅନ୍ତର୍ଭୁକ୍ତ ଥିବା ଅର୍ଥବ୍ୟବସ୍ଥା, ସୁଦୃଢ଼ ମୋଟ ଘରୋଇ ଉତ୍ପାଦରେ ଅଭିବୃଦ୍ଧି, ଉନ୍ନତ ବିକାଶମୂଳକ ଫଳାଫଳ ଏବଂ ଅଧିକ ସନ୍ତୁଳିତ ସାମାଜିକ ପ୍ରଗତି ଆଣିଥାଏ। ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏକ ସାଂସ୍କୃତିକ ପୁନରୁଦ୍ଧାର ଏବଂ ଏକ ବିକାଶମୂଳକ ଆବଶ୍ୟକତା। ପ୍ରତ୍ୟେକ ମହିଳା ସ୍ୱୟଂଶାସିତ, ସୂଚିତ, ସୁରକ୍ଷିତ ଓ ସମ୍ମାନିତ ଭାବରେ ନିଜ ଜୀବନରେ ନିଜେ ଲକ୍ଷ୍ମୀ ହେବାକୁ ଅନୁମତି ପାଇଲେ ଆଧୁନିକ ଆର୍ଥିକ ସାକ୍ଷରତା ଆଉ ସମସ୍ୟା ନ ହୋଇ ଅଭିବୃଦ୍ଧିର ନୂତନ ପନ୍ଥା ହୋଇପାରିବ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

# ତମାଖୁ ଛାଡ଼ିବା ସମ୍ଭବ

ଡି ଦେବହରି ରେଡି

ସାଂପ୍ରତିକ ସମୟରେ ଦିନକୁ ଦିନ ତମାଖୁ ଅଭ୍ୟାସ ଏକ ଭୟଙ୍କର ସ୍ୱାସ୍ଥ୍ୟ, ସାମାଜିକ, ଅର୍ଥନୈତିକ ସମସ୍ୟା ହୋଇ କାୟା ମେଲାଇ ଚାଲିଛି। ଭାରତ ହେଉଛି ବିଶ୍ୱର ତୃତୀୟ ତମାଖୁ ଉତ୍ପାଦନକାରୀ ରାଷ୍ଟ୍ର ଏବଂ ବ୍ୟବହାରରେ ବିଶ୍ୱରେ ଦ୍ୱିତୀୟ। ଗ୍ଲୋବାଲ ଆଡଲଟ୍ ଟୋବାକୋ ସର୍ଭେ-୨ ଅନୁଯାୟୀ ଭାରତରେ ଶତକଡ଼ା ୨୮.୬ ପ୍ରତିଶତ ଲୋକ ତମାଖୁ ବ୍ୟବହାର କରୁଥିବା ବେଳେ ଓଡ଼ିଶା ଏ କ୍ଷେତ୍ରରେ ଦେଶରେ ଷଷ୍ଠରେ ରହିଛି। ଓଡ଼ିଶାରେ ଶତକଡ଼ା ୪୫.୬ ପ୍ରତିଶତ ଲୋକ ଯେକୌଣସି ପ୍ରକାର ତମାଖୁ ସେବନ କରନ୍ତି। ତମାଖୁ ସେବନ ତାଲିକାର ପ୍ରଥମରେ ଥିବା ତ୍ରିପୁରା ହାରାହାରି ୬୪.୫% ଏବଂ ଶେଷରେ ଥିବା ଗୋଆ ସର୍ବନିମ୍ନ ପ୍ରାୟ ୯.୭% ତମାଖୁ ବ୍ୟବହାର କରନ୍ତି। ଭାରତ ଓ ଓଡ଼ିଶାରେ ଯଥାକ୍ରମେ ୧୦.୭% ଓ ୭.୦% ଲୋକ ଧୂମକାରୀ ତମାଖୁ ଏବଂ ଯଥାକ୍ରମେ ୨୧.୪% ଓ ୪୨.୯% ଲୋକ ଧୂମହୀନ ତମାଖୁ ବ୍ୟବହାର କରୁଛନ୍ତି। ଦେଶରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ତମାଖୁ ବ୍ୟବହାରକାରୀ ସଂଖ୍ୟା ଅଧିକ।

ଅପରପକ୍ଷରେ ଭାରତରେ ବାର୍ଷିକ ୧୩.୫ ଲକ୍ଷ ଲୋକ ତମାଖୁ ବ୍ୟବହାର ଦ୍ୱାରା ମୃତ୍ୟୁବରଣ କରିଥା'ନ୍ତି, ଯାହା ସମୁଦାୟ ମୃତ୍ୟୁ ସଂଖ୍ୟାର ୯.୫%। ତମାଖୁ ମଧ୍ୟ କର୍କଟ, ହୃଦରୋଗ, ମସ୍ତିଷ୍କାଘାତ ଓ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଫୁସଫୁସ୍ ରୋଗ ଭଳି ଦୁରାରୋଗ୍ୟ ସୃଷ୍ଟି କରେ। ଏହାଦ୍ୱାରା ଶାରୀରିକ ଯନ୍ତ୍ରଣା ସହିତ ସାମାଜିକ ଓ ଅର୍ଥନୈତିକ ଜୀବନ ମଧ୍ୟ କ୍ଷତିଗ୍ରସ୍ତ ହୁଏ। ତମାଖୁ ସେବନକାରୀ ରୋଗଗ୍ରସ୍ତ ହେଲେ ଜୀବିକା ହରାଏ, ପରିବାରର ରୋଜଗାରର ପନ୍ଥା ବନ୍ଦ ହୋଇଯାଏ। ଏପରିକି ଚିକିତ୍ସା ପାଇଁ ଜମିବାଡ଼ି ଘର ଆଦି ବନ୍ଧା ପକେଇବାର କିମ୍ବା ବିକ୍ରି କରିଦେବାର ଉଦାହରଣ ଅନେକ।

କିଛି ବ୍ୟକ୍ତି ତମାଖୁ ସେବନରୁ ନିବୃତ ରହିବା ପାଇଁ ପ୍ରୟାସ କରନ୍ତି। କିନ୍ତୁ ସଠିକ୍ ମାର୍ଗ ଦର୍ଶନର ଅଭାବରେ ପୁନଃ ବ୍ୟବହାର କରନ୍ତି। ସାଧାରଣତଃ ତମାଖୁଜାତ ଦ୍ରବ୍ୟରେ ଥିବା ନିକୋଟିନ୍ ନାମକ ରାସାୟନିକ ପଦାର୍ଥ ଯୋଗୁଁ ତମାଖୁଠାରୁ ଦୂରେଇ ରହିବା ଟିକେ କଷ୍ଟକର ହୋଇପଡ଼େ। ନିକୋଟିନ ସେବନର ୭-୧୦ ସେକେଣ୍ଡ ମଧ୍ୟରେ ଶରୀରରେ ଚର୍ମ, ପାଟି ଓ ଫୁସଫୁସ୍ ଦ୍ୱାରା ଅବଶୋଷିତ ହେଇ ରକ୍ତରେ ମିଶ୍ରଣ ଘଟି ଦ୍ରୁତଗତିରେ ମସ୍ତିଷ୍କରେ ପହଞ୍ଚି ଡୋପାମାଇନ୍ ଭଳି ହରମୋନ୍ ବା ଜୀବରସକୁ କ୍ଷରିତ କରାଏ, ଯାହାକି ଖୁସି, ଉତ୍ସାହିତ ଉଦ୍ଦୀପନା ଜାଗ୍ରତ କରାଏ। ଫଳରେ ତମାଖୁ ବ୍ୟବହାରକାରୀ ଅଳ୍ପ ସମୟ ପାଇଁ ଆନନ୍ଦ ଅନୁଭବ କରେ। କିନ୍ତୁ ଧୀରେ ଧୀରେ ସେ ନିକୋଟିନର ଗୋଲାମ୍ ହୋଇଯାଏ।

ଅପରପକ୍ଷରେ ତମାଖୁ ଛାଡ଼ିବା ସମ୍ପୂର୍ଣ୍ଣ ଭାବେ ସମ୍ଭବ। ଅନେକ ଲୋକ ତମାଖୁଠାରୁ ଦୂରେଇ ଅଛନ୍ତି। ଏଥିପାଇଁ ନିଜର ଇଚ୍ଛାଶକ୍ତି ଦରକାର। ତମାଖୁ ପ୍ରତି ଆକର୍ଷିତ ହେବା ମଧ୍ୟ ଏକ କାରଣ। ତମାଖୁ ଉତ୍ପାଦନ ଶିଳ୍ପ ସଂସ୍ଥା ଯୁବଗୋଷ୍ଠୀକୁ ବୃହତ୍ ଉପଭୋକ୍ତା ଭାବରେ ବାନ୍ଧି ରଖିଛି। ମୁଖ୍ୟତଃ ସିନେ କିମ୍ବା କ୍ରିକେଟ୍ ତାରକା ଓ ସମାଜରେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଆକର୍ଷଣମୂଳକ ବିଜ୍ଞାପନ ପ୍ରଚଳନ କରି ଯୁବପିଢ଼ି ଓ କିଶୋରବର୍ଗଙ୍କୁ ତମାଖୁ ସେବନ ପାଇଁ ଆକୃଷ୍ଟ ଓ ଉତ୍ସାହିତ କରୁଛନ୍ତି। ସମାଜ ପାଇଁ ଏଭଳି ଆଦର୍ଶ ଓ ସମ୍ମାନାସ୍ପଦ ବ୍ୟକ୍ତିତ୍ୱମାନେ ଅର୍ଥଲୋଭୀ ବିଜ୍ଞାପନ ଜରିଆରେ ଯାହା କରୁଛନ୍ତି, ତାହାର ସୁଦୂରପ୍ରସାରୀ କୁପ୍ରଭାବ ସମାଜ ଉପରେ ପଡ଼ୁଛି। ଯଦିଓ ସେଭଳି ବ୍ୟକ୍ତିତ୍ୱ ଚଳଚ୍ଚିତ୍ର ଜଗତର ନାୟକ ହୋଇଥାଇପାରନ୍ତି, କିନ୍ତୁ ମଣିଷ ସମାଜ ପାଇଁ କଳଙ୍କ ଓ ଖଳନାୟକ ବୋଲି କହିଲେ କିଛି ତ୍ରୁଟି ହେବ ନାହିଁ।

ଏହି ସବୁ ଭିତରେ ଏକ କଥା ସ୍ପଷ୍ଟ ଭାବରେ କହିହେବ ଯେ ତମାଖୁ ଛାଡ଼ିବା ସମ୍ପୂର୍ଣ୍ଣ ସମ୍ଭବପର। ତମାଖୁ ଛାଡ଼ିବା ପାଇଁ ଆଜି ହିଁ ପ୍ରୟାସ ଆରମ୍ଭ କରନ୍ତୁ। ଏଥିପାଇଁ ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ କଥା ନିଜର ଇଚ୍ଛାଶକ୍ତି। ତେଣୁ ତା'କୁ ପ୍ରଥମେ ଜାଗ୍ରତ କରାନ୍ତୁ। ସତେଜ ହୁଅନ୍ତୁ, ବାରମ୍ବାର ଉତ୍ସାହିତ ହୁଅନ୍ତୁ। ଛାଡ଼ିବା ପାଇଁ ତାରିଖ ନିର୍ଦ୍ଧାରିତ କରନ୍ତୁ। ହଁ ଏକ ଲମ୍ବା ଯାତ୍ରା ହୋଇପାରେ, କିନ୍ତୁ କିଛି ଅସମ୍ଭବ ନୁହେଁ। ତେଣୁ ଏହି ଯାତ୍ରାରେ ନିଜେ ଚାଳକ ହୁଅନ୍ତୁ ବା ନେତୃତ୍ୱ ନିଅନ୍ତୁ। ନିଜର ପରିବାର ବର୍ଗ, ସାଙ୍ଗସାଥୀ, କାର୍ଯ୍ୟାଳୟ ଓ ପରିବେଶକୁ ସହଚର ଭାବେ ଗ୍ରହଣ କରନ୍ତୁ। ନିଜ ଯାତ୍ରା ବିଷୟରେ ସମସ୍ତଙ୍କ ସହ ଆଲୋଚନା କରି ସଫଳ ଆଉ ବିଜୟୀ ହେବା ପାଇଁ ସହଯୋଗ ଏକାନ୍ତ କାମ୍ୟ ବୋଲି ପ୍ରକାଶ କରନ୍ତୁ। ଯେତେସମ୍ଭବ ନକାରାତ୍ମକ ବ୍ୟକ୍ତି ଯଥା ତମାଖୁ ବ୍ୟବହାର କରୁଥିବା ବ୍ୟକ୍ତି ଏବଂ ତମାଖୁ ବ୍ୟବହାର ପାଇଁ ଉତ୍ସାହିତ କରୁଥିବା ବ୍ୟକ୍ତି ଓ ପରିବେଶଠାରୁ ଦୂରେଇ ରୁହନ୍ତୁ। ଏହି ଯାତ୍ରାରେ ଅଧିକ ଓ ଶୀଘ୍ର ସଫଳତା ହାସଲ ପାଇଁ ପ୍ରତିଦିନ କିଛି ସମୟ ପାଇଁ ଧ୍ୟାନ, ପ୍ରାଣାୟମ ଆଦି କରିବା ସହ ନିଜ ସହ ନିଜେ କଥା ହୁଅନ୍ତୁ। ମନେ ରଖନ୍ତୁ ତମାଖୁ ଛାଡ଼ିବା ସମ୍ପୂର୍ଣ୍ଣ ସମ୍ଭବ। ନିଜେ ଟିକେ ଚେଷ୍ଟା କରନ୍ତୁ।

ତମାଖୁ ଛାଡ଼ିବା ପାଇଁ ସଂକଳ୍ପ ରାସ୍ତାରେ ବିଭିନ୍ନ ପ୍ରକାର ଉଦବେଗ ଆସିପାରେ। ଯେପରିକି ପାଟି ଅସ୍ୱାଭାବିକ ହେବା, ମନ ଅସ୍ଥିର ହେବା, ଚିଡ଼ିଚିଡ଼ା ଲାଗିବା, ବିରକ୍ତ ଅନୁଭବ ହେବା ଇତ୍ୟାଦି ଇତ୍ୟାଦି। ଏହିଭଳି ଉଦ୍‌ବେଗ ଆସିବା ସମୟରେ ନିଜକୁ ଦୁର୍ବଳ ନ ଭାବି ତା'କୁ ସାମନା କରିବା। ସେହି ସମୟରେ ମୁହଁହାତ ଧୋଇ ପ୍ରଚୁର ପାଣି ପିଇବା, ନିଜ ମନ ପସନ୍ଦ କାର୍ଯ୍ୟ, ଯେମିତି କି ଗପ ବହି ପଢ଼ିବା, ଚଳଚ୍ଚିତ୍ର ଦେଖିବା, ଗୀତ ଶୁଣିବା, ସାଙ୍ଗସାଥି ପରିବାର ବର୍ଗଙ୍କ ସହ କଥା ହେବା ଭଳି କାର୍ଯ୍ୟ କରି ନିଜର ଧ୍ୟାନ ସେପଟେ ରଖି ପାରିଲେ ତମାଖୁ ପ୍ରତି ଜାଗ୍ରତ ହେଉଥିବା ଆସକ୍ତି ଆପେ ଆପେ ଆୟତ୍ତ ହେଇଯିବ। ଏହିଭଳି ସାତଦିନରୁ ଚଉଦଦିନ ପ୍ରୟାସ କଲେ ତମାଖୁଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିପାରିବା।

ଏହିଯାତ୍ରାରେ ଆପଣଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଅଭିଜ୍ଞ ସ୍ୱାସ୍ଥ୍ୟ ପରାମର୍ଶଦାତାଙ୍କ ସାହାଯ୍ୟ ଓ ପରାମର୍ଶ ନେଇପାରିବେ। ତା'ଛଡ଼ା ସରକାରଙ୍କ ପକ୍ଷରୁ ନିଃଶୁଳ୍କ ପରାମର୍ଶ ପାଇଁ ଉପଲବ୍ଧ ୧୮୦୦ ୧୧ ୨୩୫୬ର ସାହାଯ୍ୟ ନେଇପାରିଲେ ନିଶ୍ଚିନ୍ତ ଭାବେ ସୁଫଳ ମିଳିବ। ଯେତେଶୀଘ୍ର ତମାଖୁଠାରୁ ଦୂରେଇ ରହିବା ସେତେ ଶୀଘ୍ର ସ୍ୱାସ୍ଥ୍ୟ ସମସ୍ୟାଠାରୁ ଦୂରେଇ ରହି ପାରିବା। ତମାଖୁ ଛାଡ଼ିବା ଜୀବନ ବାଛିବା।

(ସ୍ୱାସ୍ଥ୍ୟ ପରାମର୍ଶଦାତା)
ଛତ୍ରପୁର, ମୋ: ୯୪୩୭୨୫୩୩୩୨

# ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

ପୂର୍ବ ପ୍ରକାଶିତ ଉତ୍ତାରୁ...

ଚୀନ ପରିବ୍ରାଜକ ହୁଏନ ସାଂ ସପ୍ତମ ଶତାବ୍ଦୀ ମଧ୍ୟଭାଗରେ ଗାନ୍ଧାର-ଉଦ୍ୟାନ-ସ୍ୱାତ୍-କାଶ୍ମୀର ଅଞ୍ଚଳ ଅତିକ୍ରମ କରୁଥିବା ବେଳର ଘଟଣାକ୍ରମ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ କଥା ଦର୍ଶାଇଛନ୍ତି ଯେ ସେହି ଅଞ୍ଚଳର ସାଧାରଣ ଜନତା, ଏପରିକି ସନ୍ନ୍ୟାସୀମାନେ ମଧ୍ୟ ଚମତ୍କାରିତା ତଥା କୁହୁକ ବିଦ୍ୟା ପ୍ରଦର୍ଶନ କରୁଥିଲେ। ବୌଦ୍ଧ ସାହିତ୍ୟରୁ ଏହା ମଧ୍ୟ ଜଣା ଯେ ବୁଦ୍ଧଙ୍କ କାଳରୁ ବି ଗାନ୍ଧାର ଲୋକମାନଙ୍କୁ ଏହି ଯାଦୁ ଓ କୁହୁକ ବିଦ୍ୟା ଜଣାଥିଲା। ଯାଦୁ ଓ କୁହୁକ ତଥା ଚମତ୍କାରିତା ପ୍ରଦର୍ଶନ ଆଦି ସେ ଅଞ୍ଚଳର ଏକ ଲୋକକଳା ଭଳି ରହିଥିଲା ଯୁଗେ ଯୁଗେ। ଏହି ବିଦ୍ୟାର ପ୍ରୟୋଗରେ ସେହି ଅଞ୍ଚଳର ଅନେକ ଲୋକ ନିଜର ଭରଣପୋଷଣ କରୁଥିଲେ। ଏଣୁ ହୁଏନସାଂଙ୍କ କାଳରେ ସେ ଏହି ଅଞ୍ଚଳରେ ସେହି କଥା ହିଁ ଦେଖିଥିଲେ। ଏହା ଯାଦୁବିଦ୍ୟା ଆଦିର ପ୍ରଦର୍ଶନ କୌଣସି ମତେ ବଜ୍ରଯାନ ବୌଦ୍ଧ ଧର୍ମର ସାଧନା ଅଥବା ଅଭ୍ୟାସ ନ ଥିଲା, ଏହା ନିର୍ଦ୍ଦିଷ୍ଟଭାବେ ସେ ଅଞ୍ଚଳର କିଛି ଲୋକଙ୍କର ସାଧାରଣ ପେଷା ହିଁ ଥିଲା।



ଦ୍ୱିତୀୟ-ବୁଦ୍ଧ କଥା

କିଛି ଗବେଷକ ହୁଏନସାଂଙ୍କର ଏହି ଗାନ୍ଧାର କାଶ୍ମୀର ଅଞ୍ଚଳରେ ଭ୍ରମଣ ବେଳେ ସେଠାରେ ଯାଦୁବିଦ୍ୟା ପ୍ରଦର୍ଶନର ବର୍ଣ୍ଣନାକୁ ବଜ୍ରଯାନ ବୌଦ୍ଧଧର୍ମର ତାନ୍ତ୍ରିକ କାର୍ଯ୍ୟକଳାପ ଭାବରେ ଭୁଲ ଧାରଣାର ବଶବର୍ତ୍ତୀ ହୋଇ ଉପସ୍ଥାପନ କରିଛନ୍ତି। ଉଡ୍ଡୀୟାନ କ୍ଷେତ୍ର ହେଉଛି ବଜ୍ରଯାନର ପ୍ରଥମ ତଥା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପୀଠ। ବଜ୍ରଯାନ କେବଳ ଯାଦୁ ଚମତ୍କାରିତା ତଥା କୁହୁକ ପ୍ରଦର୍ଶନର ଏକ ଧର୍ମ ନୁହେଁ। ବଜ୍ରଯାନର ଦୁଇଗୋଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ 'ସାଧନାମାଳା' ଓ 'ନିଷ୍ପନ୍ନଯୋଗାବଳୀ'ରେ ପ୍ରାୟ ଛଅଶହରୁ ଅଧିକ ବଜ୍ରଯାନୀ ଦେବଦେବୀଙ୍କର ସାଧନା ତଥା ମଣ୍ଡଳ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ସ୍ୱାତ୍-ଉପତ୍ୟାକା ଅଞ୍ଚଳ ଅଥବା ସମଗ୍ର ଗାନ୍ଧାର- ଉଦ୍ୟାନ-କାଶ୍ମୀର ଅଞ୍ଚଳର ପଦ୍ମସମ୍ଭବଙ୍କ କାଳ(ଅଷ୍ଟମ-ନବମ ଶତାବ୍ଦୀ)ରେ ବଜ୍ରଯାନର କୌଣସି ଚିହ୍ନବର୍ଣ୍ଣ ମଧ୍ୟ ନଥିଲା କିମ୍ବା ସେଠାରେ ତାହାର ଉପସ୍ଥିତି ମଧ୍ୟ ନଥିଲା। ଏହି ପ୍ରସଙ୍ଗରେ ସେ ଅଞ୍ଚଳରୁ କୌଣସି ତଥ୍ୟ ପ୍ରମାଣ ମଧ୍ୟ ମିଳିପାରିନାହିଁ। ବଜ୍ରଯାନ ଦେବଦେବୀମାନଙ୍କର କୌଣସି ଗୋଟିଏ ମଧ୍ୟ ମୂର୍ତ୍ତି ଏ ଅଞ୍ଚଳରୁ ଠାବ କିମ୍ବା ଉଦ୍ଧାର କରାଯାଇନାହିଁ, ଯେଉଁଠି କି ଓଡ଼ିଶାର କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ବଜ୍ରଯାନୀ ଦେବଦେବୀ ମୂର୍ତ୍ତିମାନ ଉଦ୍ଧାର କରାଯାଇପାରିଛି।

ଗାନ୍ଧାର ଅଞ୍ଚଳରୁ ବହୁସଂଖ୍ୟକ ବୋଧିସତ୍ତ୍ୱ ମୈତ୍ରେୟଙ୍କର ମୂର୍ତ୍ତିମାନ ଯାହା ଉଦ୍ଧାର କରାଯାଇଛି ତାହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏ ଅଞ୍ଚଳରେ ଏହି ବୌଦ୍ଧ ଦେବତାଙ୍କର ଧର୍ମତତ୍ତ୍ୱର ପ୍ରଚଳନ ଖୁବ ପ୍ରଭାବଶାଳୀ ଢଙ୍ଗରେ କାୟାବିସ୍ତାର କରିଥିବା ଦର୍ଶାଇଥାଏ। ଏହି 'ମୈତ୍ରେୟ ତତ୍ତ୍ୱ' ହେଉଛି 'ସର୍ବାସ୍ତିବାଦୀ'ମାନଙ୍କର। ଏହି 'ମୈତ୍ରେୟ ତତ୍ତ୍ୱ' ମହାଯାନଠାରୁ ଭିନ୍ନ। 'ସର୍ବାସ୍ତିବାଦ' ହେଉଛି 'ହୀନଯାନ' ଅଥବା 'ଥେରବାଦ' ଗୋଷ୍ଠୀର। 'ସର୍ବାସ୍ତିବାଦ' ଏହି ଗାନ୍ଧାର କାଶ୍ମୀର ଅଞ୍ଚଳ ଏବଂ କେନ୍ଦ୍ର ଏସିଆ ଅଞ୍ଚଳରେ ବ୍ୟାପକଭାବେ ପ୍ରଚଳିତ ଥିଲା। ପୁନଶ୍ଚ ଗାନ୍ଧାରରେ ବିକାଶ ଲାଭ କରିଥିଲା ବୌଦ୍ଧ କଳା ଓ ସ୍ଥାପତ୍ୟ। ତେଣୁ କରି ବୁଦ୍ଧ, ଶାକ୍ୟ ମୁନି ଓ ବୋଧିସତ୍ତ୍ୱ ମୈତ୍ରେୟ କୈନ୍ଦ୍ରିକ।

ପଦ୍ମସମ୍ଭବ ହେଉଛନ୍ତି ଜଣେ ଖ୍ୟାତନାମା ବୌଦ୍ଧ ଆଚାର୍ଯ୍ୟ। ତେଣୁ ତାଙ୍କ ଜୀବନ ଚରିତ, କାର୍ଯ୍ୟକଳାପ ତଥା ସଫଳତା ଆଦି ସଂପର୍କରେ ଆଲୋଚନା କଲା ବେଳେ ତାଙ୍କ କାଳରେ ଭାରତବର୍ଷ, ଓଡ଼ିଶା ତଥା ତିବ୍ବତରେ ବୌଦ୍ଧ ଧର୍ମର ସ୍ଥିତି ସଂପର୍କରେ ଜାଣିବା ନିତାନ୍ତ ଆବଶ୍ୟକ। ଏହାବ୍ୟତୀତ କେତେକ ଗବେଷକ ଉଡ୍ଡୀୟାନ କ୍ଷେତ୍ର ସହ ସ୍ୱାତ୍ ଉପତ୍ୟକାର ବିବାଦୀୟ ସଂପର୍କ ଦର୍ଶାଇଥିବାରୁ ଗାନ୍ଧାର-କାଶ୍ମୀର-ସ୍ୱାତ୍-ଉଦ୍ୟାନ ଅଞ୍ଚଳରେ ସେ ସମୟକୁ ବୌଦ୍ଧକଳା ସ୍ଥାପତ୍ୟର ପ୍ରଭାବ ରହିଥିଲା। ଏ ସମସ୍ତ ବିଷୟ ଏବଂ ପ୍ରସଙ୍ଗ ପୂର୍ବରୁ ସମ୍ୟକଭାବେ ବିଭିନ୍ନ ଅଧ୍ୟାୟରେ ସୂଚିତ କରିଦିଆ ଯାଇଛି।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ପରଲୋକ





**ବ୍ୟାସନଗର/ ଭୁବନେଶ୍ୱର, ୨୬।୧୨ (ସମିସ):** କୋରେଇର ପ୍ରଥମ ମହିଳା ବିଧାୟିକା ସଞ୍ଚିତା ମହାନ୍ତିଙ୍କ ପରଲୋକ ଘଟିଛି । ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ସେ ଶେଷ

## ଶେଷଦର୍ଶନ କଲେ ମୋହନ
## ଶୋକବ୍ୟକ୍ତ କଲେ ନବୀନ
## ବିଧାନସଭାରେ ଦିଆଗଲା ଗାର୍ଡ ଅଫ ଅନର

ନିଃଶ୍ୱାସ ତ୍ୟାଗ କରିଛନ୍ତି । ସଞ୍ଚିତା ବିଜେପି ଟିକଟରେ ବିଜୟୀ ହୋଇ ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାକୁ କୋରେଇ ବିଧାନସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ । ବିଧାୟିକା ଭାବେ ସେ କୋରେଇର ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ । ସଞ୍ଚିତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇ ମୁଖ୍ୟମନ୍ତ୍ରୀ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ 'ଏକ୍ସ' ମାଧ୍ୟମରେ ଶୋକ ପ୍ରକାଶ କରିଛନ୍ତି । ଲୋକଙ୍କ ସେବା ଓ ଉନ୍ନତିରେ ସଞ୍ଚିତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ ବୋଲି ନବୀନ କହିଛନ୍ତି । ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

ଆଜି ଅପରାହ୍ଣରେ ବିଧାନସଭା ପରିସରକୁ ସଞ୍ଚିତାଙ୍କ ପାର୍ଥିବ ଶରୀରକୁ ଅଣାଯାଇଥିଲା । ସେଠାରେ ତାଙ୍କୁ ଗାର୍ଡ-ଅଫ୍-ଅନର୍ ପ୍ରଦାନ କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ, ଅମରେନ୍ଦ୍ର ଦାସ, ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଧାନସଭାର କର୍ମଚାରୀମାନେ ତାଙ୍କର ଶେଷଦର୍ଶନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

୧୯୫୮ରେ କଟକ ଗଙ୍ଗାମନ୍ଦିର ଅଞ୍ଚଳରେ ଜନ୍ମିତ ଶ୍ରୀମତୀ ମହାନ୍ତି ସ୍ନାତକ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ସମାପନ କରି ଜଣେ ଆଇନଜୀବୀ ଭାବେ କାର୍ଯ୍ୟ କରିଥିଲେ । ସେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଗୋପୀନାଥ ମହାନ୍ତିଙ୍କୁ ବିବାହ କରିଥିଲେ । ତାଙ୍କର ୨ ଗୋଟି ପୁତ୍ର ସନ୍ତାନ ରହିଥିବା ବେଳେ କିଛି ବର୍ଷ ତଳେ ସ୍ୱାମୀ ଗୋପୀନାଥ ମହାନ୍ତି ମୃତ୍ୟୁବରଣ କରିଥିଲେ । କୋରେଇ ବିଧାୟିକା ଭାବେ ନିର୍ବାଚିତ ହେବା ପରେ ସେ ବିଧାନସଭାରେ ଗୃହ, ମହିଳା ଶିଶୁ ବିକାଶ ବିଭାଗ କମିଟିରେ ସଭ୍ୟ ରହିଥିଲେ । କିଛି ମାସ ହେବ, ସେ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ ।

# ବାଲେଶ୍ୱର ଓ ନୟାଗଡ଼ରେ ଧାନ କିଣା ୨୯ରୁ

## ୩୦ ତାରିଖରେ ଗଜପତି, ୩୧ରେ କନ୍ଧମାଳ

**ଭୁବନେଶ୍ୱର,୨୬।୧୨(ସମିସ):** ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନକିଣା ଜାରି ରହିଥିବାବେଳେ ଆଉ ଚାରୋଟି ଜିଲ୍ଲା ବାଲେଶ୍ୱର, ନୟାଗଡ଼, ଗଜପତି ଓ କନ୍ଧମାଳ ଜିଲ୍ଲାର ଚାଷୀମାନଙ୍କ ପାଇଁ ଆଗୁଆ ଟୋକନ ପ୍ରଦାନ କରାଯାଇଛି । ବାଲେଶ୍ୱର ଓ ନୟାଗଡ଼ ଜିଲ୍ଲାରେ ଆସନ୍ତା ୨୯ ତାରିଖରେ ଧାନସଂଗ୍ରହ ଆରମ୍ଭ ହେଉଥିବାବେଳେ ଗଜପତିରେ ଆସନ୍ତା ୩୦ ତାରିଖରେ ଏବଂ କନ୍ଧମାଳରେ ୩୧ ତାରିଖରେ ଧାନସଂଗ୍ରହ ଆରମ୍ଭ କରାଯିବ ବୋଲି ରାଜ୍ୟ ଯୋଗାଣ ବିଭାଗ କହିଛି । ବାଲେଶ୍ୱର ଜିଲ୍ଲାରେ ୬୫୨୭୩ ଜଣ, ନୟାଗଡ଼ ଜିଲ୍ଲାରେ ୨୮ ୭୨୩, ଗଜପତିରେ ୧୦୧୧୨ ଜଣ ଏବଂ କନ୍ଧମାଳ ଜିଲ୍ଲାରେ ୩୧୭୬ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି । ଏହି ସବୁ ଜିଲ୍ଲାର ମଣ୍ଡି ଗୁଡିକରେ ଅସ୍ଥାୟୀ ଆଶ୍ରୟସ୍ଥଳୀ, ପାନୀୟ ଜଳ, ଶୌଚାଳୟ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ପ୍ରତ୍ୟେକ ମଣ୍ଡିରେ ସିସିଟିଭି ଲଗାଯିବା ସହ ମଣ୍ଡି ମନିଟରିଂ ଅଧିକାରୀ ଓ ସୁପରଭାଇଜିଂ ଅଧିକାରୀମାନେ ଉପସ୍ଥିତ ରହି ଧାନସଂଗ୍ରହ ପ୍ରକ୍ରିୟାର ତଦାରଖ କରିବେ ବୋଲି ବିଭାଗ କହିଛି । ଏତଦ୍‌ବ୍ୟତୀତ ବର୍ତ୍ତମାନ ରାଜ୍ୟର ୧୨ଟି ଜିଲ୍ଲା ବରଗଡ଼, ବଲାଙ୍ଗିର, ବୌଦ୍ଧ, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ରେ ଧାନସଂଗ୍ରହ ଜାରି ରହିଛି । ଏହି ସବୁ ଜିଲ୍ଲାଗୁଡ଼ିକରୁ ବର୍ତ୍ତମାନ ସୁଦ୍ଧା ଏକ ଲକ୍ଷ ୪୧ ହଜାର ୩୮୧ ଜଣ ଚାଷୀଙ୍କଠାରୁ ୬ ଲକ୍ଷ ୩୦ ହଜାର ୪୩୮ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇ ସାରିଲାଣି । ଏହି ଜିଲ୍ଲାଗୁଡ଼ିକରେ ଚାଷୀମାନଙ୍କୁ ସହାୟକ ମୂଲ୍ୟ ବାବଦକୁ ୯୧୯ କୋଟି ୧୩ ଲକ୍ଷ ଟଙ୍କା ଓ ଇନ୍‌ପୁଟ୍ ସହାୟତା ବାବଦକୁ ୨୮୩ କୋଟି ୬୧ ଲକ୍ଷ ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇସାରିଛି ବୋଲି ବିଭାଗ ସୂଚନା ଦେଇଛି ।

**AFFIDAVIT**
By virtue of an affidavit (CF No. 63, Dt-13/11/2025) sworn before the Executive Magistrate, Bhubaneswar, I, Gitanjali Mahakuda, W/o- Gandharba Mahakuda, current resident of Udayagiri Vihar, Patrapada, P.s: Khandagiri, Bhubaneswar-751019, Dist-Khurda & permanent resident of At-Bhuktabhuin, Po-Chhamenda, P.S- Jagannath Prasad, Dist-Ganjam, Odisha, Pin-761121 declare that I have changed my minor son's name from Sibaram Gouda to Sibaram Mahakuda. Henceforth, he shall be known as **Sibaram Mahakuda** (new name) for all purposes.
Gitanjali Mahakuda

**AFFIDAVIT**
By virtue of an affidavit sworn before Executive Magistrate, Bargarh, I Renu Bansal, D/o-Kailash Prasad Bansal residing at Ward No.1, Nadipada, Bargarh, Po./Ps./Dist.- Bargarh, Odisha, Pin-768028 state that, I have changed my name from **Renu Agrawal** to **Renu Bansal**. Henceforth I shall be known as **Renu Bansal** for all future purposes.

**AFFIDAVIT**
I, L Abhinash, aged about 26 years, S/o-Chandrasena Lima, resident of At-Allada, Po-Vallada, Ps- Kashinagar, Dist- Gajapati, Pin-761206, Odisha declare by this affidavit No. 2601, dtd- 26/12/2025, that now onwards I shall be known as **L ABHINASH NAYAK** for all future purposes.

# କୋଟିପତି କନିଷ୍ଠ ଯନ୍ତ୍ରୀଙ୍କ ଘର ସମେତ ୪ ସ୍ଥାନରେ ଭିଜିଲାନ୍ସ ଚଢ଼ଉ

**ମାଲକାନଗିରି,୨୬।୧୨(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାଲକାନଗିରି ଜିଲ୍ଲା ସଦର ବ୍ଲକରେ କାର୍ଯ୍ୟ କରୁଥିବା କନିଷ୍ଠ ଯନ୍ତ୍ରୀ ନୀହାର ରଞ୍ଜନ ସରକାରଙ୍କ ଘର ସମେତ ୪ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି । ସୂଚନାନୁଯାୟୀ, ମାଲକାନଗିରି ବ୍ଲକ୍‌ରେ କାର୍ଯ୍ୟ କରୁଥିବା କନିଷ୍ଠ ଯନ୍ତ୍ରୀ ନୀହାର ରଞ୍ଜନ ସରକାର ୨୦୧୫ ମସିହାରେ କାର୍ଯ୍ୟରେ ଯୋଗ ଦେଇଥିଲେ । ତାଙ୍କ ଚାକିରି ୨୦୨୨ ମସିହାରେ ନିୟମିତ ହୋଇଥିଲା । ଏହାରି ମଧ୍ୟରେ ସେ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ବିଭାଗକୁ ସୁରାକ ମିଳିଥିଲା । ଏହାକୁ ଆଧାର କରି ଜୟପୁର ଓ ସ୍ଥାନୀୟ ଭିଜିଲାନ୍ସର ୪ ଜଣ ଡିଏସପି, ୭ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ମିଳିତ ଭାବେ ଏକକାଳୀନ ଶ୍ରୀ ସରକାରଙ୍କ ନିଜସ୍ୱ ଘର ସମେତ ୪ଟି ସ୍ଥାନରେ ଏହି ଚଢ଼ଉ କରିଥିଲେ । ଜିଲ୍ଲା ସଦରରେ ଥିବା ଜୟନଗର ସ୍ଥିତ ୩ ମହଲା ବିଶିଷ୍ଟ କୋଠା ଘର ସମେତ ଜିଲ୍ଲାର କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ପିଭି-୧୦ଗାଁରେ ଥିବା ପୈତୃକ ଘର, ନବରଙ୍ଗପୁର ଜିଲ୍ଲା ରାଇଘରରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର ଓ ମାଲକାନଗିରିର ବ୍ଲକ୍ କାର୍ଯ୍ୟାଳୟରେ ଥିବା ତାଙ୍କ କକ୍ଷରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଜାରି ରହିଛି । ତେବେ ତାଙ୍କ ନିକଟରୁ ୨ ଲକ୍ଷ ୧୧ ହଜାର ୮୦୦ ଟଙ୍କା ନଗଦ ଜବତ ହୋଇଥିବା ବେଳେ ୮ଟି ମୂଲ୍ୟବାନ ଜମି, ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟାଲ ଜମା ରାଶି ସହ ଅନେକ କିଛି ମିଳିଥିବା ସୂଚନା ମିଳିଛି । ତେବେ ବର୍ତ୍ତମାନ ମଧ୍ୟ ଏହି ଚଢ଼ଉ ଜାରି ରହିଥିବା ଜଣାପଡ଼ିଛି ।

ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

# ଯୁବକଙ୍କ ସ୍ୱାର୍ଥକୁ ଉପେକ୍ଷା କରିଛି ଡବଲ ଇଞ୍ଜିନ ସରକାର

**ଭୁବନେଶ୍ୱର,୨୬।୧୨(ସମିସ):** ଆଜିର ପରିବର୍ତ୍ତିତ ପରିସ୍ଥିତିରେ ଯେଉଁ ନୂତନ ସୂର୍ଯ୍ୟୋଦୟ ହେବ, ଓଡ଼ିଶାର ଯୁବ ସମାଜ ତା'ର ନେତୃତ୍ୱ ନେବ । ଓଡ଼ିଶାରେ ଯୁବ ସମାଜ ହିଁ ପରିବର୍ତ୍ତନର ସୂତ୍ରଧର ହେବେ । ଡବଲ ଇଞ୍ଜିନ ସରକାର ଯୁବକ ମାନଙ୍କ ସ୍ୱାର୍ଥକୁ ଉପେକ୍ଷା କରିଛି । ବିଜେପି ସରକାର ପ୍ରତି ଓଡ଼ିଶାର ଯୁବ ସମାଜ ବିମୁଖ । ସେମାନଙ୍କୁ କର୍ମ ସଂସ୍ଥାନ ଯୋଗାଇବାରେ ସରକାର ଅକ୍ଷମ । ଓଡ଼ିଶାର ମାଟିତଳେ ଅମୂଲ୍ୟ ଖଣିଜ ସମ୍ପଦ ଥାଇ ଓଡ଼ିଆ ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ସୁତରାଂ ଯୁବ ଆନ୍ଦୋଳନ ମାଧ୍ୟମରେ କ୍ଷମତାସୀନ ସରକାର ହଟାଇବା ପାଇଁ ସଂକଳ୍ପ ନେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି । ଶୁକ୍ରବାର ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକରେ ଶ୍ରୀ ଦାସ ଓଡ଼ିଶାର ପ୍ରତି ବୁଥ୍‌ରେ ୫ ଜଣ ସଂଗ୍ରାମୀ ଯୁବ ସାଥୀଙ୍କୁ ଯୁବ କଂଗ୍ରେସ ମୁଖ୍ୟ ସୋତ୍ରରେ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର ବେକାରୀ, ବିଜୁଳି ସଂକଟ, ଚାଷୀ ସମସ୍ୟା, ଦରଦାମ ବୃଦ୍ଧି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ବୁଥସ୍ତରରୁ ଆନ୍ଦୋଳନ ଆରମ୍ଭ ହେବ ବୋଲି ଘୋଷଣା କରିଛନ୍ତି । ସେହିପରି ଅଖିଳ ଭାରତ ଯୁବ କଂଗ୍ରେସ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ୍, ସହ ପ୍ରଭାରୀ ରିୟାନା ରାଜୁ, ଖୁସି ଟିଗା, ଯୁବ କଂଗ୍ରେସର ଆଗାମୀ କାର୍ଯ୍ୟକ୍ରମ ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହାପରେ ମାଷ୍ଟରକ୍ୟାଣ୍ଟିନ ଛକରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଉନ୍ନାଓ ପିଡ଼ୀତାର ବଳାତ୍କାରୀ କୁଲଦିପ୍ ସେନଗାଲକୁ ମିଳିଥିବା ଜାମିନ ପ୍ରତିବାଦରେ ବିକ୍ଷୋଭ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲଙ୍କ ସମେତ ପ୍ରଦେଶ ଯୁବ କଂଗ୍ରେସ କର୍ମକର୍ତ୍ତା, ଜିଲ୍ଲା ସଭାପତି ଏବଂ ବିଧାନସଭା ଯୁବ କଂଗ୍ରେସ ସଭାପତିମାନେ ଯୋଗ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ବିଜେଡି ଅଛି...

ଅନ୍ୟପକ୍ଷରେ ଯୁବ ସମାଜକୁ ଦଳର ଅମୂଲ୍ୟ ସମ୍ପତ୍ତି ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସେବା, ସଂଗ୍ରାମ ଓ ସ୍ୱାଭିମାନ ବିଜେଡିର ମନ୍ତ୍ର; ବିକାଶ ଆମର ପରିଚୟ । ତେଣୁ ବିଜେଡିର ଯୁବ ବନ୍ଧୁ ମାନେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବା ସହ ଦଳ ବିରୋଧରେ ଚାଲିଥିବା ଅପପ୍ରଚାରର ଫଳପ୍ରଦ ମୁକାବିଲା କରନ୍ତୁ । ରାଜନୀତିରେ ଧୈର୍ଯ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ । ଦଳର ଲକ୍ଷ ଲକ୍ଷ କର୍ମୀ ଭାଇ ଭଉଣୀ ମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଛି । ବର୍ତ୍ତମାନର ଆହ୍ୱାନକୁ ସୁଯୋଗରେ ରୂପାନ୍ତରିତ କରି ଏକ ସଶକ୍ତ ଓଡିଶା ଗଠନ ଦିଗରେ ବ୍ରତୀ ହେବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

## ଓଡ଼ିଶାରେ ବିଷ...

ଶୁକ୍ରବାର ବାଲେଶ୍ୱରରେ ଏକ୍ୟୁଆଇ ୩୨୭ ରହିଛି, ଯାହାକି ଅତି ଖରାପ ସ୍ଥିତିରେ ଆସୁଛି । ଏହି ବାୟୁ ଛୋଟ ପିଲା ଓ ବୟସ୍କ ମାନଙ୍କ ପାଇଁ ଅତି ଅସ୍ୱାସ୍ଥ୍ୟକର ହୋଇଥିବାରୁ ଆଗାମୀ ଦିନରେ ଏହା ବାଲେଶ୍ୱରବାସୀଙ୍କ ପାଇଁ ବଡ଼ ଆହ୍ୱାନ ଠିଆ କରିବ ବୋଲି ପରିବେଶବିତ୍ ମତ ଦେଇଛନ୍ତି ।

ବାଲେଶ୍ୱର ସହ ଅନୁଗୋଳ, କଟକ, ବାରିପଦା, ତାଳଚେର ଓ ଭୁବନେଶ୍ୱରର ବାୟୁମାନ ଅତି ଖରାପ ଶ୍ରେଣୀରେ ରହିଛି । ବାୟୁର ମାନ ବି ଖରାପ ଶ୍ରେଣୀରେ ଯାଉଛି । ଅନୁଗୋଳରେ ଏକ୍ୟୁଆଇ ୩୨୧ ରହିଥିବା ବେଳେ କଟକରେ ୩୧୦, ବାରିପଦାରେ୨୮୦, ତାଳଚେରରେ ୨୮୪, ଭୁବନେଶ୍ୱର ୨୬୭ରେ ପହଞ୍ଚିଛି । ଗତକାଲି ଅର୍ଥାତ୍ ଗୁରୁବାର ବାଲେଶ୍ୱରରେ ବାୟୁ ପ୍ରଦୂଷଣ ଦିଲ୍ଲୀ ପରି ହୋଇଥିଲା । ଗୁରୁବାର ଅପରାହ୍ନ ୪ଟା ସମୟରେ ବାଲେଶ୍ୱର ଏକ୍ୟୁଆଇ ୩୩୮ ସହ ଦେଶରେ ଶୀର୍ଷ ପ୍ରଦୂଷିତ ସହର ମାନ୍ୟତା ପାଇଥିବାବେଳେ ୩୨୦ ଏକ୍ୟୁଆଇ ସହିତ ତାଳଚେର ଦେଶର ଦ୍ୱିତୀୟ ସ୍ଥାନରେ ରହିଥିଲା । ଦେଶର ସର୍ବାଧିକ ପ୍ରଦୂଷିତ ସହର ଭାବରେ ପରିଚିତ ଦିଲ୍ଲୀରେ ଏକ୍ୟୁଆଇ ୨୩୪ରେ ଥିବାବେଳେ ଓଡ଼ିଶାର ବାଲେଶ୍ୱର, ବାରିପଦା, ତାଳଚେର ଦିଲ୍ଲୀକୁ ବି ଅତିକ୍ରମ କରିଥିଲା ।

ବାୟୁର ମାନ ଦିନକୁ ଦିନ ଖରାପ ହେଉଥିବା ହେତୁ ଓୟୁଏଟିର ପୂର୍ବତନ କୁଳପତି ତଥା ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ସକାଳେ ଓ ବିଳମ୍ବିତ ସନ୍ଧ୍ୟା (୮ଟା ପର୍ଯ୍ୟନ୍ତ) ବୟସ୍କ ଓ ଶିଶୁମାନଙ୍କୁ ବାହାରକୁ ନ ଯିବାକୁ ପରାମର୍ଶ ଦେଇଛନ୍ତି । ଖରାପ ବାୟୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିବାରୁ ପ୍ରାତଃଭ୍ରମଣ ଓ ସନ୍ଧ୍ୟା ଭ୍ରମଣରେ ନ ଯିବା ପାଇଁ ମଧ୍ୟ ସେ କହିଛନ୍ତି । ନିର୍ମାଣ ଶ୍ରମିକ, ବୃଦ୍ଧ, ଶିଶୁ, ହୃଦରୋଗୀ ଓ ଶ୍ୱାସ ରୋଗୀମାନେ ଏନ୍-୯୫ ମାସ୍କ ବ୍ୟବହାର କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ଏଭଳି ପ୍ରଦୂଷଣକୁ ଲୁଗା, ରୁମାଲ ଓ ସାଧାରଣ ମାସ୍କ ପ୍ରତିହତ କରିପାରିବ ନାହିଁ । ପିଏମ୍ ୨.୫ ଅତି କ୍ଷୁଦ୍ର ଓ ଏହା ଶ୍ୱାସନଳି ଦେଇ ରକ୍ତରେ ସିଧା ମିଶିଥାଏ । ତେଣୁ ପିଲାମାନେ ସ୍କୁଲ୍ ଗଲା ବେଳେ ଅଭିଭାବକମାନେ ସେମାନଙ୍କ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

ରାଜ୍ୟରେ ସାଧାରଣତଃ ନିର୍ମାଣ କାର୍ଯ୍ୟ ବର୍ଷତମାମ ରହୁଥିବା ବେଳେ ଶୀତ ଦିନେ ଏହାର ଅନେକ କୁ ପ୍ରଭାବ ପଡ଼ୁଛି । ରାସ୍ତା ଉପରେ ବାଲି ଗୋଡ଼ି ଆଦି ଜମି ହୋଇ ରହୁଛି । ଗାଡି ଚାଲିବା ଦ୍ୱାରା ସେହି ଧୂଳି ଉଡୁଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି । ମାତ୍ର ଓଡ଼ିଶାରେ ଏହା ସଠିକ ଭାବରେ କାର୍ଯ୍ୟକାରୀ ହେଉନାହିଁ । ଏହି ସ୍ଥିତି ଆଗକୁ ଆହୁରି ବିଗିଡ଼ିବା ପୂର୍ବରୁ ଠୋସ୍ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଦିଲ୍ଲୀଠାରୁ ଭୟଙ୍କର ବାୟୁ ପ୍ରଦୂଷଣ ହେବା ଏକ ପ୍ରକାର ନିଶ୍ଚିତ ବୋଲି ପରିବେଶବିତ୍ ଆକଳନ କରିଛନ୍ତି ।

## ଉତ୍ତର ପ୍ରଦେଶରୁ ...

ହୋଇସାରିଛି । ୨୩.୩୨ ଲକ୍ଷ ନକଲି ଭୋଟର ଜଣାପଡ଼ିଛନ୍ତି । ୮୪.୨୦ ଲକ୍ଷ ନିଖୋଜ ଅଛନ୍ତି । ୯.୩୭ ଲକ୍ଷ ଫର୍ମ ଜମା କରିନାହାନ୍ତି । ଉତ୍ତର ପ୍ରଦେଶରେ ୧୫ ଦିନ ସମୟ ବଢ଼ିବାରୁ ଭୋଟର ସଂଖ୍ୟା ପ୍ରାୟ ୨ ଲକ୍ଷ ବୃଦ୍ଧି ପାଇଛି । ଏହା ପୂର୍ବରୁ ୧୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଏସଆଇଆର ତାଲିକା ଜାରି ହୋଇସାରିଛି । ଏହି ସବୁ ରାଜ୍ୟରୁ ୩.୬୯ କୋଟି ଭୋଟରଙ୍କୁ ବାଦ ଦିଆଯାଇଛି । ଏମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ୪୨.୭୪ ଲକ୍ଷ, ଛତିଶଗଡ଼ର ୨୭.୩୪ ଲକ୍ଷ, କେରଳର ୨୪.୦୮ ଲକ୍ଷ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ୩.୧୦ ଲକ୍ଷ, ପଶ୍ଚିମବଙ୍ଗରୁ ୫୮.୨୦ ଲକ୍ଷ, ରାଜସ୍ଥାନରୁ ୪୧.୮୫ ଲକ୍ଷ, ଗୋଆରୁ ୧୧.୮୫ ଲକ୍ଷ, ପୁଡୁଚେରିରୁ ୧.୦୩ ଲକ୍ଷ, ଲାକ୍ଷାଦ୍ୱୀପରୁ ୧୬୧୬, ତାମିଲନାଡୁରୁ ୯୭ ଲକ୍ଷ ଏବଂ ଗୁଜରାଟରୁ ୭୩ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଥିଲା ।

# ଧାନ ବିଲରୁ ନରକଙ୍କାଳ ଜବତ

**ବିଞ୍ଝାରପୁର, ୨୬।୧୨(ସମିସ):** ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତ ବାମଦେବପୁର ଚାଷ ଜମିରୁ ଶୁକ୍ରବାର ଏକ ନରକଙ୍କାଳ ଜବତ ହୋଇଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ସୂଚନା ମୁତାବକ ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତ ବାମଦେମପୁର ଗ୍ରାମ ସନ୍ନିକଟ ବିଲରେ ନର କଙ୍କାଳ ପଡ଼ିଥିବା ଗ୍ରାମବାସୀ ଦେଖି ବିଞ୍ଝାରପୁର ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି କଙ୍କାଳଟିକୁ ଜବତ କରିବା ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ ଗତ ୨ ମାସ ହେବ, ସେହି ଗ୍ରାମର ଶ୍ରୀଧର ମଲ୍ଲିକ ନିଖୋଜ ଥିବାରୁ ଏହି କଙ୍କାଳଟି ଶ୍ରୀଧରଙ୍କର ବୋଲି ତାଙ୍କ ପରିବାର ଆଶଙ୍କା କରିଛନ୍ତି । କେହି ତାଙ୍କୁ ହତ୍ୟା କରି ବିଲକୁ ଫିଙ୍ଗିଦେଇଥିବା ଅଭିଯୋଗ କରିଛନ୍ତି । ତେବେ ଏହି ଘଟଣାର ତଦନ୍ତ ପରେ କଙ୍କାଳର ପ୍ରକୃତ ରହସ୍ୟ ଜଣାପଡିବ ବୋଲି ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ସୂଚନା ଦେଇଛନ୍ତି ।

# ତେଲଙ୍ଗାନାରେ ଓଡ଼ିଆ ଯୁବତୀଙ୍କୁ ହତ୍ୟା

**କୋକସରା,୨୬।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳରେ ଦାଦନ ସମସ୍ୟା ଉତ୍କଟ ହେବାରେ ଲାଗିଛି । ସପ୍ତାହକରେ ୩ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ଗତ ୧୮ ତାରିଖ ଦିନ କୋକସରା ବ୍ଲକ୍ ଖୁଣ୍ଟିଆପଞ୍ଚାୟତ ମିର୍ଜାପୁର ଗ୍ରାମର ଅନୀଲ ସାଗର (୪୫)ଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ତାରିଖ ଦିନ ଧର୍ମଗଡ ବିଜ୍ଞାପନ ଅଞ୍ଚଳ କେବିଡ଼ି ଗ୍ରାମର ନନ୍ଦ ଗୋପାଳଙ୍କ ମୃତ୍ୟୁ ହୋଇଛି । ପୁଣି କଳାହାଣ୍ଡି ଜିଲ୍ଲା ଦଣ୍ଡପାଟ ଅଞ୍ଚଳ ଜୟନ୍ତପୁର ପଞ୍ଚାୟତ କାଣ୍ଡପଡାଗ୍ରାମର ଜଣେ ଦାଦନ ଶ୍ରମିକ ଯୁବତୀଙ୍କ ହତ୍ୟା ହୋଇଥିବା ଚର୍ଚ୍ଚା ହୋଉଛି । କାଣ୍ଡପଡା ଗ୍ରାମର ଯୁବତୀ ଜେମାମଣି କାଣ୍ଡ (୧୯)ଙ୍କ ତେଲେଙ୍ଗାନା ଖମନପ୍ରକାଶ ନଗର ନଦୀବ୍ରିଜ ନିକଟରେ ମୃତଦେହ ପଡିଥିବା ସକାଳେ ଦେଖିବାକୁ ମିଳିଥିଲା । ତେବେ ପରିବାରଙ୍କ ସୂଚନା କ୍ରମେ କୌଣସି କାରଣ ପାଇଁ ବଡ଼ିଫରରୁ ସେ ନଦୀବ୍ରିଜକୁ ଯାଇ ଫେରି ନଥିଲେ । ତାଙ୍କ ମୃତଦେହ ବ୍ରିଜ ତଳେ ପଡି ରହିଥିବା ଲୋକେ ଦେଖି ପୁଲିସକୁ ଖବର ଦେବାରୁ ସେଠାକାର ପୁଲିସ ପହଞ୍ଚି ଶବଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି । ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଆଲୋଚନା ହୋଉଛି । କିଛି ମାସ ତଳେ ପରିବାର ସହ ଯୁବତୀ ଜଣକ ତେଲେଙ୍ଗାନା ଖମନପ୍ରକାଶନଗର ଅଞ୍ଚଳର ଜଣେ ଠିକାଦାର ପାଖରେ ଦାଦନ ଶ୍ରମିକ ଭାବେ ଇଟା ଭାଟିରେ ନିୟୋଜିତ ରହି କାମ କରୁଥିଲେ । ବାପା ଦେିତାରି ମାଆ ଓ ଭାଇ ମିଶି ଉଦେ ନାମକ ଠିକାଦାର ପାଖରେ କାମ କରି ଆସୁଥିଲେ ।

# ଜାନୁଆରି ୨୧ରେ ଏସ୍‌ଏସ୍‌ଟିଇଟି

**କଟକ, ୨୬।୧୨ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆନୁକୂଲ୍ୟରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି) ପରୀକ୍ଷା ଆସନ୍ତା ଜାନୁଆରି ୨୧ତାରିଖରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି । ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ଦୁଇଟିଯାକ ପେପର୍‌ର ପରୀକ୍ଷା ଗୋଟିଏ ସିଟିଂରେ କରାଯିବ । ପରୀକ୍ଷା ସକାଳ୧୦ଟାରୁ ଦିନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସେହିଭଳି ଜାନୁଆରି ୧୦ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ କରାଯିବ । ପରୀକ୍ଷାର୍ଥୀମାନେ ଏହାକୁ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

## ମୁଖ୍ୟମନ୍ତ୍ରୀ କୃଷକ ସହାୟତା ଯୋଜନା (CM-KISAN):

ମୁଖ୍ୟମନ୍ତ୍ରୀ କୃଷକ ସହାୟତା ଯୋଜନା (CM-KISAN) ଓଡ଼ିଶା ସରକାରଙ୍କ ଏକ ରାଜ୍ୟ ସ୍ତରୀୟ ଯୋଜନା, ଯାହା ଅନ୍ତର୍ଗତ ଭୂମିଧାରୀ ଚାଷୀ ଏବଂ ଭୂମିହୀନ କୃଷି ପରିବାରମାନଙ୍କୁ ଆର୍ଥିକ ସହାୟତା DBT (Direct Benefit Transfer) ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି ।

**ଅନଲାଇନ୍ ସୁବିଧା (ପୋର୍ଟାଲ୍):**
- ନୂତନ ଆବେଦନ
- ବ୍ୟାଙ୍କ ଖାତା ସଂଶୋଧନ
- e-KYC ସମ୍ପୂର୍ଣ୍ଣ କରିବା

**ବାଧ୍ୟତାମୂଳକ ଆବଶ୍ୟକତା:**
- ବ୍ୟାଙ୍କ ଖାତା ସହ ଆଧାର ସଂଯୋଗିକରଣ
- କୃଷକ ଓଡ଼ିଶା ପୋର୍ଟାଲ୍‌ରେ ପଞ୍ଜିକରଣ
- ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ, ହିତାଧିକାରୀମାନେ ଆଧାର ସହ ଲିଙ୍କ୍ ଥିବା ମୋବାଇଲ୍ ନମ୍ବର ମାଧ୍ୟମରେ e-KYC କରାଇ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ CM-KISAN ପୋର୍ଟାଲ୍ ମାଧ୍ୟମରେ ପଞ୍ଜିକରଣ କରାଇ ନେବେ ।

**ଆବେଦନ / e-KYC ର ଶେଷ ତାରିଖ: ୩୧ ଡିସେମ୍ବର ୨୦୨୫**

ଯୋଗ୍ୟ କୃଷକମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ e-KYC ସମ୍ପୂର୍ଣ୍ଣ କରି ଯୋଜନାର ଲାଭ ନେବା ପାଇଁ cmkisan.odisha.gov.in ପୋର୍ଟାଲ୍‌ରେ ଆବେଦନ/ଅଦ୍ୟତନ କରିବାକୁ ଅନୁରୋଧ ।
ସହାୟତା | ହେଲ୍ପଲାଇନ୍: 155261/011-24300606
ଏହି ଯୋଜନା କୃଷକମାନଙ୍କ ଆର୍ଥିକ ସୁରକ୍ଷା ଓ ଚାଷ କାର୍ଯ୍ୟରେ ସହଯୋଗ ପ୍ରଦାନ କରେ ।

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର**
Chief District Agriculture Officer, Bargarh

O-1823
Email:- rw_dharmagarh@yahoo.com
GOVERNMENT OF ODISHA
OFFICE OF THE SUPERINTENDINGENGINEER
RURAL WORKS DIVISION, DHARMAGARH
BID IDENTIFICATION NO. DMGH/Online-11 OF 2025-26 Dates:15.12.2025
**"e" PROCUREMENT NOTICE**
Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in
1.Name of the Work :Road & Building works in the district of Kalahandi as mentioned in DTCN
2. Total No of Works : 21No.
3.Estimated Cost :Rs.44.06 lakhs to Rs.2.54 lakhs
4.Period of Completion: : 01 & 02 Calendar Month
5.Other Details:

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 29.12.2025 At 10.00 AM | 08.01.2026 Up to 5.00 PM | 05.01.2026 Up to 5.00 PM | 09.01.2026 At 11.00 AM |

Further details can be seen from the website www.tendersorissa.gov.in
Superintending Engineer
Rural Works Division
Dharmagarh
OIPR-25100/11/0037/2526

OHPC
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST: BALIMELA, DIST.- MALKANGIRI (ODISHA) PIN-764051
Phones: 06861-291058(0)/ 06861-291048(R)
<E mail- bhep.balimela@gmail.com, unit.head_balimela@yahoo.com>
CAD-2820
**TENDER CALL NOTICE NO: BHEP/54/2025-26 DATED. 23.12.2025**
Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SLNO | Description of Services | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. | Period of availability of tender at OHPC website. | Last date & Time of receipt of Tender. | Date & Time of opening of bid. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01. | HIRING OF 01 (ONE) NUMBER OF MAHINDRA BOLERO AMBULANCE OR EQUIVALENT VEHICLE ALONG WITH PROVISION OF DRIVER FOR (03) THREE YEARS UNDER BHEP, BALIMELA. | Rs. 7080/- (Rupees Seven Thousand Eighty) only | Rs 19,006/- | From 30.12.2025 to up to 11.30 hrs on 13.01.2026 | 11:30 Hrs of 13.01.2026 | 12:00 Hrs of 13.01.2026 |

For details of the tender documents, terms & conditions please visit our website www.ohpcltd.com.
C&P Head
BHEP, Balimela
OIPR-04019/11/0135/2526

C-1894
ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର
OFFICE OF THE RAJGANGPUR MUNICIPALITY, RAJGANGPUR
ପୌରପାଳିକା କାର୍ଯ୍ୟାଳୟ: ରାଜଗାଙ୍ଗପୁର-୭୭୦୦୧୭
Municipality Office Rajgangpur-770017
Tel:-06624-220454
Rajgangpur Municipality | Rajgangpur_Mun | rajgangpurm.hud@od.gov.in
No. 5472 Date 23.12.2025
**QUOTATION CALL NOTICE**
Quotations in closed cover from the registered manufacturers/suppliers are hereby invited for supply of Wheel Barrows & Tricycle to this Municipality of the specification mentioned hereunder. The quotations should reach to the undersigned on or before **08.01.2026 by 4.00 P.M.** Which will be opened on the same day at 4.30 P.M. in presence of the quotationers or their authorised representatives. The quotation received after due date and time will not be taken into consideration.
WHEEL BARROW
1. 6cft. Capacity Box type double Wheel Barrow – Body made of 18 gauge G.I.Plate, frame with 25mm x 6mm size M.S.Flat with 2 Nos. of handles made of 30 x 30x5mm M.S.Angle, 2 Nos. of M.S.Pipes covered with rubber hand grip, 1 No.25mm M.S.Rod Axel, 2 Nos. 50x6mm M.S.spring, 2 Nos. 12"x2" solid rubber pasted disc type wheel etc. complete with enamel painting over Red oxide primer and written "Rajgangpur Municipality" with Serial No. on the Body.
TRICYCLE
2. The container made of 18 gauge galvanized sheet with 30x30x5mm M.S.Angle iron & 25x5mm Flat iron frame mounted on heavy duty Rickshaw chasis with KW frame, fork, mudguard, handle, seat, break, chain, Rickshw tyre & tubes with heavy duty Rims and Axle painted complete. Container size 4ftx3ftx1ft 8 inch height.
Note:- A supplier can submit quotation either all the items or any of the items.
The following term & conditions should be followed at the time of furnishing the quotations.
1. Copy of up-to date GST clearance certificate should be attached with the quotation.
2. The materials in good condition/quality shall be delivered to the Municipality Office Godown.
3. EMD for Rs.10,000/ and cost of Tender paper for Rs.4,000/- should be deposited - in shape of Bank Draft /Cash in favour of the Executive Officer
The authority reserves the right accept or reject any or all quotations without assigning any reason thereof.
Executive Officer
Rajgangpur Municipality
OIPR-13094/11/0027/2526

● ଡାକ୍ତରଙ୍କ ଦାବି ପୂରଣ କରିବାରେ ରାଜ୍ୟ ସରକାର ବିଫଳ

# ଉପଖଣ୍ଡ ହସ୍ପିଟାଲରେ ୧୦ରୁ ୧୧ ପର୍ଯ୍ୟନ୍ତ ଓପିଡି ସେବା ବନ୍ଦ

ରାଇରଙ୍ଗପୁର, ୨୬।୧୨(ସମିସ): ଡାକ୍ତରଙ୍କ ବିଭିନ୍ନ ସମସ୍ୟା ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବାବେଳେ ସରକାର ଅଣଦେଖା କରିବା ସହ ଦାବି ପୂରଣ କରିବାରେ ବିଫଳ ହୋଇଛନ୍ତି। ଯାହାକୁ ନେଇ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଶୁକ୍ରବାରଠାରୁ ଡାକ୍ତରମାନେ ସମୂହ ପ୍ରତିବାଦ ଆରମ୍ଭ କରିଛନ୍ତି। ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସକାଳ ୧୦ରୁ ୧୧ ପର୍ଯ୍ୟନ୍ତ ୧ ଘଣ୍ଟା ଓପିଡି ସେବା ବନ୍ଦ କରି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଓମ୍‌ସା ଡାକରାକ୍ରମେ ଦାବି ପୂରଣ ନେଇ ଡାକ୍ତରମାନେ ପ୍ରତିବାଦ କରିଛନ୍ତି। ଯାହାକୁ ନେଇ ରୋଗୀ ସେବା ପ୍ରଭାବିତ ହୋଇଛି। ଉକ୍ତ ଆନ୍ଦୋଳନରେ ଶତାଧିକ ଡାକ୍ତର ସାମିଲ ହୋଇଛନ୍ତି। ରାଜ୍ୟରେ ଡାକ୍ତରଙ୍କ ଅଭାବ ସତ୍ତ୍ୱେ ନୂଆ ନିଯୁକ୍ତି ଓ ସ୍ଥାୟୀ ପଦ ସ୍ଥାପନ କରିବାରେ ସରକାର ଅସଫଳ ରହିଛନ୍ତି। ଏଥିସହିତ କାର୍ଯ୍ୟସ୍ଥଳରେ ସୁରକ୍ଷା ଅଭାବ, ବାରମ୍ବାର ହେଉଥିବା ହିଂସା, ଅତିରିକ୍ତ କାମ ଚାପ ଓ ଯଥୋଚିତ ଭତ୍ତା ନ ମିଳିବାକୁ ନେଇ ଡାକ୍ତରମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରୀ ଡାକ୍ତରଙ୍କ ଉକ୍ତ ଧର୍ମଘଟ ଦୀର୍ଘଦିନ ଧରି ସରକାରୀ ଅବହେଳା ପାଇଁ କରାଯାଉଛି ବୋଲି ଓମ୍‌ସା ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ସେମାନଙ୍କ ସୁରକ୍ଷା, ସେବା ଓ ମର୍ଯ୍ୟାଦା ପ୍ରଦାନ କରିବାରେ ନିରବଦ୍ରଷ୍ଟା ସାଜିଛନ୍ତି। ଉକ୍ତ ଧର୍ମଘଟ ରୋଗୀଙ୍କ ବିରୋଧରେ ନୁହେଁ, ବରଂ ସ୍ୱାସ୍ଥ୍ୟସେବାର ଅସୁବିଧା ଓ ସରକାରୀ ଅବହେଳା ବିରୋଧରେ ଆନ୍ଦୋଳନ ବୋଲି ଆନ୍ଦୋଳନରତ ଡାକ୍ତର କହିଛନ୍ତି। ଦୈନିକ ଏକ ଘଣ୍ଟା ଓପିଡି ସେବା ବନ୍ଦ କରାଯାଉଛି। ଧର୍ମଘଟ ସମୟରେ ଜରୁରୀ ସେବା, ଆପାତକାଳୀନ ବିଭାଗ, ମାତୃ ଓ ଶିଶୁ ସେବା ଓ ସମସ୍ତ ଜୀବନରକ୍ଷକ ସେବା ସମ୍ପୂର୍ଣ୍ଣ ଭାବେ ଜାରି ରହିବ ବୋଲି ଡାକ୍ତର କହିଛନ୍ତି। ଏ ପରିପ୍ରେକ୍ଷୀରେ ଡାକ୍ତରଙ୍କ ପକ୍ଷରୁ ୧୮ ଦଫା ଦାବିପତ୍ର ବାମନଘାଟି ଉପଜିଲ୍ଲାପାଳ, ଏସଡିପିଓ, ରାଇରଙ୍ଗପୁର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏ ଅବସରରେ ସଭାପତି ତଥା ଏସଡିଏମଓ ଡା ରବୀନ୍ଦ୍ର ନାଥ ମାଣ୍ଡି, ଉପସଭାପତି ଡା ପ୍ରମୋଦ କୁମାର ସାହୁ, ସମ୍ପାଦକ ଡା ସୌମେଶ ମହାନ୍ତ, ସହସମ୍ପାଦକ ଡା ଦେବେନ୍ଦ୍ର ନାଥ ଟୁଡୁ, କୋଷାଧ୍ୟକ୍ଷ ଡା. ମାନସି ସିଂ, ଡା. ଗିତା ଟୁଡୁ, ଡା ଗୋବିନ୍ଦ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।



ଆନ୍ଦୋଳନ ଯୋଗୁଁ ପ୍ରଭାବିତ ହେଉଛି ରୋଗୀ ସେବା

## ପିକ୍‌ଅପ-ବାଇକ୍ ମୁହାଁମୁହିଁ: ଜଣେ ମୃତ, ଦୁଇ ଗୁରୁତର

ରାଇରଙ୍ଗପୁର/ବହଲଦା, ୨୬।୧୨(ସମିସ): ଶୁକ୍ରବାର ପୂର୍ବାହ୍ନରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବାବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଉର୍ଲୁମଗୋଡା ଛକ ନିକଟରେ ପିକ୍‌ଅପ ଓ ବାଇକ ମୁହାଁମୁହିଁ ଧକ୍କାରେ ଜଣକ ମୃତ୍ୟୁ ହୋଇଥିବାବେଳେ ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ବହଲଦା ଥାନା ଅନ୍ତର୍ଗତ ତିଶ୍ରୀଆ ଗ୍ରାମର ରାଜେଶ ହେମ୍ବ୍ରମ (୩୮)। ଗୁରୁତର ଆହତ ଦୁଇ ଯୁବକଙ୍କ ଶଳା ଆଶିଷ ପାଲ ଓ କ୍ରିଷ୍ଣା ପାଲ। ଉଭୟ ଆହତଙ୍କ ଘର ଝାଡ଼ଖଣ୍ଡର ମୁସାବଣୀ ଅଞ୍ଚଳରେ ବୋଲି ଜଣାପଡ଼ିଛି। ରାଜେଶ ସାଙ୍ଗରେ ଦୁଇ ଜଣଙ୍କୁ ଏକ ବାଇକ ଯୋଗେ ଝାଡ଼ଖଣ୍ଡରୁ ତିଶ୍ରୀଆ ଗ୍ରାମକୁ ନେଇ ଆସୁଥିଲେ। ତିରିଂ ଥାନା ଅନ୍ତର୍ଗତ ଟାଙ୍ଗରପୋଡା ଗ୍ରାମ ନିକଟସ୍ଥ ଉର୍ଲୁମଗୋଡା ଛକରେ ବିପରୀତ ଦିଗରୁ ଦ୍ରୁତଗାମୀ ପିକ୍‌ଅପ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ରାଜେଶଙ୍କ ମୁଣ୍ଡରେ ଶକ୍ତ ଆଘାତ ଯୋଗୁଁ ପ୍ରଚୁର ରକ୍ତସ୍ରାବ ହେବା ସହ ଅନ୍ୟ ଦୁଇ ଜଣ ଆହତ ହୋଇଥିଲେ। ସ୍ଥାନୀୟଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ତିନି ଜଣଙ୍କୁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରାଜେଶଙ୍କୁ ମୃତ ଘୋଷଣା କରିଥିଲେ।

## ରାଜ୍ୟ ଡମ ସମାଜ ବିକାଶ ସମିତି ଅଧିବେଶନ



ବାରିପଦା, ୨୬।୧୨(ସମିସ): ରାଜ୍ୟ ଡମ ସମାଜ ବିକାଶ ସମିତି ପକ୍ଷରୁ ବାରିପଦାସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସମେତ ପଡ଼ୋଶୀ ଜିଲ୍ଲାର ଡମ ସମ୍ପ୍ରଦାୟର ଲୋକମାନେ ଅଂଶଗ୍ରହଣ କରିଥିଲେ। ଉପସଭାପତି ମନୋରଞ୍ଜନ କୁଅଁରଙ୍କ ସଭାପତିତ୍ୱରେ ବୈଠକ ଆୟୋଜନ କରାଯାଇଥିଲା। ବୈଠକରେ ଡମ ସମାଜ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ଥିବା ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱାଧୀନତାର ୭୮ ବର୍ଷ ପରେ ବି ଡମ ସମାଜ ଅବହେଳିତ ହୋଇରହିଛି। ଡମ ସମାଜର ଏକତ୍ରୀକରଣ, ଶିକ୍ଷାର ବିକାଶ, ନିଶା ନିବାରଣ, ବାଲ୍ୟ ବିବାହ ଉଚ୍ଛେଦ, ଯୌତୁକ ପ୍ରଥା ବନ୍ଦ, କୁପ୍ରଥା ଉଚ୍ଛେଦ, ଶିକ୍ଷାର ବିକାଶ, ପ୍ରଥା ଓ ବିଧିବିଧାନଗୁଡ଼ିକର ସୁରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏହି ଅବସରରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରାଯାଇଛି। ସଭାପତି ଭାବେ କରମଚାନ୍ଦ କାଳନ୍ଦୀ, ଉପସଭାପତି ଭାବେ ମନୋରଞ୍ଜନ କୁଅଁର, ସମ୍ପାଦକ ଭାବେ ବିଶ୍ୱରଞ୍ଜନ ଦାସ, ସହ ସମ୍ପାଦକ ଭାବେ ଅମିତ କୁମାର ବୈଠା, କୋଷାଧ୍ୟକ୍ଷ ମୌଲେନ୍ଦ୍ର କାଳନ୍ଦୀ, ଆକାଉଣ୍ଟ ଓ ଅଡିଟର ଭାବେ ମହେଶ୍ୱର ବେହେରାଙ୍କ ନାମ ଘୋଷଣା କରାଯାଇଛି। ଡମ ସମାଜର ସ୍ୱାର୍ଥହାସଲପାଇଁଆଗକୁରାଜ୍ୟସରକାରଙ୍କଉପରେଚାପସୃଷ୍ଟିକରିବାପାଇଁରାଜ୍ୟଡମ ସମାଜ ବିକାଶ ସମିତି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ସାନ୍ତାଳୀ ଗାୟକଙ୍କ ଶ୍ରାଦ୍ଧକ୍ରିୟା ପାଇଁ ଆର୍ଥିକ ସହାୟତା

ରାଇରଙ୍ଗପୁର, ୨୬।୧୨(ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ଭାତଛତର ଗ୍ରାମର ସୁନାମଧନ୍ୟ ସାନ୍ତାଳୀ ଗାୟକ ସାକିଲା କିସ୍କୁଙ୍କ ଶ୍ରାଦ୍ଧକ୍ରିୟା ପାଇଁ 'ଅଲ୍ ଇଣ୍ଡିଆ ସାନ୍ତାଳୀ ହୋ ମୁଣ୍ଡା ଆର୍ଟିଷ୍ଟ ଆସୋସିଏସନ' ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସାକିଲା କିସ୍କୁ ଏକାଧାରାରେ ଜଣେ ଗାୟକ, ସଙ୍ଗୀତ ଲେଖକ ଓ ନିର୍ଦ୍ଦେଶକ ଥିଲେ। ସେ ସଙ୍ଗୀତ ଜଗତରେ ଅନେକ ଆଧୁନିକ ଓ ପାରମ୍ପରିକ ଶୃତିମଧୁର ସଙ୍ଗୀତ ପରିବେଷଣ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଉପଲବ୍ଧି ଅନୁସାରେ ପ୍ରଶଂସକଙ୍କ ମଧ୍ୟରେ ଜଣେ ଷ୍ଟାର୍ କଳାକାର ଛବି ସୃଷ୍ଟି କରିଥିବାବେଳେ ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ସରଳ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସାନ୍ତାଳୀ ସଙ୍ଗୀତ ଜଗତରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଛି। ଆସନ୍ତା ୨୮ ତାରିଖରେ ସାକିଲାଙ୍କ ଶ୍ରାଦ୍ଧକର୍ମ ଥିବାବେଳେ ଅଲ୍ ଇଣ୍ଡିଆ ସାନ୍ତାଳୀ, ହୋ, ମୁଣ୍ଡା ଆର୍ଟିଷ୍ଟ ଆସୋସିଏସନ ପକ୍ଷରୁ ରାମଚନ୍ଦ୍ର ସୋରେନ୍, କୁମାର ସାୱାନ, ବାରିଆଲ ହେମ୍ବ୍ରମ, କୁନୁ ମାରାଣ୍ଡି, ରାମଜିତ୍ ସୋରେନ, ସାଲଖାନ ଟୁଡୁ, ଜ୍ୟୋତିର୍ମୟୀ ସୋରେନ୍, ଦେବରାଜ, ଲାଲା, ଶାଙ୍ଖ ପ୍ରମୁଖଙ୍କ ଉପସ୍ଥିତିରେ ତାଙ୍କ ଧର୍ମପତ୍ନୀ, ମାଆ ଓ ପୁଅଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ପୁରାତନ ଛାତ୍ର ସଂସଦର ବନ୍ଧୁ ମିଳନ ଉତ୍ସବ

ରାସଗୋବିନ୍ଦପୁର, ୨୬।୧୨(ସମିସ): ରାସଗୋବିନ୍ଦପୁର ବ୍ଲକ ନାକିଚୁଆ ପଞ୍ଚାୟତ ଅନ୍ତର୍ଗତ ଚିଞ୍ଚଲଗଡ଼ିଆ ଗୋପୀନାଥଜୀଉ ଉଚ୍ଚ ବିଦ୍ୟାଳୟର ୨୦୦୦ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ନେଇ ଗୁରୁବାର ବିଦ୍ୟାଳୟ ପରିସରରେ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନଗେନ ବିହାରୀ ଜେନା ଏଥିରେ ସଭାପତିତ୍ୱ କରି ୨୫ ବର୍ଷ ପୂର୍ବେ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ସରକାରୀ/ବେସରକାରୀ ଅନୁଷ୍ଠାନମାନଙ୍କରେ ନିୟୋଜିତ ଥିବା ଜାଣି ସଫଳ ଛାତ୍ରଛାତ୍ରୀ ବିଦ୍ୟାଳୟର ଅମୂଲ୍ୟ ସମ୍ପତ୍ତି ବୋଲି ସେମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ଚାନ୍ଦ, ଅଚ୍ୟୁତାନନ୍ଦ ଗିରି, ଖେଳ ଶିକ୍ଷକ ଗଦାଧର ପାତ୍ର, ରଘୁନାଥ ମହାପାତ୍ର, ବିଜୟ ବେହେରା, ବର୍ତ୍ତମାନର ପ୍ରଧାନଶିକ୍ଷକ ତୁଷାରକାନ୍ତ ପାତ୍ର, ପିଅନ ଗୌରଗୋପାଳ ଦାସ, ସନ୍ତୋଷ ସେନାପତି, କିରାଣି ପ୍ରଫୁଲ୍ଲ ଚନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ଅମର କୁମାର ଦେ ସଭା ପରିଚାଳନା କରିଥିଲେ। ଅନ୍ୟ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଣଜିତ୍ କୁମାର ଦତ୍ତ, ସତ୍ୟଜିତ୍ ଦାସ, ସୁବ୍ରତ ବାରିକ, ଧନଞ୍ଜୟ ସାହୁ, ରାଜୀବ ବାରିକ, ସମୀର ସ୍ୱାଇଁ, ଚିତ୍ତରଞ୍ଜନ ଗିରି, ବିକ୍ରମ କେଶରୀ ପାତ୍ର, ସୁମିତ୍ରା ମହାପାତ୍ର, ଲବଙ୍ଗଲତା ବେହେରା, ମିତାଲି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ଶିକ୍ଷକଙ୍କୁ ଫଟୋଚିତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ପୁରାତନ ଛାତ୍ର ସଂସଦର ସହଯୋଗରେ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପାଇଁ ଶିକ୍ଷକଶିକ୍ଷୟିତ୍ରୀ ପ୍ରସ୍ତାବ ଆଗତ କରିଥିଲେ। ଜ୍ୟୋତିର୍ମୟ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ୩୧ରୁ ବେତନଟୀ ୟଙ୍ଗ୍ ମ୍ୟାନ୍ ଆସୋସିଏସନର ସାମ୍ବତ୍ସରିକ ଉତ୍ସବ

ବେତନଟୀ, ୨୬।୧୨(ସମିସ): ଉତ୍ତର ଓଡ଼ିଶାର ପ୍ରତିଷ୍ଠିତ ଐତିହ୍ୟସମ୍ପନ୍ନ ଶିଶୁ ଯୁବ ସାଂସ୍କୃତିକ ଅନୁଷ୍ଠାନ ଯାହା ୧୯୯୩ ମସିହାରେ ପ୍ରତିଷ୍ଠିତ ଏହାର ୩୨ତମ ସାମ୍ବତ୍ସରିକ ଉତ୍ସବ ତଥା ନବ ବର୍ଷକୁ ସ୍ୱାଗତ କରାଯିବାର କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖରୁ ଆରମ୍ଭ ହେବ। ଏହା ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଅନୁଷ୍ଠାନର କର୍ମକର୍ତ୍ତା ସଭାପତି ରାଜକିଶୋର ନାୟକ, ସାଧାରଣ ସମ୍ପାଦକ ଜନମନ ବେହେରା ଓ ଉପସଭାପତି ଇଂ. ସୁଶାନ୍ତ କୁମାର ବଳାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଓ କର୍ମକର୍ତ୍ତାଙ୍କ ପକ୍ଷରୁ ଏହି ଉତ୍ସବରେ ଅନ୍ୟ ବର୍ଷ ପରି ଶିଶୁ, ଯୁବକ, ଗୃହିଣୀ ଓ ଅନ୍ୟାନ୍ୟ ସମସ୍ତ ବର୍ଗର ବ୍ୟକ୍ତିବିଶେଷ ହଜାର ହଜାର ସଂଖ୍ୟାରେ ଯୋଗଦେବାକୁ ଅନୁରୋଧ କରାଯାଇଛି। ଏଥିଲେ ପଡ଼ୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ସମେତ ଅନ୍ୟାନ୍ୟ ଅଞ୍ଚଳରୁ ଅନେକ ବର୍ଗର ପ୍ରତିଯୋଗୀମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ପ୍ରତିଦିନ ଧମାକାଦାର୍ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

## ଖଲାଡ଼ିରେ ଧାନମଣ୍ଡି ଉଦ୍‌ଘାଟିତ

ଉଦଳା, ୨୬।୧୨(ସମିସ): ଉଦଳା ବ୍ଲକ ଅନ୍ତର୍ଗତ ଖଲାଡି ପଞ୍ଚାୟତର ଖଲାଡି ଲ୍ୟାମ୍ପ ପକ୍ଷରୁ ଆରମ୍ଭ ହେବ ଧାନକିଣା। ଆଜି ଉଦଘାଟିତ ହୋଇଛି ଖଲାଡି ଧାନମଣ୍ଡି। ଧାନମଣ୍ଡି ଉଦଳା ବ୍ଲକ ଖଲାଡି ପଞ୍ଚାୟତର ଚୁଳିଆପୋଷିଠାରେ ଉଦଘାଟିତ ହୋଇଛି। ଉଦଳା ବିଧାୟକ ଭାସ୍କର ମଢେଇ, ଉପଜିଲ୍ଲାପାଳ ସୁଶାନ୍ତ ବାରିକ ଏହି ମଣ୍ଡିର ଉଦଘାଟନ କରିଛନ୍ତି। ପୂର୍ବ ବର୍ଷ ମାନଙ୍କରେ ମଣ୍ଡିକୁ ନେଇ ଉପୁଜିଥିବା ସମସ୍ୟା ଚଳିତ ବର୍ଷ ନ ଉପୁଜିବ ତାହା ଉପରେ ଗୁରୁତ୍ୱ ଦେବାକୁ ସମସ୍ତ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ। ବିଶେଷକରି ଧାନ କଟନୀ, ଛଟନି, ମିଲରଙ୍କ ମନମାନି ଏ ସବୁ ଦିଗ ଉପରେ ନଜର ଦେବା ପାଇଁ ସ୍ପେସିଆଲ ଟାସ୍କଫୋର୍ସ ଗଠନ କରାଯାଇଛି। ଯାହାକି ଚଳିତ ବର୍ଷ ମଣ୍ଡିରେ ଧାନ କିଣାରେ କୌଣସି ସମସ୍ୟା ହେବ ନାହିଁ ବୋଲି କହିଛନ୍ତି ବିଧାୟକ। ଚାଷୀ ଏଫଏକ୍ୟୁ ମାନର ଧାନ ଓ ପ୍ରଥମେ ଟୋକନ ପାଇଥିବା ଚାଷୀଙ୍କ ଧାନ ପ୍ରଥମେ ଗ୍ରହଣ କରାଯିବ। ବ୍ଲକ ଅଧିନରେ ୨୪ଟି ମଣ୍ଡିରେ କିପରି ସଠିକ ଭାବେ ଧାନ କ୍ରୟ ହୋଇପାରିବ, ସେ ନେଇ ପ୍ରଶାସନ ସଜାଗ ଅଛି ବୋଲି କହିଛନ୍ତି ଉପଜିଲ୍ଲାପାଳ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ଉଦଳା ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## କରଞ୍ଜିଆରେ ଧାନ କ୍ରୟ ଆରମ୍ଭ



କରଞ୍ଜିଆ, ୨୬।୧୨(ସମିସ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାରେ ଆଜିଠାରୁ ଧାନ ସଂଗ୍ରହ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ଆଜି କରଞ୍ଜିଆ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଉପଖଣ୍ଡସ୍ତରୀୟ ଧାନମଣ୍ଡି ଉଦଘାଟିତ ହୋଇଛି। ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ଜିଲ୍ଲା ଧାନସଂଗ୍ରହ କମିଟି ସଦସ୍ୟ ତଥା ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ମଦନ ମୋହନ ମହାନ୍ତ, କରଞ୍ଜିଆ ତହସିଲଦାର ଦିବାକର ମାଝୀ, ଅତିରିକ୍ତ ସମବାୟ ନିବନ୍ଧକ ବସନ୍ତ ନାଏକ, ସହକାରୀ ଯୋଗାଣ ଅଧିକାରୀ ସୁଶୀଲ କୁମାର ଜେନା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଜୟଦ୍ରଥ ମହାନ୍ତ, କରଞ୍ଜିଆ ଲ୍ୟାମ୍ପସ ଏମଡି ଭବାନୀ ଶଙ୍କର ମହାନ୍ତ, କରଞ୍ଜିଆ ଲ୍ୟାମ୍ପସ ସଭାପତି ଗିରିଶ ଚନ୍ଦ୍ର ନାଏକ, ମନୋଜ ମହାନ୍ତ, ଗଣେଶ ରାଇସ ମିଲ ମାଲିକ ସନ୍ତୋଷ ପଟୱାରୀଙ୍କ ସହିତ କିଛି ଚାଷୀଙ୍କ ଉପସ୍ଥିତିରେ ଧାନ ମଣ୍ଡି ଉଦଘାଟନ ହୋଇଥିଲା। ତେବେ ଚାଷୀଙ୍କୁ ଟୋକନ ମିଳିବା ବିଳମ୍ବ ହେତୁ ମଣ୍ଡିରେ ଗୋଟାଏ ବି ଧାନ ପହଞ୍ଚିନଥିଲା।

ସ୍ପେଶାଲ ଛୁଟିରେ ଆସି ୨୦ ବର୍ଷ ଧରି ଫେରାର ଥିଲା କଏଦୀ

## କଏଦୀକୁ ଧରି ଜେଲ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କଲା ପୁଲିସ

ରାଇରଙ୍ଗପୁର, ୨୬।୧୨(ସମିସ): ଆଜୀବନ କାରାଦଣ୍ଡ ଭୋଗୁଥିବା ଜଣେ କଏଦୀ ସ୍ପେଶାଲ ଛୁଟିରେ ଆସି ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଫେରାର ଥିଲା। ଦୀର୍ଘଦିନ ପରେ ପୁଲିସ ଧରି ଜେଲ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅରବନ୍ଧ ଗ୍ରାମରେ। ଫେରାର କଏଦୀ ଜଣକ ନଗେନ୍ଦ୍ରନାଥ ବେହେରା। ସେ ହତ୍ୟାକାଣ୍ଡ ମାମଲାରେ ଗିରଫ ହୋଇ ରାଇରଙ୍ଗପୁର ଉପଖଣ୍ଡ କାରାଗାରରେ ଥିଲା।



୧୯୯୭ରେ ଉକ୍ତ ହତ୍ୟାକାଣ୍ଡ ମାମଲାର ଶୁଣାଣି ହୋଇଥିବାବେଳେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତାଙ୍କୁ ଆଜୀବନ କାରାଦଣ୍ଡ ପ୍ରଦାନ କରାଯାଇଥିବାରୁ ବାରିପଦାସ୍ଥ ମଣ୍ଡଳ କାରାଗାରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ୯ ବର୍ଷ ସଜା କାଟିବା ପରେ ଫୋରଲୋ ସ୍ପେଶାଲ ଛୁଟିରେ ଘରକୁ ଯିବାକୁ ଆବେଦନ କରିଥିଲେ। ଜିଲ୍ଲା ଓ ପୁଲିସ ପ୍ରଶାସନ ସହ ଆଲୋଚନା କରି ତାଙ୍କୁ ୧୦।୧।୨୦୦୬ରେ ସ୍ପେଶାଲ ଛୁଟିରେ ଘରକୁ ଛଡ଼ାଯାଇଥିଲା। ତାଙ୍କୁ ୨୪।୧।୨୦୦୬ ସୁଦ୍ଧା ଜେଲକୁ ପ୍ରତ୍ୟାବର୍ତ୍ତନ କରିବାର ଥିଲା। ସେ ଫେରି ନ ଥିଲେ କିମ୍ବା ତାଙ୍କର କୌଣସି ପତ୍ତା ମିଳି ନ ଥିଲା। କିଛିଦିନ ଖୋଜାଖୋଜି କରିବା ପରେ ପୁଲିସ ବି ଚୁପ ହୋଇରହିଯାଇଥିଲା। ତେବେ ଜେଲ୍‌ରୁ କଏଦୀ ପାରୋଲ୍ ଓ ସ୍ପେଶାଲ ଲିଭରେ ଯାଇ ଜେଲ୍‌କୁ ଫେରୁ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜେଲ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ଫେରାର କଏଦୀଙ୍କ ଘର ପାଖ ଥାନାରେ ଏତଲା ଦେବା ସହ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଜେଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ବର୍ତ୍ତମାନର ବାରିପଦା ମଣ୍ଡଳ କାରାଗାରର ବରିଷ୍ଠ ଅଧୀକ୍ଷକ ପାରୋଲ ଓ ଛୁଟିରେ ଫେରି ନ ଥିବା କଏଦୀଙ୍କ ଯାଞ୍ଚ ସମୟରେ ଉକ୍ତ ଘଟଣା ସମ୍ମୁଖକୁ ଆସିଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ମାମଲା ରୁଜୁ କରି ଉକ୍ତ କଏଦୀକୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ତାଙ୍କ ଘରୁ ଗିରଫ କରିଛି। ଏତେଦିନ ପରେ ପୁଲିସ କଏଦୀ ଜଣକୁ ଧରିବାରେ ସଫଳ ହୋଇଥିବାବେଳେ ରାଇରଙ୍ଗପୁର ଉପଖଣ୍ଡ ଜେଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ସେ ବହୁଦିନ ଧରି ଫେରାର ଥିବା ନେଇ ମାମଲା ହୋଇଥିବାରୁ ପ୍ରଥମେ ରାଇରଙ୍ଗପୁର ଉପଖଣ୍ଡ କାରାଗାରରେ ସଜା ଭୋଗିବେ। ପରେ ବାରିପଦା ମଣ୍ଡଳ କାରାଗାରକୁ ବାକି ଥିବା ଆଜୀବନ କାରାଦଣ୍ଡ ଭୋଗିବାକୁ ଯିବେ ବୋଲି ସୂଚନା ମିଳିଛି।

## ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ସାଂସଦଙ୍କ ଦାବି

ବାରିପଦା, ୨୬।୧୨(ସମିସ): ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସରକାରଙ୍କ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁରଠାରେ ଅମର୍ଦ୍ଦା ଏୟାରଷ୍ଟ୍ରିପ ପ୍ରସ୍ତୁତ କରାଯାଇ ଏହାକୁ ଯୁଦ୍ଧ କାର୍ଯ୍ୟରେ ବ୍ୟବହାର କରାଯାଉଥିଲା। ପରବର୍ତ୍ତୀ ସମୟରେ ଏହାକୁ ସାମରିକ କାର୍ଯ୍ୟରେ କିଛି ବର୍ଷ ବ୍ୟବହାର କରିବା ପରେ ଏହା ପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଥିଲା। ଦୀର୍ଘ ବର୍ଷର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ଦେଉ ନ ଥିଲେ। ୨୦୨୨ରେ କେନ୍ଦ୍ର ସରକାର ଏହାକୁ ଉଡାନ ଯୋଜନାରେ ସାମିଲ କରି ପାଣ୍ଠି ବରାଦ କରିଥିଲେ। ପ୍ରତିରକ୍ଷା ମନ୍ତ୍ରାଳୟର ସ୍ୱୀକୃତି ମିଳିବା ପରେ ଏଥିପାଇଁ ୧୬୦.୩୫ ଏକର ଜମି ଯୋଗାଇବା ପାଇଁ ରାଜ୍ୟ ସରକାର ୨୬.୦୪ କୋଟି ଟଙ୍କା ପ୍ରତିରକ୍ଷା ବିଭାଗକୁ ପୈଠ କରିସାରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ସର୍ଭେ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇସାରିଛି। ଶିମିଳିପାଳ ଅଭୟାରଣ୍ୟ, ଚାନ୍ଦିପୁର ବନ୍ଦର, କୁଳଡିହା ଅଭୟାରଣ୍ୟକୁ ଲକ୍ଷ୍ୟ ରଖି ଭୁବନେଶ୍ୱର-ଅମର୍ଦ୍ଦା ରୁଟରେ ୯ ଆସନ ବିଶିଷ୍ଟ ଉଡ଼ାଜାହାଜ ଚଳାଇବାକୁ ସ୍ଥିର କରାଯାଇଛି। ଏଥିପାଇଁ ମାତ୍ର ୪୫ କୋଟି ପାଣ୍ଠି ବରାଦ ହୋଇଥିବାରୁ ସାଂସଦ ମମତା ମହାନ୍ତ ଉଦବେଗ ପ୍ରକାଶ କରିବା ସହ ଉଡାନ ଯୋଜନା ମାଧ୍ୟମରେ ଅଧିକରୁ ଅଧିକ ପାଣ୍ଠି ବରାଦ କରିବା ସହ ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ରାସଗୋବିନ୍ଦପୁରର ଏୟାରଷ୍ଟ୍ରିପକୁ ବ୍ୟବସାୟିକ ତଥା ଘରୋଇ ଉଡାଣ ପାଇଁ ବ୍ୟବହାର କରାଯାଇପାରିଲେ ଉତ୍ତର ଓଡ଼ିଶା ଓ ସୀମାବର୍ତ୍ତୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଲୋକେ ଉପକୃତ ହେବେ ବୋଲି ସାଂସଦ ଶ୍ରୀମତୀ ମହାନ୍ତ ପ୍ରସ୍ତାବ ଦେଇଛନ୍ତି। କେବଳ ସାମରିକ ବା ପର୍ଯ୍ୟଟନ ପାଇଁ ଏହାର ବ୍ୟବହାରକୁ ସୀମିତ ନ ରଖି ଘରୋଇ ବ୍ୟବସାୟ ଭିତ୍ତିକ ଉଡ଼ାଜାହାଜ ଚଳାଚଳର ସ୍ୱୀକୃତି ଦେବା ସହ ଉପଯୁକ୍ତ ପାଣ୍ଠି ଯୋଗାଇ ଦେଇ ଏହାର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ସାଂସଦ ଶ୍ରୀମତୀ ମହାନ୍ତ ତାଙ୍କ ପତ୍ରରେ ପ୍ରସ୍ତାବ ଦେଇଛନ୍ତି।

## ଫେବୃଆରୀ ୧୬ରୁ ଖିଚିଂ ମହୋତ୍ସବ

ଶୁକ୍ଳି, ୨୬।୧୨(ସମିସ): ତ୍ରୟୋଦଶ ଖିଚିଂ ମହୋତ୍ସବ ନିମନ୍ତେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଦି ଗ୍ରେଟର ଟୁରିଜିମ୍ ଡେଭଲପ୍‌ମେଣ୍ଟ କମିଟିର ସଭାପତି ତଥା ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ସୁମନ୍ତ ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୬ ଫେବୃଆରୀ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବା ନେଇ ସୂଚନା ଦେଇଥିଲେ। ବୈଠକରେ ଅଜୟ ସାହୁ, ଦିଲ୍ଲୀପ ପାଣିଗ୍ରାହୀ, ହିମାଂଶୁ ନାଏକ, ସ୍ୱରୂପ ଚନ୍ଦ୍ର ଦାସ ଅଧିକାରୀ, ସୁଶାନ୍ତ ନାଏକ, କୀର୍ତ୍ତନ ନାଏକ, ନଗେନ ପାଲ୍, ପତି କାରୁଆଙ୍କ ସମେତ କମିଟି ସଦସ୍ୟ ତଥା ବୁଦ୍ଧିଜୀବୀ ଉପସ୍ଥିତ ରହି ମତାମତ ଦେଇଥିଲେ।



## ମହୁଲଡିହା ଓ ଚମ୍ପାଝରରେ ଧାନମଣ୍ଡି ଉଦ୍‌ଘାଟିତ



ମହୁଲଡିହା, ୨୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଚଳିତ ଖରିଫ ଋତୁ ୨୦୨୫-୨୬ ବର୍ଷ ନିମନ୍ତେ ମହୁଲଡିହା ଲ୍ୟାମ୍ପସର ମହୁଲଡିହା ଓ ଚମ୍ପାଝରଠାରେ ଧାନମଣ୍ଡି ଉଦଘାଟନ ହୋଇଯାଇଛି। ଲ୍ୟାମ୍ପର ସଭାପତି ଦିଲ୍ଲୀପ ନାୟକ ଫିତାକାଟି ଦୁଇଟି ମଣ୍ଡି ଉଦଘାଟନ କରିଛନ୍ତି। ମହୁଲଡିହାରେ ଜିଲ୍ଲା ପରିଷଦ ସଭ୍ୟ ପ୍ରହ୍ଲାଦ ମଢ଼େଇ, ନୋଡାଲ ଅଫିସର ଭାବେ ସାତକୋଶିଆ ରାଜସ୍ୱ ନିରୀକ୍ଷକ ଅବିନାଶ କୁମାର ନାୟକ, ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆର ମନୋରଞ୍ଜନ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପର ସମସ୍ତ ପରିଚାଳନା ସମିତି ସଦସ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ। ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ମହୁଲଡିହା ଲ୍ୟାମ୍ପସରେ ମହୁଲଡିହା, ଭାଲିଆଡାଳ, ସାତକୋଶିଆ ଶାଳଚୁଆ ଓ ଧାତିକିଡିହା ୫ଟି ଓ ଚମ୍ପାଝର ମଣ୍ଡିରେ ଚମ୍ପାଝର ଓ ଜରକ ୨ଟି ପଞ୍ଚାୟତର ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିବେ। ମହୁଲଡିହାରେ ସୋମବାର, ମଙ୍ଗଳବାର ଓ ବୁଧବାର ୩ ଦିନ ଚାଷୀ ଧାନ ବିକ୍ରି କରିବେ ବୋଲି ଜଣାପଡ଼ିଛି।

ଜିଲ୍ଲାସ୍ତରୀୟ ଖରିଫ ଧାନମଣ୍ଡି ଉଦ୍‌ଘାଟିତ

# ପ୍ରଥମ ଦିନ ଦୁଇଜଣ ଚାଷୀଙ୍କ ୧୫୦ କ୍ୱିଣ୍ଟାଲ ଧାନ କ୍ରୟ

ମୋରଡା, ୨୬।୧୨(ସମିସ): ମୋରଡା ବ୍ଲକ ଅନ୍ତର୍ଗତ ଚିତ୍ରଡା ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ପରିସରରେ ଶୁକ୍ରବାର ଜିଲ୍ଲାସ୍ତରୀୟ ଖରିଫ ଧାନମଣ୍ଡି ଜିଲ୍ଲାପାଳ ହେମକାନ୍ତ ସାଏଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଭାବେ ମୁଖ୍ୟ ଖାଦ୍ୟ ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋକନାଥ ମିଶ୍ର, ଇନ୍ସପେକ୍ଟର ଅଜିତ ବିଶ୍ୱାଳ, ଉପନିବନ୍ଧକ ଅଶୋକ ପାଣି, ସହକାରୀ ନିବନ୍ଧକ ତୁଷାରକାନ୍ତି ମହାନ୍ତି, ଚିତ୍ରଡା ଲ୍ୟାମ୍ପ ମ୍ୟାନେଜିଂ ଡାଇରେକ୍ଟର ବୀର ପ୍ରସାଦ ଶମ୍ଭୁନାରାୟଣ ରାଠୋର, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ମାର୍କେଟିଂ ଇନ୍ସପେକ୍ଟର ପ୍ରବୀର ପାତ୍ର ଓ ବ୍ଲକ ଅଧ୍ୟକ୍ଷ ପୀଥନାଥ ସରେନ ଯୋଗଦେଇଥିଲେ। ପ୍ରଥମେ ପୂଜାର୍ଚ୍ଚନା କରାଯାଇ ଜିଲ୍ଲାପାଳ ଫିତାକାଟି ମଣ୍ଡିକୁ ଉଦଘାଟନ କରିଥିଲେ। ଚଳିତବର୍ଷ ଧାନ କିଣାରେ ସ୍ୱଚ୍ଛତା ଆଣିବା ପାଇଁ ମଡେଲ ଲ୍ୟାମ୍ପ ନିର୍ମାଣ କରାଯାଇ ସମସ୍ତ ସ୍ଥାନରେ ସିସିଟିଭି ଲଗାଯାଇଥିବାବେଳେ ତଦାରଖ ପାଇଁ ନୋଡାଲ ଅଫିସର ଭାବେ ଦୁଇଜଣ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଦାୟିତ୍ୱରେ ଅଛନ୍ତି। ଚାଷୀଙ୍କ ପାଇଁ ଉତ୍ତମ ମାନର ସେଡ, ଶୌଚାଳୟ, ଫାଷ୍ଟଏଡ଼, ହେଲ୍ପ ଡେସ୍କ ଆଦି ସମସ୍ତ ସୁବିଧା କରାଯାଇଛି। ଏଫ୍‌ଏକ୍ୟୁ ଧାନ ବିନା କଟନି ଛଟନିରେ କିଣାଯିବ। ଚାଷୀମାନେ କିପରି ସେମାନଙ୍କର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୪ରୁ ୭୨ ଘଣ୍ଟା ମଧ୍ୟରେ ପାଇପାରିବେ, ଧାନର ଅଭାବୀ ବିକ୍ରି ଯେପରି ନ ହେବ, ସେଥିପ୍ରତି ଧ୍ୟାନ ଦେବାକୁ ଜିଲ୍ଲାପାଳ ପ୍ରକାଶ କରିଛନ୍ତି।



■ ବିନା କଟ୍‌ନି ଛଟନିରେ କିଣାଯିବ ଚାଷୀଙ୍କ ଧାନ: ଜିଲ୍ଲାପାଳ

## ସ୍ୱାସ୍ଥ୍ୟ ଓ ପୋଷଣ ସଚେତନତା କାର୍ଯ୍ୟକ୍ରମ

ଶୁକ୍ଳି, ୨୬।୧୨(ସମିସ): ଗାଲୁସାହି ପଞ୍ଚାୟତ ଗାଲୁସାହି ଗ୍ରାମରେ ଏକଜୁଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ସାମୁଦାୟିକା ଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମାଆ ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ପୋଷଣରେ ଉନ୍ନତି ଆଣିବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୁପୋଷଣ କିପରି ଦୂର କରିବା, ବାଲ୍ୟବିବାହକୁ ରୋକିବା ଏବଂ ସାମାଜିକ ଅନ୍ଧବିଶ୍ୱାସକୁ ଦୂର କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗାଲୁସାହି ପଞ୍ଚାୟତର ସମିତିସଭ୍ୟା କନକଲତା ନାଏକ, ଗ୍ରାମର ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଉପସ୍ଥିତ ଥିଲେ। ମାଆ ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପୋଷଣରେ କିପରି ଉନ୍ନତି ଆଣିପାରିବେ ସେ ବିଷୟରେ ଗାଁ ଲୋକଙ୍କୁ ଜଣାଇଥିଲେ। ଗାଲୁସାହି ଗ୍ରାମର ମାଆମାନେ ମଧ୍ୟ ଗ୍ରାମରେ ହେଉଥିବା ପିଏଲ୍ଏ ବୈଠକଗୁଡ଼ିକ ନିଜ ନିଜର ଅନୁଭୂତି ଲୋକମାନଙ୍କୁ କହିଥିଲେ। ଏହି ସାମୁଦାୟିକ ବୈଠକକୁ ଏକଜୁଟ୍‌ର ପୋଷଣ ସାଥି ପ୍ରିୟଙ୍କା ମହାନ୍ତ, ହାରାମଣି ମହାନ୍ତ, ସସ୍ମିତା ପାତ୍ର ଗାଁ ଲୋକଙ୍କ ସହଯୋଗରେ ଆୟୋଜନ କରିଥିଲେ ଏବଂ ଏକଜୁଟ୍‌ର ସୁପରଭାଇଜର ଶରତ ମହାନ୍ତ ତାଙ୍କୁ ସହଯୋଗ କରିଥିଲେ।

# ମାଂସ ପାଇଁ ଟଙ୍କା ନ ଦେବାରୁ ସ୍ତ୍ରୀକୁ ହତ୍ୟାକଲା ସ୍ୱାମୀ

ବାରିପଦା, ୨୬ ।୧୨(ସମିସ)

ମାଂସ ପାଇଁ ଟଙ୍କା ନ ଦେବାରୁ ବାଡ଼ିରେ ପିଟି ପିଟି ସ୍ତ୍ରୀକୁ ନୃଶଂସ ଭାବେ ହତ୍ୟା କରିଛି ସ୍ୱାମୀ। ଅମାନବୀୟ ହୋଇ ବାଡ଼ିରେ ପିଟି ପିଟି ନିଜ ସ୍ତ୍ରୀଙ୍କୁ ହତ୍ୟା କରିଛି ସ୍ୱାମୀ। ବାଙ୍ଗିରିପୋଷି ଥାନା ସିମିଳା ଛକ ନିକଟରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତକ ମହିଳା ହେଲେ ନିନି ମୁଣ୍ଡା ଓ ଅଭିଯୁକ୍ତ ସ୍ୱାମୀ ଦେବେନ୍ଦ୍ର ସିଂ। ଏ ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି।

ସୂଚନା ମୁତାବକ, ଗୁରୁବାର ରାତିରେ ମାଂସ ଆଣିବାକୁ ଟଙ୍କା ମାଗିଥିଲା ଅଭିଯୁକ୍ତ। କିନ୍ତୁ ରାଗ ହେଲା ଚଣ୍ଡାଳ। ଟଙ୍କା ନ ଦେବାରୁ ରାଗରେ ଏକ ବାଡ଼ି ସାହାଯ୍ୟରେ ନିଜ ସ୍ତ୍ରୀକୁ ନିର୍ଘୁମ ବାଡେଇ ଥିଲା। ସକାଳୁ ଉଠି ଦେଖିଲା ବେଳକୁ ମହିଳାଙ୍କ ମୃତ୍ୟୁ ଘଟିଥିଲା। ବାଙ୍ଗିରିପୋଷି ପୁଲିସ ଖବର ପାଇ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଶବ ଜବତ ପରେ ବାରିପଦା ପିଆରଏମ ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ଅପରପକ୍ଷରେ ହତ୍ୟା ଅଭିଯୋଗରେ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ମୃତ ନିନି ଅଭିଯୁକ୍ତ ଦେବେନ୍ଦ୍ରଙ୍କ ତୃତୀୟ ପତ୍ନୀ ବୋଲି ଜଣାପଡ଼ିଛି।



# ବାଜପେୟୀଙ୍କ ଜୟନ୍ତୀରେ ସାରସ୍ୱତ ସଭା

ବାରିପଦା, ୨୬ ।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ସୁଶାସନ ଦିବସରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ଦେଶାତ୍ମବୋଧକ କବିତା ମହାଯଜ୍ଞର ସଫଳ ଆୟୋଜନ ହୋଇଯାଇଛି। ଏହି ସାରସ୍ୱତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜନମାନସରେ ଦେଶପ୍ରେମ, ଜାତୀୟ ଚେତନା ଓ ସୁଶାସନର ମୂଲ୍ୟବୋଧକୁ ସାହିତ୍ୟ ମାଧ୍ୟମରେ ଅନୁପ୍ରାଣିତ କରିବା। ଅଧ୍ୟାପକ ସମରେନ୍ଦ୍ର ବସାଙ୍କ ପୌରୋହିତ୍ୟରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ, ସାହିତ୍ୟ ସାଧନା, ସୁଶାସନ ସମ୍ପର୍କରେ ଆଲୋକାପାତ କରିଥିଲେ। ବରିଷ୍ଠ କବି ଅଜିତ କବାଟ ମୁଖ୍ୟବକ୍ତା, ପରିଷଦର ସଭାପତି ପଦ୍ମନାଭ ସାହୁ ଓ ସମ୍ପାଦକ ମନୋଜ ଦଳବେହେରା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଡ. ଶଶୀଧର ବିଶ୍ୱାଳ କବିତା ସଂଯୋଜନା କରିଥିଲେ। କବି ଗୋପାଳ ସାଓ, ବାସନ୍ତୀଲତା ମହାପାତ୍ର, ବିରଜା ଦେବୀ, ପାର୍ବତୀ ବାରିକ, ଶିଉଲାଲ ମହାନ୍ତ, ଭାସ୍ୱତୀ ପଣ୍ଡା, ବନମାଳୀ ପାତ୍ର, ଅଜିତ ପାଣିଗ୍ରାହୀ, ଡ. ସଞ୍ଜୀବ ପାଣିଗ୍ରାହୀ, ଶଙ୍କର ଜେନା, ମିତାରାଣୀ ସାହୁ, ଡ. ଗାୟତ୍ରୀ ଦେ, ନରସିଂହ ବାରିକ, ରାଜେନ୍ଦ୍ର ସାମଲ, ରାଜଲକ୍ଷ୍ମୀ ତ୍ରିପାଠୀ ପ୍ରମୁଖ ସ୍ୱଲିଖିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ।



## ସ୍ତ୍ରୀକୁ ମାରିଦେଲା ସ୍ୱାମୀ

କପ୍ତିପଦା, ୨୬।୧୨(ସମିସ): ପ୍ରେମ ବିବାହ କରି ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣ କଲା। ପୁଣି ପରକିୟା ପ୍ରୀତି ସନ୍ଦେହରେ ତଣ୍ଟି ଉପରେ ଚଢ଼ି ହତ୍ୟା କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଶରତ ଥାନା ଶୁଖୁଆପଟାର ଗ୍ରାମରେ। କୁଶସିଂ (୫୦) ନାଗୀସିଂ(୪୫)କୁ ପ୍ରେମ ବିବାହ କରିଥିଲା। ପ୍ରେମ ସମ୍ପର୍କ କିଛିଦିନ ନିବିଡ଼ ହେବା ପରେ ଆରମ୍ଭ ହେଲା ସନ୍ଦେହ। ସାଇପଡ଼ିଶାରେ କାହା ସହିତ କଥାହେଲେ ସନ୍ଦେହ କରି ସ୍ୱାମୀ ସ୍ତ୍ରୀଙ୍କ ଭିତରେ ହେଉଥିଲା ଝଗଡ଼ା। ଗତକାଲି ଏମିତି କିଛି କଥାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ଝଗଡ଼ା ଏତେ ଉଗ୍ର ହୋଇଥିଲା ଯେ ସ୍ୱାମୀ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀକୁ ମାଡ଼ ମାରିବା ସହିତ ତଣ୍ଟି ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ସ୍ତ୍ରୀ ନାଗୀସିଂର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଶରତ ଥାନା ପୁଲିସ ପହଞ୍ଚି ଅଭିଯୁକ୍ତ ସ୍ୱାମୀ କୁଶସିଂକୁ ଗିରଫ କରିବା ସହିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।



## ଗାଡ଼ି ଧକ୍କାରେ ଯୁବକ ମୃତ

ରାଇରଙ୍ଗପୁର, ୨୬।୧୨(ସମିସ): ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଦୁନା ନାଏକ(୪୫)। ରାତିରେ ହାଟରୁ ଫେରୁଥିବା ସମୟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ପ୍ରଚୁର ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍‌ପିଟାଲକୁ ପଠାଇଥିଲେ। ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ବିଜେପିର ବାରିପଦା ଉତ୍ତର ମଣ୍ଡଳ କମିଟି ଗଠନ

ବାରିପଦା, ୨୬ ।୧୨(ସମିସ): ବିଜେପି ବାରିପଦା ନଗର ଉତ୍ତର ମଣ୍ଡଳର ନୂତନ କମିଟି ଗଠିତ ହୋଇଥିବା ଜଣାଯାଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅନୁମୋଦନ କ୍ରମେ ବାରିପଦା ଉତ୍ତର ନଗର ମଣ୍ଡଳ ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ପଣ୍ଡା ଗୁରୁବାର ନିଜର ନୂତନ ମଣ୍ଡଳ କମିଟି ଘୋଷଣା କରିଛନ୍ତି। ଇନ୍ଦୁଭୂଷଣ ଜେନା, ସଞ୍ଜିତ ବେହେରା, ଶମ୍ଭୁନାଥ ସାହୁ, ରଞ୍ଜନ ମହାନ୍ତି, କ୍ରିଷ୍ଣା ବେହେରା ଓ ଦୁର୍ଗାମଣି ଆଚାର୍ଯ୍ୟ ନୂତନ ଉପସଭାପତି ଭାବେ ମନୋନୀତ ହୋଇଥିବାବେଳେ ସାଧାରଣ ସମ୍ପାଦକ ଭାବେ ବିକାଶ ବାରିକ ଓ ପବିତ୍ର ମୋହନ ମହାନ୍ତିଙ୍କୁ ଚୟନ କରାଯାଇଛି। ସମ୍ପାଦକ ଭାବେ ଶୁଭଲକ୍ଷ୍ମୀ ସାହୁ, ସଞ୍ଜୀବ ମହାନ୍ତି, ଶୁଭସ୍ମିତା ବେହେରା, ରାଜୀବ ଦାସ, ବିଜୟ ହୋତା ଓ ଉର୍ମିଳା ରାୟ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି। କୋଷାଧ୍ୟକ୍ଷ ଭାବେ ସଞ୍ଜୟ ପଟ୍ଟନାୟକଙ୍କ ନାମ ଘୋଷଣା କରାଯାଇଛି।

## ଧରମ ବାପାଙ୍କୁ ଉଦ୍ଧାର କରିବାକୁ ମାଆ ନାମରେ ଅଭିଯୋଗ

ବୈଶିଙ୍ଗା, ୨୬।୧୨(ସମିସ): ବୈଶିଙ୍ଗା ପୁଲିସ ନିକଟରେ ଝିଅ ନିଜ ମାଆଙ୍କ ନାଁରେ କରିଛନ୍ତି ସାଂଘାତିକ ଅଭିଯୋଗ। ବାରିପଦା ଦେଉଳସାହି ଅଞ୍ଚଳର ବ୍ରଜକିଶୋର ରଣା ଓ ତପସ୍ୱିନୀ ରଣାଙ୍କ ୧୯ ବର୍ଷିୟା ଝିଅ ସୁଭଦ୍ରା ମାଆଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଘର ଛାଡ଼ି ବଡ଼ସାହିସ୍ଥ ମାମୁଁ ଘରକୁ ପଳାଇ ଯାଇଥିଲେ। ସେଠାରେ ନିଜକୁ ସୁରକ୍ଷିତ ମନେ ନ କରିବା ପରେ ବୈଶିଙ୍ଗା ଥାନା ଅର୍ନ୍ତଗତ ନଡପୁର ଗ୍ରାମରେ ଥିବା ଧରମ ବାପା ହରିଶ ଦଣ୍ଡପାଟଙ୍କ ଘରେ ଦୀର୍ଘଦିନ ହେବ ରହି ଆସୁଥିଲେ। ଇତିମଧ୍ୟରେ ମାଆ ତପସ୍ୱିନୀ ଆସି ତାଙ୍କ ସହିତ ଯିବାପାଇଁ ଅନେକ ଥର କହିଥିଲେ ମଧ୍ୟ ସୁଭଦ୍ରା ମାଆଙ୍କ ସହ ଯିବାକୁ ରାଜି ହୋଇ ନ ଥିଲେ। ତେବେ ୨୪ ତାରିଖ ବୁଧବାର ଦିନ ପୂର୍ବାହ୍ନରେ ଆଠଜଣ ଅଜ୍ଞାତ ବ୍ୟକ୍ତିଙ୍କ ସହିତ ଆସି ସୁଭଦ୍ରାଙ୍କୁ ଆଶ୍ରୟ ଦେଇଥିବା ଧରମ ବାପା ହରିଶଙ୍କୁ ଜୋର ଜବରଦସ୍ତ ତାଙ୍କ ଘରୁ ଉଠାଇ ନେଇଥିଲେ ଓ ଝିଅକୁ ଫୋନ କରି ତୁ ଘରକୁ ଫେରିଲେ ଯାଇ ହରିଶଙ୍କୁ ମୁକ୍ତ କରାଯିବ ଧମକ ଦେଇଥିଲେ ବୋଲି ସୁଭଦ୍ରାଙ୍କ ଅଭିଯୋଗ ପାଇବା ପରେ ୬୫୧ନଂରେ ଏକ ମାମଲା ରୁଜୁ କରି ଖୋଳତାଡ ଆରମ୍ଭ କରିଥିଲା ପୁଲିସ। ପୁଲିସ ଛାନଭିନରେ ବିବ୍ରତ ହୋଇ ତପସ୍ୱିନୀ ହରିଶଙ୍କୁ ଆଣି ଥାନାରେ ପୁଲିସ ଜିମା ଦେବା ପରେ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଥାନାରୁ ଛଡ଼ାଯାଇଥିବା ଜଣାପଡ଼ିଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଉଦଳା-ଠାକୁରମୁଣ୍ଡା ରାସ୍ତା ଅବରୋଧ

ଉଦଳା, ୨୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ବହୁବନ୍ଧ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବି କରି ଆଜି ଅଭିଭାବକ ଉଦଳା-ଠାକୁରମୁଣ୍ଡା ରାସ୍ତା ଅବରୋଧ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟରେ ବିବାଦ ସୃଷ୍ଟି କରୁଛନ୍ତି। ବାରମ୍ବାର ଦାବି ପରେ ମଧ୍ୟ ବିଦ୍ୟାଳୟ ଛାଡି ଯିବାକୁ ନାରାଜ ପ୍ରଧାନଶିକ୍ଷୟିତ୍ରୀ। ଯାହାକୁ ନେଇ ତାତିଛନ୍ତି ଅଭିଭାବକ। ଅଭିଭାବକ ବିଦ୍ୟାଳୟରେ ତାଲା ପକାଇବା ସହିତ ରାଜ୍ୟ ରାଜପଥ ଅବରୋଧ କରିଛନ୍ତି। ଉଦଳା ବ୍ଲକ ବହୁବନ୍ଧ ଆଶ୍ରମ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପଣ୍ଡାଙ୍କ ଦୀର୍ଘ ଦିନରୁ ଅନ୍ୟତ୍ର ବଦଳି ହୋଇଛି। ବଦଳି ହେବା ପରେ ମଧ ସେ ବିଦ୍ୟାଳୟରୁ ନ ଯାଇ ବିଦ୍ୟାଳୟରେ ମନମାନି ଚଲାଇଛନ୍ତି। ପୂର୍ବରୁ ସେ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ମଧ୍ୟାହ୍ନ ଭୋଜନ ଟଙ୍କା ଦେଇ ନ ଥିବାରୁ ମହିଳା ଆନ୍ଦୋଳନ କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା ପ୍ରଧାନଶିକ୍ଷକ ରଞ୍ଜନ ନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ବିଦ୍ୟାଳୟରେ ରହି ଛାତ୍ରଛାତ୍ରୀଙ୍କୁ ଡ୍ରେସ ଯୋଗାଇ ଦେଉନାହାନ୍ତି କିମ୍ବା ମଧ୍ୟାହ୍ନ ଭୋଜନ ଦେଉ ନ ଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଆଜି ଅଭିଭାବକ ଅସନ୍ତୋଷ ପ୍ରକାଶ କରି ଉଦଳା-ଠାକୁରମୁଣ୍ଡା ରାଜ୍ୟ ରାଜପଥର ବହୁବନ୍ଧ ବିଦ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ତୁରନ୍ତ ବଦଳି ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଖବର ପାଇ ପୁଲିସ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପହଞ୍ଚି ବୁଝାସୁଝା କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ।



## ମୋରଡ଼ା ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ମୋରଡ଼ା, ୨୬।୧୨(ସମିସ): ମୋରଡା ବ୍ଲକ ଅନ୍ତର୍ଗତ ଚିକଟାମାଟିଆ ପଞ୍ଚାୟତରେ ମୋରଡା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତା 'ମେରା ଯୁବ ଭାରତ' ମୟୂରଭଞ୍ଜ ବାରିପଦା (ଭାରତ ସରକାର) ଓ ମ୍ୟାନେଜମେଣ୍ଟ ଏଣ୍ଡ ରୁରାଲ ଡେଭେଲପମେଣ୍ଟ କାଉନସିଲ ମିଳିତ ଆନୁକୂଲ୍ୟରେ ଦୁଇଦିନ ଧରି ମୋରଡା ବ୍ଲକ ଚିକିଟା ମାଟିଆ ପଞ୍ଚାୟତ ଚିକିଟାମାଟିଆ ଏଭି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଚିକିଟାମାଟିଆ ସରପଞ୍ଚ ବାର୍ସା ହେମ୍ବ୍ରମ, ହରପ୍ରସାଦ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୁଳମଣି ଭୋଇ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୋରଡା ଆଇଟିଆଇର ଖେଳ ଶିକ୍ଷକ ଅଶ୍ୱନୀ ବେହେରା ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିକିଟା ମାଟିଆ ପଞ୍ଚାୟତର ପିଏସ ଉପେନ୍ଦ୍ର ନାଥ ମହାନ୍ତ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଗଣେଶର ମହାନ୍ତ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କ୍ରିଡ଼ା ପ୍ରତିଯୋଗିତାର ଫୁଟବଲ୍ ଖେଳରେ ସହରାଇଶୋଳ ଟିମ୍ ପ୍ରଥମ ହୋଇଥିବାବେଳେ କବାଡିରେ ଚିକଟାମାଟିଆ ଏଭି ଉଚ୍ଚବିଦ୍ୟାଳୟ ବାଳକ ଟିମ୍ ପ୍ରଥମ ହୋଇଥିଲା। ୨୦୦ ମିଟର ଦୌଡରେ ରାମଲାଲ ଟୁଡୁ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବାଳିକା ବିଭାଗ ୨୦୦ ମିଟର ଦୌଡରେ ବାସନ୍ତୀ ସୋରେନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବ୍ୟାଡମିଣ୍ଟନର ବାଳକ ବିଭାଗରେ ଅରମନ ଖାନ୍ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ବାଳିକା ବିଭାଗରେ ମାଳତୀ ହେମ୍ବ୍ରମ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସମାଜସେବୀ ଗଣେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ଏଡିଏନ୍‌କେ ଯୁବକ ସଂଘ ପକ୍ଷରୁ ୬ଦିନିଆ କାର୍ଯ୍ୟକ୍ରମ ଆରମ୍ଭ

ଶୁଳିଆପଦା, ୨୬।୧୨(ସମିସ): ଝାଲିଆମରା ପଞ୍ଚାୟତସ୍ଥ ଖଇଖିଆ ଏଡିଏନ୍‌କେ ଯୁବକ ସଂଘ ପକ୍ଷରୁ ୬ଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଶିକ୍ଷାବିତ ପଞ୍ଚାନନ ରାଜଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଉଜ୍ଜଳ ମିଶ୍ର, ସଭାପତି ସୁପ୍ରକାଶ ଧଳ, ସଦସ୍ୟ ମନୋଜ ସି, ଅମିତ ସି, ସୁଦାମ ରାଜ, ଅଜୟ ରାଜ ଓ ବାପିଶ୍ୱର ମାର୍ଣ୍ଡିଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। କ୍ରିକେଟ, ଫୁଟବଲ, ଡାବଲ ନୃତ୍ୟ, ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ପ୍ରଥମଥର ପାଇଁ ଯୁବକ ସଂଘ ପକ୍ଷରୁ ମୀନାବଜାର ବସିଥିବା କମିଟି ପକ୍ଷରୁ କୁହାଯାଇଛି।



## ସାନ୍ତଳୀ ସିନେମା କଳାକାରଙ୍କୁ ସମ୍ବର୍ଦ୍ଧନା

ବହଳଦା, ୨୬।୧୨(ସମିସ): ବହଳଦାସ୍ଥ ଆଦିବାସୀ ସାଂସ୍କୃତିକ ଭବନରେ ବହଳଦାର ବରିଷ୍ଠ ନାଗରିକ ସଂଘ ଓ ପୁରୁଧୂଳ ଗାଔଁତା ପକ୍ଷରୁ ସଂଘର ସଭାପତି ନନ୍ଦକିଶୋର କିସ୍କୁଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ସାନ୍ତଳୀ ମ୍ୟୁଜିକ୍ ଆଲବମ୍ ତଥା ସିନେମା ଜଗତର ବିଶିଷ୍ଟ କଳାକାର ଆରିୟାନ ମାର୍ଣ୍ଡି, ରୋମିଓ ବାସ୍କେ, ଗୀତିକାର ତଥା ଗାୟକ ଧନେଶ୍ୱର ସୋରେନ ଓରଫ୍ ଡି. ସାର ଓ ଗାୟିକା ରୂପାଲି ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଧୂଳ ଗାଔଁତା ଓ ବରିଷ୍ଠ ନାଗରିକ ସଂଘର ସଭ୍ୟସଭ୍ୟାଙ୍କ ଦ୍ୱାରା ସେମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା। ସମସ୍ତଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଲକ୍ଷ୍ମଣ ହାଁସଦା, ପୂର୍ବତନ ସରପଞ୍ଚ ଗୋଲରାମ ହେମ୍ବ୍ରମ, ବରିଷ୍ଠ ନାଗରିକ ଦାସମାତ ହେମ୍ବ୍ରମ, ବହଳଦା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ବାରିଆଲ ମାଝୀ, ସଭ୍ୟ ଆହ୍ଲାନ ଚରଣ ମୁର୍ମୁ, ଦୁର୍ଗା ଚରଣ ମାଝୀ, ଡୋମାନ ଚନ୍ଦ୍ର ମାଝୀ, ସିଂଗ୍ରାୟ ହାଁସଦା, ସମାୟ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।



## ଟଲକଚୁଇଁରେ ସାନ୍ତାଳୀ ଭାଷା ବିଜୟ ଉତ୍ସବ



ବାରିପଦା/କୁଳିଅଣା, ୨୬ ।୧୨(ସମିସ): ଟଲକଚୁଇଁ ଗ୍ରାମରେ ୪ଦିନିଆ ସାନ୍ତାଳୀ ଭାଷା ବିଜୟ ଉତ୍ସବ କୁଳିଅଣା ପାଳନ କମିଟି ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ଖେଳ, ସାହିତ୍ୟ, ଡାବୁଲ ତାମସା, ସାମାଜିକ କ୍ଷୁଦ୍ର ନାଟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ପେଣ୍ଡାଙ୍ଗଗୋଡ଼ା ଦଳ ଚାମ୍ପିଅନ ଓ ଡାକୋଇ ଦଳ ରନର୍ସଅପ୍ ହୋଇଥିଲା। ଉଭୟ ଦଳକୁ ୮ ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗାଚରଣ ମାର୍ଣ୍ଡି ପୁରସ୍କାର ପ୍ରଦାନ କରିଥିଲେ। ସାନ୍ତାଳୀ ଭାଷା ବିଜୟ ଦିବସ କାର୍ଯ୍ୟକ୍ରମ ଆରମ୍ଭରେ ଆର୍ ଅଶ୍ୱନୀ ବ୍ୟଞ୍ଜନ ମୁର୍ମୁ ଓ ବାବୁଲାଲ ସୋରେନଙ୍କ ଦ୍ୱାରା ପତାକା ଉତ୍ତୋଳନ ସହ ଗ୍ରାମ ନାଏକେ ଦୁର୍ଗା ମାର୍ଣ୍ଡିଙ୍କ ଦ୍ୱାରା ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ହୋଇଥିଲା। ଅପରାହ୍ନରେ ମିଶନ ଅଲଚିକି ଉପରେ ଆଲୋଚନା ସଭା ଆୟୋଜିତ ହୋଇଥିଲା। ଏ ଅବସରରେ ମାଙ୍ଗାତ ମୁର୍ମୁ ବରିଷ୍ଠ ଅଲଚିକି କର୍ମକର୍ତ୍ତା, ପ୍ରଫେସର ଡ଼ ରାମୁ ହେମ୍ବ୍ରମ ବିଶ୍ୱ-ଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ ସାନ୍ତାଳୀ ବିଭାଗ ସାନ୍ତାଳୀ ଗବେଷକ ଶ୍ରୀରାମ ଟୁଡୁ ଉପସ୍ଥିତ ଥିଲେ। ଆଲୋଚନାରେ ମାଙ୍ଗାତ ଚପେୟାର, ଶରତ ସୋରେନ, ବାବୁଲାଲ ସୋରେନ, ରାମଚନ୍ଦ୍ର ମୁର୍ମୁ (ରାଇସେନ), ଆଇତୁ ଚପେୟାର, ଚିତ୍ତରଞ୍ଜନ ହାଁସଦା, ବିହାରୀଲାଲ ଚପେୟାର, ହରିମୋହନ ବେଶ୍ରା, ରବୀନ୍ଦ୍ର ସୋରେନ, ଗଜେନ୍ଦ୍ର ହାଁସଦା ଓ ଆର୍ ଅଶ୍ୱନୀ ବଞ୍ଜନ ମୁର୍ମୁ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ପ୍ରସିଦ୍ଧ ସାନ୍ତାଳୀ ଡିଜିଟାଲ କର୍ମକର୍ତ୍ତା ରାମଜିତ ଟୁଡୁ ଯୋଗଦେଇ ଉତ୍ସବକୁ ପ୍ରଶଂସା କରିଥିଲେ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ରଥର ଶୁଭାରମ୍ଭ



ବିଶୋଇ, ୨୬ ।୧୨(ସମିସ): ଆସନ୍ତା ୨୯ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର ମହୁଲଡ଼ିହାସ୍ଥ ଏସ୍‌ଏସ୍‌ଡି ବାଳିକା ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆ ପରିସରରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ। ମେଳା ସମ୍ବନ୍ଧରେ ଚାଷୀଙ୍କୁ ସଚେତନତା କରିବା ଉଦ୍ଦେଶ୍ୟ ନେଇ ଏକ ସଚେତନତା ରଥ ବିଶୋଇ ବ୍ଲକ କୃଷି ସୂଚନା ଓ ଉପଦେଷ୍ଟା କେନ୍ଦ୍ରରୁ ଗଡ଼ିଛି। ବ୍ଲକ କୃଷି ଅଧିକାରୀ ସୁଧାଂଶୁ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ସତ୍ୟବାନ ନାୟକ, ସହକାରୀ କୃଷି ଅଧିକାରିଣୀ ସଞ୍ଜନା ମହାନ୍ତ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଏହି ରଥର ଶୁଭ ଉଦଘାଟନ କରିଥିଲେ। ଉନ୍ନତ ଚାଷ କାର୍ଯ୍ୟ ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ସରକାରୀ ଆର୍ଥିକ ସହାୟତା, କୃଷି ଓ ଆନୁସାଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗର ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣ ସୁଯୋଗ, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତ୍କାଳ ବୁକିଂ ବ୍ୟବସ୍ଥା ରହିଛି ବୋଲି କୃଷି ଅଧିକାରୀ ଶ୍ରୀ ପଣ୍ଡା ସୂଚନା ଦେଇଥିଲେ।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

ଶୁଳିଆପଦା, ୨୬।୧୨(ସମିସ): ଶୁଳିଆପଦା ବ୍ଲକ କଣ୍ଟିସାହି ପଞ୍ଚାୟତ ଅଧୀନ ଶୁଳିଆପଦା ଗ୍ରାମର ଭଗବାନ ଗିରିଙ୍କ ପତ୍ନୀ ଧର୍ମପ୍ରାଣ ମହିଳା ସୁବାସିନୀ ଗିରିଙ୍କ ଆଜି ସକାଳୁ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମପ୍ରାଣା, ପରୋପକାରୀ, ସ୍ନେହୀ ଓ ନମ୍ର ସ୍ୱଭାବର ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ।



## ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

ବାରିପଦା, ୨୬ ।୧୨(ସମିସ): ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ କଲେଜ ପରିସରରେ ଜାତୀୟ ସେବା ଯୋଜନା ୟୁନିଟର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ଯୁଗ୍ମ ସଚିବ ସଂଗ୍ରାମ ରାଉତ ଯୋଗଦେଇ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ଭୂମିକାକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହି ୟୁନିଟର ଆହ୍ୱାନ ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସଭାପତି ପ୍ରାଧ୍ୟାପକ ଡ. ଦେବେଶ ହୋତା ମୁଖ୍ୟବକ୍ତା, ବ୍ୟାଙ୍କ ଅଫ ଇଣ୍ଡିଆ, ଭୁବନେଶ୍ୱର ଶାଖା ପ୍ରବନ୍ଧକ ସ୍ମିତିପ୍ରଜ୍ଞା ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଦେବସ୍ମିତା ବିଶ୍ୱାଳ, ଅଭିପ୍ସା ନାୟକ, ପୂର୍ଣ୍ଣିମା ମହାନ୍ତି, ଦୀପ୍ତିଶ୍ରୀ ବେହେରା, ମିନାକ୍ଷୀ ସାହୁ, ଲକ୍ଷ୍ମୀ ଚାପିଆର, ପ୍ରତିଭା ଦାସ ଓ ଅଧ୍ୟାପକ ଡ. ଠାକୁରା ଚରଣ ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଉଦଘାଟନୀ ସମାରୋହରେ ଅଧ୍ୟକ୍ଷ ପ୍ରଦୀପ ନାୟକ ଅଧ୍ୟକ୍ଷତା କରିଥିବାବେଳେ ସ୍ୱେଚ୍ଛାସେବୀ ପିଙ୍କିଲତା ସାମନ୍ତରାୟ ମଞ୍ଚ ପରିଚାଳନା କରିଥି। ।ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




### ଛାତ୍ରୀ ଫେରାର ହୋଇଯାଇଥିବା ଘଟଣା

# ଥାନା ଭିତରେ ଛାତ୍ରଙ୍କୁ ଶାରୀରିକ ନିର୍ଯାତନା ଅଭିଯୋଗ

ମୋରଡା, ୨୬।୧୨(ସମିସ)

ମୋରଡା ପୁଲିସ ଥାନା ଭିତରେ ଶାରୀରିକ ନିର୍ଯାତନାଦେଇଥିବାନେଇଉକ୍ତଥାନାଅଧୀନ ସନ୍ୟାସୀ ଗ୍ରାମର ସୁଶାନ୍ତ ପାତ୍ର ଅଭିଯୋଗ କରିଛନ୍ତି। ସୁଶାନ୍ତଙ୍କ କହିବା ମୁତାବକ, ସେ ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜାସ୍ଥ ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ +୩ରେ ଅଧ୍ୟୟନ କରୁଛନ୍ତି। ଉକ୍ତ ମହାବିଦ୍ୟାଳୟର ମୋରଡା ଥାନା ଅଞ୍ଚଳର ଜଣେ ଛାତ୍ରୀ ସୁଶାନ୍ତଙ୍କ ବନ୍ଧୁ ସହ ଘରଛାଡି ପଳାଇଛନ୍ତି। ଯାହାକୁ ନେଇ ଛାତ୍ରୀଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ଗୁରୁବାର ତଦନ୍ତ ନିମନ୍ତେ ସନ୍ଧ୍ୟାରେ ସୁଶାନ୍ତଙ୍କୁ ସବଇନ୍ସପେକ୍ଟର ନିବେଦିତା ନାୟକ ଛକରେ ଥିବା ଏକ ସେଲୁନରୁ ଥାନାକୁ ନେଇଯାଇଥିଲେ। ପଚରାଉଚୁରା ସମୟରେ ସୁଶାନ୍ତଙ୍କୁ ଧମକ ଚମକ ଦେବା ସହିତ ମାଡ଼ ମାରି ପ୍ରବଳ ଥଣ୍ଡା ସତ୍ତ୍ୱେ ଶୀତ ବସ୍ତ୍ର ଖୋଲି ଥାନାରେ ଦୀର୍ଘ ଚାରି ଘଣ୍ଟା ତଳେ ବସାଇ ରଖିଥିଲେ। ଉକ୍ତ ଘଟଣାକୁ ନେଇ ଆଜି ସୁଶାନ୍ତ ପୁଲିସ ସମିତି ସଦସ୍ୟ ତଥା ବଣିକ ସଂଘ ସଭାପତି ସୌରଭ ରଞ୍ଜନ ମହାନ୍ତିଙ୍କୁ ଅବଗତ କରାଇବା ପରେ ସୁଶାନ୍ତଙ୍କୁ ନେଇ ସଦସ୍ୟ ମହାନ୍ତି ଥାନାକୁ ଯାଇଥିଲେ ଓ କ'ଣ ପାଇଁ ମାଡ଼ ମରା ହେଲା ବୋଲି ପୁଲିସକୁ ପଚାରିଥିଲେ। ତେବେ ମାଡ଼ ମରାଯିବ ବୋଲି ଥାନା ଏସଆଇ ନିବେଦିତା ପ୍ରଧାନ କହିଥିଲେ। ଯାହାର ଅଡ଼ିଓ ବେଶ ଭାଇରାଲ ହେବାରେ ଲାଗିଛି। ଏ ସମ୍ପର୍କରେ ନିବେଦିତା ନାୟକଙ୍କୁ ପଚାରିବାରୁ ସେ ଏମିତି କିଛି କରିନାହାନ୍ତି କେବଳ ପଚରାଉଚରା କରାଯାଇଛି ବୋଲି ପ୍ରତିକ୍ରିୟା ଦେଇଥିଲେ। ଏପଟେ ସୌରଭ ରଞ୍ଜନ ମହାନ୍ତି କହିଛନ୍ତି, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏ ବିଷୟରେ ଅବଗତ କରାଇଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ସହ ଥାନା ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ସୁମିତ କୁମାର ସରେନ କହିଛନ୍ତି, ସୁଶାନ୍ତର ଫୋନ ନମ୍ବର ଝିଅର ଲାଷ୍ଟ କଲ ହିଷ୍ଟ୍ରି ସିଡ଼ିଆରରେ ରହିଥିବାରୁ ତଦନ୍ତ ଅଧିକାରୀ ଡାକି ପଚରାଉଚରା କରିଛନ୍ତି।

# ବିଜେଡିର ପ୍ରତିଷ୍ଠା ଦିବସ
# ପୁନର୍ବାର ଦଳ ମଜବୁତ ପାଇଁ ନେତା-କର୍ମୀ ଆଗଭର













କେନ୍ଦୁଝର, ୨୬।୧୨(ସମିସ): ରାଜ୍ୟରେ ଡବଲ ଇଞ୍ଜିନ ସରକାର ବିଫଳ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱାରା ଓଡ଼ିଶାବାସୀଙ୍କୁ ସୁବିଧା-ସୁଯୋଗ ଯୋଗାଇ ଦେବାରେ ଅପାରଗତାକୁ ଜନସାଧାରଣ ଜାଣିସାରିଲେଣି ବୋଲି ବିଜେଡିର ୨୯ତମ ପ୍ରତିଷ୍ଠା ଦିବସରେ ତୁଙ୍ଗ ନେତା ଓ କର୍ମୀମାନେ ଜିଲ୍ଲା ସଦର ମହକୁମାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଉଦବୋଧନ ଦେଇଥିଲେ।

ସକାଳେ କେନ୍ଦୁଝର ଟାଉନ ଥାନା ଛକରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିଶାଳ ପ୍ରତିମୂର୍ତ୍ତିରେ ଦଳର ନେତା ଓ କର୍ମୀମାନେ ମାଲ୍ୟାର୍ପଣ କରିବା ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ବହୁ ବରିଷ୍ଠ ନେତା କେନ୍ଦ୍ର ଓ ରାଜ୍ୟରେ ଥିବା ବିଜେପି ସରକାରଙ୍କ ବିଫଳତାକୁ ସମାଲୋଚନା କରିଥିଲେ। ଦୁଇଗୁଣା ବିନାଶ, ଓଡ଼ିଶା ଅର୍ଥନୀତି ୩୦ବର୍ଷ ତଳକୁ ଚାଲିଯିବା, ଅଭିବୃଦ୍ଧି ହାର ୯.୬ ପ୍ରତିଶତରୁ ୭.୨ ପ୍ରତିଶ୍ରତକୁ ହ୍ରାସ ପାଇବା, ଖୋଲା ବଜାରରୁ ୩୮ ପ୍ରତିଶତ ଋଣ, ଉଭୟ ଗୁରୁ ଓ ଲଘୁ ଖଣିଜ ଦ୍ରବ୍ୟରୁ ରାଜସ୍ୱ ହ୍ରାସ, ୧୮ ମାସର ସରକାରରେ ୪୦ହଜାରରୁ ଊର୍ଦ୍ଧ ମହିଳା ନିର୍ଯାତିତ, ବଜେଟରେ ମାତ୍ର ୩୯ ପ୍ରତିଶତ ଖର୍ଚ୍ଚ, ଶାନ୍ତିପ୍ରିୟ ଓଡିଶାରେ ୧୫ଥରରୁ ଅଧିକ କର୍ଫ୍ୟୁ, ୧୫ଲକ୍ଷ ସରକାରୀ ଚାକିରି ମିଛ ଆଦି ଅନେକ ବିଫଳତା ସମ୍ପର୍କରେ ଅଭିଯୋଗ କରି କେନ୍ଦ୍ର ଓ ରାଜ୍ୟ ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ଏହି ପ୍ରତିଷ୍ଠା ଦିବସରେ ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ପୂର୍ବତନ ନଗରପାଳ ପ୍ରଭଞ୍ଜନ ପଟ୍ଟନାୟକ, ବାଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ, କେନ୍ଦୁଝରଗଡ ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ଜିଲ୍ଲାପରିଷଦ ସଦସ୍ୟ ରଥ ମୁଣ୍ଡା, ଝୁମ୍ପୁରା ବ୍ଲକ ସଭାପତି ଡମ୍ବରୁଧର ଦାସ, ରକ୍ଷାକର ସାହୁ, ସତ୍ୟବ୍ରତ ନାୟକ, କୈଳାଶ ନାୟକ, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, କେନ୍ଦୁଝର ନଗର ମହିଳା ସଭାନେତ୍ରୀ ପୁନମ କୁମାରୀ, କାଉନସିଲର ଶରତ ସାହୁ, କେକୀ କାକଳୀ କୁମୁରା, ଭଗବାନ ନାୟକ, ଟିକିନା ବ୍ରହ୍ମ, ମନସୁର ଆଲାମ, ଗଦାଧର ପଟ୍ଟନାୟକ, ଟୁକୁ ପଲେଇ, ସଫିକ ଆନସାରୀ, ଅନାଦି ପ୍ରଧାନ, ଲୁଲୁ ସାହୁ, ବିପିନ ଆପଟ, ନଟବର ସର୍ଦ୍ଦାର, ଯଶୋବନ୍ତ ସାହୁ, ଜଗଦୀଶ ଆପଟ, ସତ୍ୟାନନ୍ଦ ଆରୁକ, ପରମେଶ୍ୱର ବାରିକ, ଶ୍ରୀକାନ୍ତ ମହାନ୍ତ, ଟଙ୍କଧର ଖମାଣିଆ, ରାଜୁ ବାରିକ, ଗୀତା ମହାନ୍ତି, ମୁନା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ୨୯ତମ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଜୁ ଯୁବଜନତା ଜିଲ୍ଲା ସଭାପତି ରାକେଶ ରାମଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ କଚେରି ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ଯୁବନେତା ଦେବପ୍ରିୟ ପାତ୍ର ସୁଶୀଲ ହୋତା ରମାକାନ୍ତ ବେହେରା ସତ୍ୟବ୍ରତ ରାମ ଶୁଭ୍ରଜିତ ରାମ ହରପ୍ରସାଦ ଧଳ ବାପି ବେହେରା ଦେବାଶିଷ ରାମ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଡପଦନା ହାଟପଡିଆଠାରେ ବରିଷ୍ଠ ଯୁବ ଏବଂ ଛାତ୍ର ଜନତା ଦଳର ସମସ୍ତ କର୍ମୀ ଯୋଗଦାନ କରିଥିଲେ। ଘସିପୁରା ବ୍ଲକ ବିଜେଡି ସଭାପତି ବିଜୟ ଦାସଙ୍କ ସଂଯୋଜନାରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ଘସିପୁରା ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ଘଟଗାଁ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଘଟଗାଁ ବ୍ଲକ ଉପାଧ୍ୟକ୍ଷ ଯଦୁମଣି ନାଏକ, ବରିଷ୍ଠ ବିଜେଡି ନେତା ନନ୍ଦକିଶୋର ବେହେରା, ଗୋପୀନାଥ ସ୍ୱାଇଁ, ହରିପ୍ରସାଦ ମିଶ୍ର, ଆକାଶ ରଥ, ଶରତ ରାଉତ, ଟୁଟୁ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ



ଅକ୍ଷୟ କୁମାର ସାହୁ, ୧୨ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ସଂଜୟ ମଲ୍ଲିକ, ୧୦ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ମଧୁସ୍ମିତା ଦାସ, ୭ ନମ୍ବର ପଣ୍ଡାପଡା ଜିଲ୍ଲା ପରିଷଦ ସଦସ୍ୟା ଯାଜ୍ଞସେନି ମହାନ୍ତ, ପୂର୍ବତନ ସରପଞ୍ଚ ପର୍ଶୁରାମ ମହାରଣା, ବଳରାମ ବେହେରା, ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦିପ କୁମାର ସାହୁ, ଗଡ଼ବାନ୍ଧଗୋଡା ସରପଞ୍ଚ ଶଶିକାନ୍ତ ଜେନା, ମଦନପୁର ସରପଞ୍ଚ ହିମାଂଶୁ ଶେଖର ଜେନା, ଭଣ୍ଡାରିଡିହା ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, ସମିତିସଭ୍ୟ ବିଜୟ ଜେନା, ମନ୍ମଥ ସାହୁ, ସୁନୀଲ ଭୋଇ, ଦେବେନ୍ଦ୍ର ଦାସ, ସୁଦିପ ସାହୁ, ସବ୍ୟସାଚୀ ନାୟକ, ବିଭାଷଚନ୍ଦ୍ର ନାୟକ, ସତ୍ୟରଞ୍ଜନ ଭୂୟାଁ, ବିଜୟ ପଲେଇ ଉପସ୍ଥିତ ଥିଲେ।

**ହାଟଡ଼ିହୀ:** ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ଆହ୍ୱାନକ୍ରମେ ହଜାର ହଜାର ସଂଖ୍ୟାରେ ବିଜେଡ଼ି କର୍ମୀ ଏକତ୍ରିତ ହୋଇ ବିଜେଡିର ପ୍ରତିଷ୍ଠା ଦିବସ ସମାରୋହରେ ସାମିଲ ହୋଇଥିବା ଦେଖାଯାଇଛି। ଛେନାପଦି ଛକଠାରେ ଏକତ୍ରିତ ହୋଇ 'ଆସ ଆମେ ଏକ ହେବା ବିଜେଡିକୁ ମଜବୁତ କରିବା' ନାରା ଲଗାଇ ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟ ଯାଏଁ ଏକ ପଦଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଶତାଧିକ କର୍ମୀଙ୍କ ଯୋଗଦାନ ଏବଂ ଆଗାମୀ ନିର୍ବାଚନ ପୂର୍ବରୁ ଦଳକୁ ମଜବୁତ କରିବା ପାଇଁ ସମସ୍ତଙ୍କ ମନରେ ଆଗ୍ରହ ଏବଂ ଉତ୍ସାହ ଦେଖି ବିଜେଡ଼ି ଦଳ ପୁନର୍ବାର ଶକ୍ତିଶାଳୀ ହେବା ନେଇ ଆଶା ପ୍ରକଟ ହୋଇଛି। ଯୁବନେତା ଦେବାପ୍ରିୟ ପାତ୍ର, ଜିଲ୍ଲା ଯୁବ ସଭାପତି ରାକେଶ ରାମ, ହାଟଡ଼ିହୀ ବ୍ଲକ ଯୁବ ସଭାପତି ଚିନ୍ମୟ ନାୟକ, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ଜିତେନ୍ଦ୍ର ସାମଲ, ସଭ୍ୟା କୌଶଲ୍ୟା ସେଠୀ, ହାଟଡ଼ିହୀ ବ୍ଲକ ସଭାପତି ସୁରେନ୍ଦ୍ର ନାୟକ, ଆନନ୍ଦପୁର ବିଜେଡ଼ି ମ୍ୟୁନସିପାଲିଟି ସଭାପତି ରମାକାନ୍ତ ବେହେରା, ଆନନ୍ଦପୁର ବ୍ଲକ ସଭାପତି ରାମଚନ୍ଦ୍ର ପଲେଇ, ହାଟଡ଼ିହୀ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ନରେନ୍ଦ୍ର ନାୟକ, ବରିଷ୍ଠ କର୍ମୀ ବୈଦ୍ୟନାଥ ସାମଲ, କାମପାଳ ନାୟକ, ଗୋପାଳ ନାୟକ, ପୂର୍ବତନ ବ୍ଲକ ସଭାପତି ବିକ୍ରମକେଶରୀ ବିଶ୍ୱାଳ, ମାର୍କଣ୍ଡ ଓଝା, ଗୌରାଙ୍ଗ ରଣା, ବିଶ୍ୱନାଥ ନାୟକ, ସୁରେନ୍ଦ୍ର ନାୟକ, ବୀରେନ୍ଦ୍ର ବିଶ୍ୱାଳ, ବିମ୍ବାଧର ବିଶ୍ୱାଳ, ଜିଲ୍ଲା ସୋସିଆଲ ମିଡ଼ିଆ ସଂଯୋଜକ ଅମରେନ୍ଦ୍ର ଧଳ, ଶତ୍ରୁଘନ ପାତ୍ର, ଚକ୍ରଧର ପୁହାଣ, ଗଦାଧର ଦାସ, ସୂର୍ଯ୍ୟମଣି ବେହେରା, ବିଶ୍ୱନାଥ ନାୟକ, ବୀରେନ୍ଦ୍ର ବିଶ୍ୱାଳ, ଗୌରାଙ୍ଗ ରଣା, କୁଳମଣି ରାଉତ, ପ୍ୟାରୀମୋହନ ମଲ୍ଲିକ, ଦୁଶାସନ ସାହୁ, ବିମଳ କିଶୋର ଜେନା, ନନ୍ଦୁଚରଣ ଜେନା, ଉଦୟନାଥ ସା, ରଞ୍ଜନ ପହି, ତ୍ରୈଲୋକ୍ୟନାଥ ସାହୁ, ପତିତପାବନ ଦେଓ, ଜୀବନ ଜେନା, ଅଁରା ପଞ୍ଚାୟତ ସଭାପତି ଶତ୍ରୁଘନ ସା, ହାଟଡ଼ିହୀ ପଞ୍ଚାୟତ ସମିତିସଭ୍ୟ କୈଳାସ ରାଉତଙ୍କ ସହ ପ୍ରଭାତ ବିଶ୍ୱାଳ, ଫେଟୁ ପଣ୍ଡା, ପ୍ରଦୀପ ଜେନା, ବଡ଼ରମ୍ପାସ ସରପଞ୍ଚ ରବିନ୍ଦ୍ର ଜେନା, ପଡିଆରିପଲ୍ଲୀ ସରପଞ୍ଚ ଅଜିତ ରାଉତ, ରବିନ୍ଦ୍ର ପାଢ଼ୀ, ଯୁବନେତା ଦିଲ୍ଲୀପ ମଲ୍ଲିକ, ରତ୍ନାକର ବିଶ୍ୱାଳଙ୍କ ସମେତ ପ୍ରଶାନ୍ତ ନାୟକ, ସୁଧାଂଶୁ ଶେଖର ନାୟକ, ରାକେଶ ଜେନା, ହିମାଂଶୁ ଶେଖର ଜେନାଙ୍କ ଦିଲ୍ଲୀପ ସା, ସୁବ୍ରତ ପାତ୍ର, ମୁକେଶ ରାଉତ, ଅଭଜିତ ସେନାପତି, ନିର୍ମଳ ସେଠୀ, ଅତୁଲ ବେହେରା, ଅରୂପ ସା, କାହ୍ନୁଚରଣ ସା, ରାଜେନ୍ଦ୍ର ଜେନା ଏବଂ ଛାତ୍ରନେତା ଯୋଗ ଦେଇଥିଲେ।

**ଯୋଡ଼ା:** ଯୋଡ଼ାପୌରପାଳିକାଅନ୍ତର୍ଗତ କମାରଯୋଡ଼ା କାର୍ଯ୍ୟାଳୟରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ନଗର ସଭାପତି ଚତୁର୍ଭୁଜ ପଲେଇଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୌର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ସେବା ଓ ସଂଗ୍ରାମ ଜରିଆରେ ବିଜୁ ଜନତା ଦଳ ସର୍ବଦା ଯୋଡ଼ାବାସୀଙ୍କ ପାଇଁ ରହିଛି ଆଗକୁ ମଧ୍ୟ ରହିବ ବୋଲି କହିଥିଲେ। ଆଗକୁ ଦୃଢ଼ତାର ସହ ଦଳ ପାଇଁ କାର୍ଯ୍ୟ କରିବାକୁ କର୍ମୀଙ୍କୁ ନଗରସଭାପତି ଚତୁର୍ଭୁଜ ପଲେଇ ଆହ୍ୱାନ ଦେଇଥିଲେ। ବରିଷ୍ଠ ବିଜେଡି ନେତା ତଥା ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର, ୪ ନମ୍ବର କାଉନସିଲର ଅବୁଲ ହାସନ, ଯୁବ ସଂଗଠକ ବାବୁଆ ବାନା, ବିଜୁ ଯୁବ ନେତା ଦୀପଙ୍କର ବିଶ୍ୱାସ, ଯୁବ ସଂଗଠକ ତଥା ବିଜେଡି ନେତା ବାବୁଲାଲ ସାହୁ, ମହିଳା କର୍ମୀ ଦୀପା ନାଏକ, ନିରୁପମା ନାଏକ, ରଂଜିତା ହେମ୍ବ୍ରମ, ଝରଣା ସୁରଙ୍କ ସହ ବହୁ ସଂଖ୍ୟାରେ କର୍ମୀ ଯୋଗ ଦେଇଥିଲେ।

**ତେଲକୋଇ:** ଆକୁଳସ୍ଥିତ ମିନି ଷ୍ଟାଡିୟମ୍‌ରେ ତେଲକୋଇ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁଙ୍କ ତତ୍ତ୍ୱାବଧାନରେ ତେଲକୋଇ ବ୍ଲକ ସଭାପତି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶ୍ରୀ ସିଦ୍ଧୁଙ୍କ ସହ ନିର୍ବାଚନମଣ୍ଡଳୀର ତେଲକୋଇ, ବାଂଶପାଳ ଓ ହରିଚନ୍ଦନପୁର ବ୍ଲକର ବିଜୁ ଜନତା ଦଳର କର୍ମୀ ଏବଂ ସଦସ୍ୟ ଯୋଗ ଦେଇଥିଲେ। ୨୦ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ କେଦାରଚନ୍ଦ୍ର ପ୍ରଧାନ, ବିଜୁ ମହିଳା ସଭାପତି ପୁଷ୍ପଲତା ଆପର୍ଟ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସତ୍ୟଭାମା ସିଂ, ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା, ଜଗମୋହନପୁର ସରପଞ୍ଚ ଗୋବିନ୍ଦଚନ୍ଦ୍ର ପ୍ରଧାନ, ରାଇସୁଆଁ ସରପଞ୍ଚ ବାଗୁନ ଚାମ୍ପିଆ, କରମଙ୍ଗି ସରପଞ୍ଚ ବିଜୟାନନ୍ଦ ନାୟକ, ପୂର୍ବତନ ବିଜେଡି ସଭାପତି ବାମଦେବ ରାଉତଙ୍କ ସମେତ ପଞ୍ଚାୟତ ସଭାପତି ଉପସ୍ଥିତ ଥିଲେ। ବ୍ଲକ ସଭାପତି ନାରାୟଣ ନାଏକ ପରିଚାଳନା କରିଥିବା ବେଳେ ପଞ୍ଚାୟତ ସଭାପତି ସହଯୋଗ କରିଥିଲେ। ତେଲକୋଇ ବ୍ଲକର ବିଭିନ୍ନ ପଞ୍ଚାୟତରୁ ପାଖାପାଖି ଦୁଇ ଶହ କର୍ମୀ ଯୋଗଦେଇଥିଲେ। ବିଜୁ ଜନତା ଦଳ ପକ୍ଷରୁ ଧନୁର୍ଜୟ ସିଦ୍ଧୁ ଓ କର୍ମୀମାନେ ପୂର୍ବାହ୍ନରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀ ଓ ସମ୍ପର୍କୀୟଙ୍କୁ ଫଳ ଓ ପାଉଁରୁଟି ବଣ୍ଟନ କରିଥିଲେ।

**ତୁରୁମୁଙ୍ଗା:** ସାହାରପଡ଼ା ବ୍ଲକ ମୁଖ୍ୟାଳୟଠାରେ ଶୁକ୍ରବାର ବିଜୁ ଜନତାଦଳର ପାଟଣା ନିର୍ବାଚନମଣ୍ଡଳୀସ୍ତରୀୟ ୨୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ କର୍ମୀଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନ ସହ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ବରିଷ୍ଠ ବିଜେଡି ନେତା ସତ୍ୟବ୍ରତ ନାଏକ, ୨୩ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ୩୦ନମ୍ବର ଜୋନର ସଦସ୍ୟା ଚମ୍ପାବତୀ ଟୁଡୁ, ୨୯ନମ୍ବର ଜୋନର ସଦସ୍ୟ ବୁଦ୍ଧଦେବ ମହାକୁଡ଼, ୧୮ନମ୍ବର ଜୋନର ସଦସ୍ୟ ରାଧାକାନ୍ତ ମହାନ୍ତ ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ପୂର୍ବତନ ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ରମ୍ଭାବତି ଦେହୁରୀ, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, କପୁଣ୍ଡି ସମିତିସଭ୍ୟ ବିଜୟ ପଇଡା, ପାଟଣା ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତ, ବରିଷ୍ଠ ବିଜେଡି ନେତା ମହେନ୍ଦ୍ର କୁମାର ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ଭଞ୍ଜଦେଓ, ଭାଗୀରଥି ଦାଶ, ଶତ୍ରୁଘନ ସିଂ, ସୁଶାନ୍ତ କୁମାର ପ୍ରଧାନ, ଗୋବିନ୍ଦଚନ୍ଦ୍ର ମହାନ୍ତ, ନିରଞ୍ଜନ ତ୍ରିପାଠୀ, ବସନ୍ତ ମିଶ୍ର, ବିଜୁ ଖଟୁଆ ପ୍ରମୁଖ ଯୋଗ ଦେଇଥିବା ବେଳେ ଯୁବନେତା ବିପ୍ଳବ କୁମାର ପୃଷ୍ଟି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ମା' ମଙ୍ଗଳା କ୍ରିକେଟ: ବଡ଼ପଦନା ଚାମ୍ପିଅନ



ଆନନ୍ଦପୁର, ୨୬।୧୨ (ସମିସ): ଘସିପୁରା ବ୍ଲକ ତିଗିରିଆ ଗ୍ରାମର ମା'ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୫ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କଇଁସିଆରୀ ଏକାଦଶ ଓ ବଡପଦନା ଏକାଦଶ ମଧ୍ୟରେ ହୋଇଥିବା ବେଳେ କଇଁସିଆରୀକୁ ବଡପଦନା ୬ ୱିକେଟରେ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ରତିରଞ୍ଜନ ବେହେରା ଓ ଶ୍ରୀକାନ୍ତ ସେନାପତି ଖେଳ ପରିଚାଳନା କରିଥିଲେ। ସ୍କୋରର ଗୋପବନ୍ଧୁ ନାୟକ, ଧାରା ବିବରଣୀରେ ମନୋଜ ରାଉତ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଘସିପୁରା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିତ ବୁଲୁ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ଶରତ ପାଣି, ବଳରାମ ବେହେରା, ରାମଚନ୍ଦ୍ରପୁର ସମିତିସଭ୍ୟ ମନ୍ମଥ ସାହୁ, ଗଡବାନ୍ଧଗୋଡ଼ା ସମିତିସଭ୍ୟ ବିଜୟ ଜେନା, ବିଦ୍ୟାଧର ଜେନା, ରାଜୀବ ଜେନା, ଦେବସୁତ ରଣା ଯୋଗ ଦେଇଥିଲେ। କ୍ଲବର ଆଶୀର୍ବାଦ ବେହେରା, ତାପସ ନାୟକ, ପରେଶ ବେହେରା, ତୁଷାର ରାଉତ, ବିଶ୍ୱଜିତ ନାୟକ, ଜୟଦେବ ବେହେରା, ପ୍ରେମାନନ୍ଦ ବେହେରା, ଅଭିଳାଷ ବେହେରା, ସୌମ୍ୟଜିତ ମହାକୁଡ଼, ସାଇସ୍ପନ୍ଦନ ବେହେରା, ପରେଶ ବେହେରା, ଅଭୟ ମଲ୍ଲିକ, ଅମର ରାଉତ, ସୁବ୍ରତ ନାୟକ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ପାର୍ବତୀ ଜେନାଙ୍କ ପରଲୋକ



ଆନନ୍ଦପୁର, ୨୬।୧୨ (ସମିସ): ଘଷିପୁରା ବ୍ଲକ୍ ଖଲିଆମେଣ୍ଟା ପଞ୍ଚାୟତ ମହୁଲପଶିର ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ଜେନାଙ୍କ ଧର୍ମପତ୍ନୀ ପାର୍ବତୀ ଜେନାଙ୍କ ୭୭ ବର୍ଷ ବୟସରେ ମୃତ୍ୟୁ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶ୍ରୀମତି ଜେନା ଅଞ୍ଚଳରେ ଜଣେ ପରୋପକାରୀ ମିଷ୍ଟଭାଷୀ କର୍ତ୍ତବ୍ୟ ପରାୟଣତା ମହିଳା ଥିଲେ। ତାଙ୍କ ମୃତଶରୀର ନିକଟରେ ଦୁଇ ପୁଅ, ବୋହୂ, ନାତିନାତୁଣୀ, ବନ୍ଧୁବାନ୍ଧବ ପ୍ରିୟଜନମାନେ ଉପସ୍ଥିତ ଥିଲେ। ଗ୍ରାମସ୍ଥିତ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି। ମୁଖାଗ୍ନି କନିଷ୍ଠ ପୁତ୍ର ପ୍ରଶାନ୍ତ କୁମାର ଜେନା ଦେଇଥିଲେ।

## ସ୍ମୃତିରେ ଶ୍ରୀଧର ସାହୁଙ୍କୁ ସଙ୍ଗୀତାଞ୍ଜଳି

ଆନନ୍ଦପୁର, ୨୬।୧୨ (ସମିସ): ଆନନ୍ଦପୁର ଆଞ୍ଚଳର ସର୍ବପୁରାତନ ମିଠା ବ୍ୟବସାୟୀ ତଥା ଚାରି ନମ୍ବର ୱାର୍ଡ ନିବାସୀ ଶ୍ରୀଧର ସାହୁଙ୍କର ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ବେଦପାଠ ଓ ଭକ୍ତି ସଂଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୁଅ ସୁଜିତ ସାହୁଙ୍କ ସଂଯୋଜନାରେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀ ରାଣୀ ଖଟୁଆ କାଉନସିଲର ସନତ କର ରଶ୍ମିତା ବାରି ମଣିଲତା ରାମ ଲିନା ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ମଦନ ପାଣି ଓ ସା ନି ଧା ପା ଗ୍ରୁପ କଳାକାରଙ୍କ ଦ୍ୱାରା ଭକ୍ତି ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଜିତ ସାହୁ ଡମ୍ବରୁଧର ବେହେରା ଶିବଚରଣ ସାହୁ ଭଗବାନ ସାହୁ କୃଷ୍ଣଚନ୍ଦ୍ର ସାହୁ ଟୁଲୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ।




## ଟାଟା ଷ୍ଟିଲ ୟାଟ୍ସ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଶ୍ୱେତାଲିନା ପୁରସ୍କୃତ




କେନ୍ଦୁଝର, ୨୬।୧୨(ସମିସ): ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ଟାଟା ଷ୍ଟିଲ ୟଙ୍ଗ ଆଷ୍ଟ୍ରୋନୋମର ଟାଲେଣ୍ଟ ସର୍ଚ୍ଚ)ର ଗ୍ରାଣ୍ଡ ଫିନାଲେ-୨୫ରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଡିଏଭି ପବ୍ଲିକ୍ ସ୍କୁଲ୍ ନବମ ଶ୍ରେଣୀ ଛାତ୍ରୀ ଶ୍ୱେତାଲିନା ବେହେରା ରାଜ୍ୟର ଶ୍ରେଷ୍ଠ ୩୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ୟାଟ୍ସ କାର୍ଯ୍ୟକ୍ରମରେ ଚଳିତ ବର୍ଷ ରାଜ୍ୟର ସମସ୍ତ ଜିଲାରୁ ୭୬,୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୬୦ ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ରେ ଆୟୋଜିତ ପ୍ରତିଯୋଗିତାରେ ଯୋଗ ଦେଇଥିଲେ; ଯେଉଁଥିରୁ ୩୦ ଜଣଙ୍କୁ ଶ୍ରେଷ୍ଠ ବିବେଚନା କରାଯାଇଛି। ଡିବି ସୁନ୍ଦରରମନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଇସ୍‌ରୋ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରେ ସେଫ୍ଟି ଅପରେସନ୍ସ ଏବଂ ସିଷ୍ଟମ୍ସ ଇଣ୍ଟିଟିରେ କାର୍ଯ୍ୟରତ ବୈଜ୍ଞାନିକ-ଏସଜି ଏବଂ ଇପି ଓ ଏଫ୍‌ଏମଡି ମୁଖ୍ୟ ଅମିତାଭ ମହାନ୍ତି ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ତରୀକ୍ଷ ପରିଚ୍ଛା ପିଲାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ନିଜର ଅନୁଭୂତି ବାଣ୍ଟିଥିଲେ। ଏଥିସହ ଭୁବନେଶ୍ୱରର ଏଆଇ ଡେଭଲପର ଏବଂ ୟାଟସ-୨୦୧୫ରେ ସାମିଲ ହୋଇଥିବା ପୂର୍ବତନ ଛାତ୍ର ଆୟୁଷ ଦଳାଇ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ୨୦୦୭ରେ ୟାଟ୍‌ସ ଶୁଭାରମ୍ଭ ପରଠାରୁ ଏଥିରେ ୪.୭ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଯୋଡ଼ି ହୋଇଛନ୍ତି।

ଶ୍ୱେତାଲିନା କହିଛନ୍ତି, "ଏଥିପାଇଁ ମୁଁ ବହୁତ ଖୁସି। ମୋର ବାପା, ମା, ଶିକ୍ଷକ, ଶିକ୍ଷୟିତ୍ରୀ, ସାଙ୍ଗସାଥୀ ସର୍ବୋପରି ମୋର ଗାଇଡ୍‌ଙ୍କୁ ଅଶେଷ ଧନ୍ୟବାଦ। ମୁଁ ଇସ୍‌ରୋ ପରିଦର୍ଶନ କରିବା ପାଇଁ ସୁଯୋଗ ପାଇଥିବାରୁ ଅଧିକ ଆନନ୍ଦିତ। ଏଭଳି ବିଜ୍ଞାନଭିତ୍ତିକ ଶିକ୍ଷଣୀୟ କାର୍ଯ୍ୟକ୍ରମ ପାଇଁ ଟାଟା ଷ୍ଟିଲକୁ ଧନ୍ୟବାଦ'। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ଚିତ୍ରଓ ଅରୁମୁଗମ, ପ୍ଲାନେଟୋରିୟମ୍ ନିର୍ଦ୍ଦେଶକ (ଭାରପ୍ରାପ୍ତ) ଉର୍ମିପ୍ରଭା ମହାରଣା, ଟାଟା ଷ୍ଟିଲ୍‌ର ଉପସଭାପତି

## ଖଣି ଅଞ୍ଚଳରେ ମଦଭାଟିର କୁଟୀର ଶିଳ୍ପ
## ଚାଲୁଛି ଅବାଧ କାରବାର; ଅବକାରୀ ବିଭାଗ ନିଦାବିଷ୍ଟ

ଯୋଡ଼ା, ୨୬।୧୨(ସମିସ): ଦେଶୀମଦ ପ୍ରସ୍ତୁତି ଏବେ କୁଟୀର ଶିଳ୍ପ ପାଲଟିଛି। ଗାଁ ତଥା ନଦୀପାଶ୍ୱର୍‌ରେ ଦେଖିବାକୁ ମିଳୁଛି ଦେଶୀ ମଦଭାଟି। ଏଥିରୁ ପ୍ରସ୍ତୁତ ମଦ ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହେଉଛି ଆଦିବାସୀ ଅଧ୍ୟୁଷିତ ତଥା ଖଣିବହୁଳ ଅଞ୍ଚଳ କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅଞ୍ଚଳର ଘଟଣା। ବିଶେଷତଃ କ୍ୟାମ୍ପହାଟିଂ, କେଥ ହାଟିଂ, ବିଛାକୁଣ୍ଡି ଆଦି ସ୍ଥାନ ସଂଲଗ୍ନ ନଦୀ, ନାଳ, ଝରଣା କୂଳେ କୂଳେ ଦେଶୀ ମହୁଲି ମଦ ଅନୈତିକ ଭାବେ ପ୍ରସ୍ତୁତି କରି ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଯୋଡା ଅବକାରୀ ବିଭାଗ ଅଧୀନରେ ଥିବା ଏସମସ୍ତ ଅଞ୍ଚଳରେ ବ୍ୟାପକ ମଦ ବିକ୍ରି ହେଉଥିଲେ ମଧ୍ୟ ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ନିର୍ଭୟରେ ବେପାର କରି ମାଲାମାଲ ହେଉଥିବା ଅଭିଯୋଗ ହୋଇଛି। ଅପରପକ୍ଷେ, ଦେଶୀ ମଦ ଦ୍ୱାରା ଆକର୍ଷିତ ହୋଇ ବହୁ ଯୁବକ ଓ ପୁରୁଷ ସର୍ବସ୍ୱାନ୍ତ ହେଉଥିବା ବେଳେ ପରିବାର ମଧ୍ୟରେ ଅଶାନ୍ତିର ବାତାବରଣ ଦେଖିବାକୁ ମିଳୁଛି। ଖଣିଅଞ୍ଚଳରେ ଖୁଲମଖୁଲା ଦେଶୀ ଓ ବିଦେଶୀ ମଦ କାରବାର ହେଉଥିଲେ ମଧ୍ୟ ରାଜସ୍ୱ ନପାଇ ସରକାରଙ୍କ ଅନେକ କ୍ଷତି ହେଉଥିବା ଅଭିଯୋଗ ହୋଇଛି। ଆବଶ୍ୟକ କଞ୍ଚାମାଲ ମହୁଲକୁ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟରୁ ଚୋରା ବ୍ୟବସାୟଙ୍କଠାରୁ ଚୋରାରେ ସଂଗ୍ରହ କରୁଥିବା ସୂଚନାରୁ ଜଣାପଡିଛି। ଅବକାରୀ ବିଭାଗ ଆଖିରେ ଧୂଳି ଦେଇ ଯେପରି ଏ ସମ୍ପର୍କରେ କୌଣସି ସୂଚନା ସେମାନଙ୍କ ଜ୍ଞାତସାରକୁ ନ ଆସେ ସେଥିପ୍ରତି ସତର୍କତା ଅବଲମ୍ବନ ସ୍ୱରୂପ ରାତ୍ର ୩ଟାଠାରୁ କୃତ୍ରିମ ରନ୍ଧନ ପ୍ରଣାଳୀ ଦେଶୀ ଚୁଲା ମାଧ୍ୟମରେ



ମହୁଲି ମଦ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇ ସକାଳ ୭ଟା ମଧ୍ୟରେ ଉତ୍ପାଦନ କାର୍ଯ୍ୟ ସମାପ୍ତ କରାଯାଉଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଆବଶ୍ୟକ କଞ୍ଚାମାଲ ମହୁଲକୁ ଚୋରା ବ୍ୟାପାରୀଙ୍କଠାରୁ ଖରିଦ କରି ପୂର୍ବ ଯୋଗାଡ଼ ଅନୁଯାୟୀ ନଦୀ, ନାଳ ଓ ଝରଣା କୂଳେ କୂଳେ ସୃଷ୍ଟି ହୋଇଥିବା ଜଙ୍ଗଲ ମଧ୍ୟରେ ଲୁକ୍କାୟିତ ଭାବେ ରଖାଯାଇଥିବା ଏକ ବଡ଼ ଡ୍ରମ ଭିତରେ ପାଣି ନେଇ ସଢ଼େଇ ଦିଆଯାଇ ଖୁବକମ୍ ସମୟ ମଧ୍ୟରେ ପ୍ରସ୍ତୁତି କରାଯାଏ। ବେପାରୀମାନେ ଏହି ହାତତିଆରି ଦେଶୀ ମହୁଲି ମଦକୁ ବିଭିନ୍ନ ହାଟିଂ ଓ ବସ୍ତିଗୁଡ଼ିକରେ ବିକ୍ରି କରିଥାନ୍ତି। ଏଭଳି ଅନୈତିକ ପ୍ରସ୍ତୁତି ମହୁଲିମଦର ଭାଗମାପ ପରିମାଣର ତାରତମ୍ୟ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ହେଲେ ସରକାରଙ୍କ ଅବକାରୀ ବିଭାଗ ମଦ ବେପାରୀଙ୍କ ସୁରକ୍ଷା କବଚ ସାଜିଥିବା ବେଳେ ବିଷାକ୍ତ ମଦର ପସରାକୁ ପ୍ରୋତ୍ସାହନ ଯୋଗାଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ପ୍ରକାଶ ଯୋଗ୍ୟ ଯେ ବସ୍ତି ଓ ହାଟିଂଗୁଡ଼ିକରେ ବିଶେଷତଃ ଯୁବକ ଶ୍ରେଣୀୟ ଏହି ମହୁଲି ମଦ ସେବନ କରି ମାତାଲ ହୋଇ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ସହ ପରିବାର ମଧ୍ୟରେ ଅଶାନ୍ତି ଓ ବିଶୃଙ୍ଖଳା ଭିଆଉଛନ୍ତି। ଅତ୍ୟଧିକ ମଦ୍ୟପାନର ଲୋଭାଶକ୍ତ ହେତୁ ଯକୃତଜନିତ ରୋଗରେ ଆକ୍ରାନ୍ତ ହୋଇ ଖୁବ କମ୍ ବୟସରେ ମୃତ୍ୟୁବରଣ କରୁଥିବା ନଜରକୁ ଆସିଛି। ଯୋଡ଼ାରେ ଅବକାରୀ କାର୍ଯ୍ୟାଳୟର ଥାଇ ଅବକାରୀ ଅଧିକାରୀ ଏସବୁ ଜାଣି ନିରବଦ୍ରଷ୍ଟା ସାଜିଥିବା ବେଳେ କେବଳ ଛୋଟ ଛୋଟ ମଦବେପାରୀଙ୍କୁ ଧରି ବାହା ବାହା ସାଉଁଟୁଥିବା ବାହାସ୍ଫୋଟକୁ ନେଇ ଅଭିଯୋଗ ହେଉଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ଦୃଷ୍ଟିଦେଇ ମଦ ବିକ୍ରି ଉପରେ ରୋକ୍ ଲଗାଇବା ସହ ଚୋରା ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଆଜିର ରାଶିଫଳ

**ମେଷ:** କୌଣସି କାମରେ ମନ ଲାଗିବ ନାହିଁ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ।

**ବୃଷ:** ଦିନଟି ମିଶ୍ର ଫଳ ପ୍ରଦାନ କରିବ। କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ।

**ମିଥୁନ:** ଦିନଟି ଭଲରେ ଅତିବାହିତ ହେବ। ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ।

**କର୍କଟ:** ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ। କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ବାଧା ଉପୁଜିବ। କାଳୀ ମା'ଙ୍କ ପୂଜାର୍ଚ୍ଚନା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ବରିଷ୍ଠ କର୍ମଚାରୀଙ୍କ ସହଯୋଗ ମିଳିବ।

**କନ୍ୟା:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ।

**ତୁଳା:** ଦୂରସ୍ଥାନକୁ ଯାତ୍ରା କରିବେ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ଧନୁ:** ଦିନଟି ଭଲରେ କଟିବ। ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ବିବାହ ପ୍ରସ୍ତାବ ଆସିବ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପ୍ରେମ ଜୀବନରେ ତିକ୍ତତା ଦେଖା ଦେବ।

**ମୀନ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନିବେଶ ଲାଗି ଉତ୍ତମ ସମୟ। କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

## ଆଜିର ଇତିହାସ


- ୧୭୯୭- ଲୋକପ୍ରିୟ ସାୟର୍ ତଥା ଉର୍ଦ୍ଦୁ କବି ମିର୍ଜା ଗାଲିବଙ୍କ ଜନ୍ମ।
- ୧୮୨୨- ରସାୟନବିତ୍ ଲୁଇ ପାଶ୍ଚରଙ୍କ ଜନ୍ମ।
- ୧୯୩୯- ତୁର୍କୀରେ ଭୂମିକମ୍ପ ଯୋଗୁଁ ୪୦ ହଜାର ଲୋକଙ୍କ ମୃତ୍ୟୁ।
- ୧୯୪୫-ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ(ଆଇଏମ୍‌ଏଫ୍)ର ସ୍ଥାପନା।
- ୧୯୭୯- ସୋଭିଏତ୍ ସେନା ଆଫଗାନିସ୍ତାନ ଉପରେ ଆକ୍ରମଣ କଲା।

# ଲିଫ୍ଟ ଭିତରେ କାଚ ଥାଏ କାହିଁକି



ଅଫିସ୍, ମଲ୍, ହସ୍‌ପିଟାଲ, ହୋଟେଲମାନଙ୍କରେ ଆଜିକାଲି ଲିଫ୍ଟ ବ୍ୟବସ୍ଥା ରହୁଛି। ଏହି ଲିଫ୍ଟଗୁଡ଼ିକ ଭିତରେ କାଚ ବା ମିରର୍ ଲାଗିଥାଏ। ଲିଫ୍ଟକୁ ଅଧିକ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ଏଥିରେ ମିରର୍ ଲାଗିଥାଏ ବୋଲି ଅନେକ ଭାବନ୍ତି। ପ୍ରକୃତରେ ଏହାପଛରେ ଅନେକ କାରଣ ଅଛି। ହ୍ୱିଲଚେୟାର୍ ବ୍ୟବହାର କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଲିଫ୍ଟ ଭିତରେ ପଛ ଆଡ଼ୁ ବାହାରିବା ବେଶ୍ ଆହ୍ୱାନପୂର୍ଣ୍ଣ ହୋଇଥାଏ। ଏପରି ଏକ ଛୋଟ କ୍ୟାବିନ୍‌ରେ ଜାଗା ବି ଖୁବ୍ କମ୍ ଥାଏ। ଏଭଳି ସ୍ଥିତିରେ ମିରର୍ ଖୁବ୍ ଆବଶ୍ୟକ ମନେହୁଏ। କାରଣ ମିରର୍‌ରେ କେବିନ୍ ଭିତର ସହ ବାହାରର ଦୃଶ୍ୟ ସ୍ୱଷ୍ଟ ଭାବେ ପ୍ରତିଫଳିତ ହୋଇଥାଏ। ଏହାଦ୍ୱାରା ଲିଫ୍ଟରୁ ବାହାରିବା ସହଜ ହୋଇଥାଏ। ଏହିପ୍ରକାରେ କାଚ ସୁରକ୍ଷିତ ଭାବେ ଯିବା ଆସିବାରେ ସାହାଯ୍ୟ କରେ। ଲିଫ୍ଟ ଭିତର ବନ୍ଦ ରହିବା ଓ ଛୋଟ ଜାଗା ହେତୁ ଅନେକ ଲୋକ ଏହା ଭିତରେ ରହି ବିଚଳିତ ହୋଇଥାନ୍ତି। କିଛି ଲୋକଙ୍କୁ ଏଭଳି ନିବୁଜ ସ୍ଥାନ ଭୟଭୀତ କରିଥାଏ। ଏଭଳି ସ୍ଥିତିରେ ମିରର୍ ଲାଗିଥିଲେ ଲିଫ୍ଟ ବଡ଼ ଦେଖାଯାଏ। ଯେତେବେଳେ ସ୍ଥାନ ବଡ଼ ଦେଖାଯାଏ, ଭୟ ଓ ବିଚଳିତ ହ୍ରାସ ପାଏ। ଏହି କାରଣ ଯୋଗୁଁ ଅଧିକାଂଶ ଲୋକ ମିରର୍ ଲାଗିଥିବା ଲିଫ୍ଟରେ ଯିବାକୁ ପସନ୍ଦ କରନ୍ତି। ଏହାବାଦ୍ ଲିଫ୍ଟରେ ଥିବା ମିରର୍ ହେଉଛି ଏକ ସୁରକ୍ଷା ଉପାୟ। ମିରର୍‌ରେ ଲିଫ୍ଟ ଭିତରର ପ୍ରତ୍ୟେକ କୋଣ ଦେଖାଯାଏ। ଏହାବାଦ୍ ପଛରେ କିଏ ଛିଡ଼ା ହୋଇଛି ନ ହୋଇଛି ଜଣାପଡ଼େ। ଯେତେବେଳେ ଲୋକେ ପରସ୍ପରକୁ ଦେଖିପାରନ୍ତି, ପରିବେଶ ଅଧିକ ସୁରକ୍ଷିତ ଓ ଭରସାଯୋଗ୍ୟ ହୋଇଥାଏ। କେହି କାହା ସହିତ ଧକ୍କା ମଧ୍ୟ ହୋଇ ନ ଥାନ୍ତି। ଅନ୍ୟପଟେ ଲିଫ୍ଟ ଭିତରେ ଯାତ୍ରା କିଛି ସେକେଣ୍ଡର ହୋଇଥାଏ। ତେଣୁ ଖାଲି ଲିଫ୍ଟର କାନ୍ଥକୁ ଦେଖିଲେ ଏଥିରେ ସମୟ ରହିଲା ଭଳି ଲାଗେ। ଏଭଳି ସ୍ଥଳେ ଲିଫ୍ଟର ଦର୍ପଣ ଏହି ବିରକ୍ତିକର ପରିସ୍ଥିତିକୁ ଦୂର କରେ। ସେହିପରି ଅନେକେ ଲିଫ୍ଟରେ ମିର୍‌ର ଲାଗିଥିବାରୁ ନିଜ ପୋଷାକ ଓ କେଶ ଆଦିକୁ ଦେଖି ସଜାଡ଼ି ପାରନ୍ତି।

# 'ଡନ୍ ୩'ରୁ ଓହରିଲେ ରଣବୀର !



ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଅଭିନୀତ ଚଳଚ୍ଚିତ୍ର 'ଧୁରନ୍ଧର' ବକ୍ସ ଅଫିସ୍‌ରେ ଖୁବ୍ ଭଲ ପ୍ରଦର୍ଶନ କରିଛି। ଇତିମଧ୍ୟରେ ରଣବୀର, ଫରହାନ୍ ଅଖତର୍‌ଙ୍କ ଫିଲ୍ମ 'ଡନ୍ ୩'ର ଅଫର୍‌କୁ ପ୍ରତ୍ୟାଖ୍ୟାନ କରିଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ରଣବୀର ଏଥିରୁ ଓହରି ଯିବା ପରେ ଫରହାନ୍ ଏହି ଫିଲ୍ମକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେଇଥିବା କୁହାଯାଉଛି। ଅବଶ୍ୟ ଏନେଇ ରଣବୀର କି ଫରହାନ୍‌ଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ରଣବୀରଙ୍କ 'ଧୁରନ୍ଧର' ହିଟ୍ ହେବା ପରେ ସେ ଏବେ ସଞ୍ଜୟ ଲୀଳା ଭଁସାଲି, ଲୋକେଶ କନଗରାଜ ଓ ଏଟ୍‌ଲି ଭଳି ଆଗଧାଡ଼ିର ନିର୍ଦ୍ଦେଶକଙ୍କ ସହ କାମ କରିବାକୁ ଇଚ୍ଛା କରିଛନ୍ତି। ସେହିଭଳି ଲଗାତାର ସେ ଗ୍ୟାଙ୍ଗଷ୍ଟର୍ ଭୂମିକାରେ ଅଭିନୟ ନ କରି କିଛି ନୂଆ କରିବା ପାଇଁ ଇଚ୍ଛା କରିଛନ୍ତି। 'ଡନ୍ ୩'ରେ ରଣବୀରଙ୍କୁ ନୂଆ ଜେନେରେସନ୍ ଡନ୍ ଭାବେ ଦେଖାଯାଇଥାନ୍ତା। ଏଥିରେ ରଣବୀରଙ୍କ ବିପକ୍ଷରେ କିଆରା ଆଡଭାନୀଙ୍କୁ ସାଇନ୍ କରାଯାଇଥିଲା। କିଆରା ଗର୍ଭବତୀ ଥିବାରୁ ସେ ଏଥିରୁ ଓହରି ଯାଇଥିଲେ। ଏହାପରେ ଏଥିରେ କ୍ରିତି ସାନନ୍‌ଙ୍କୁ ସାଇନ୍ କରାଯାଇଥିଲା। ସେହିଭଳି ଖଳନାୟକ ପାଇଁ ଫରହାନ୍, ବିଜୟ ଦେବରକୋଣ୍ଡା ଓ ବିକ୍ରାନ୍ତ ମେସିଙ୍କୁ ଅଫର୍ ଦେଇଥିଲେ। ଉଭୟ ଅଭିନେତା ସେମାନଙ୍କ ଭୂମିକାରେ ଗୁରୁତ୍ୱ ନ ଥିବା ଅନୁଭବ କରି ଏଥିରୁ ଦୂରେଇ ଯାଇଥିଲେ। ଏବେ ରଣବୀର ଏଥିରୁ ଓହରି ଯିବା ପରେ ଏବେ ଏହି ଫିଲ୍ମକୁ ନେଇ ଅନିଶ୍ଚିତତା ଦେଖା ଦେଇଛି।

# ଝରଣାରେ ନିଆଁ

ସୂର୍ଯ୍ୟାସ୍ତ ସମୟରେ ପାଗ ନିର୍ମଳ ରହିବା ମଧ୍ୟ ଆବଶ୍ୟକ। ଏହାସହ ଝରଣାର ଜଳର ପ୍ରଭାବ ପ୍ରଖର ହେବା ଆବଶ୍ୟକ। ପ୍ରକୃତିର ଏଭଳି ଏକ ଆଶ୍ଚର୍ଯ୍ୟକୁ ଦେଖିବା ପାଇଁ ଏଠାରେ ସୂର୍ଯ୍ୟାସ୍ତ ସମୟରେ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଲାଗେ।

ସାଧାରଣତଃ ଝରଣାର ପାଣି ସ୍ୱଚ୍ଛ ଓ ନିର୍ମଳ ହୋଇଥାଏ। ହେଲେ ବିଶ୍ୱରେ ଏମିତି କିଛି ଝରଣା ରହିଛି ଯାହାର ରଙ୍ଗ ବଦଳିଥାଏ। କାଲିଫର୍ଣ୍ଣିଆର ହର୍ସଟେଲ୍ ଫଲ୍ ଏଭଳି ଏକ ଝରଣା। ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଏହି ଝରଣାର ପାଣିର ଧାର ଲାଲ୍ କମଳା ରଙ୍ଗ ହୋଇ ତଳକୁ ଖସିଥାଏ। ଆଗ୍ନେୟଗିରିର ଲାଭା ଯେଭଳି ତଳକୁ ଝରଣା ହୋଇ ଖସୁଛି ଏହା ସେଭଳି ଭ୍ରମ ସୃଷ୍ଟି କରିଥାଏ। ତେବେ ଏହି ଦୃଶ୍ୟ ଫେବୃଆରୀ ମାସର ଶେଷ ଦୁଇ ସପ୍ତାହରେ ଦେଖିବାକୁ ମିଳିଥାଏ। ଏହି ଦୃଶ୍ୟକୁ ଦେଖିବା ପାଇଁ ୟୋସେମାଇଟ୍ ଜାତୀୟ ଉଦ୍ୟାନରେ ଶହ ଶହ ପର୍ଯ୍ୟଟକ ଭିଡ଼ ଜମାଇଥାନ୍ତି। ଏହି ଝରଣା ୧୫୦୦ ଫୁଟ ଉଚ୍ଚରୁ ତଳକୁ ଖସିଥାଏ। ଏହାଏକ ଋତୁକାଳୀନ ଝରଣା। ୟୋସେମାଇଟ୍ ଘାଟିରେ ବରଫ ତରଳିବା ପରେ ଏହି ଝରଣାର ଜଳ ପ୍ରବାହିତ ହୋଇଥାଏ। ଫେବୃଆରୀ ମାସର ଶେଷ ଦୁଇ ସପ୍ତାହର ସଂଧ୍ୟା ସମୟରେ ଏହା ଆଗ୍ନେୟଗିରି ଭ୍ରମ ସୃଷ୍ଟି କରୁଥିବାରୁ ଏହାକୁ ଫାୟାରଫଲ୍ ମଧ୍ୟ କୁହାଯାଏ। ଏହି ପ୍ରାକୃତିକ ଦୃଶ୍ୟ ପ୍ରଥମେ ୧୯୭୩ ମସିହାରେ ଦେଖିବାକୁ ମିଳିଥିଲା। ତେବେ ଏଭଳି ଏକ ଦୃଶ୍ୟ ପାଇଁ ଠିକ୍ ସମୟରେ କିଛିଟା ଜିନିଷର ସଂଯୋଗ ହେବା ଜରୁରି। ଫେବୃଆରୀ ମାସ ମଧ୍ୟଭାଗରେ ଏଠାରେ ଠିକ୍ ସନ୍ଧ୍ୟା ସମୟରେ ଆଲୋକିତ ହୁଏ ଝରଣା। ସୂର୍ଯ୍ୟାସ୍ତ ସମୟରେ ଘୋଡା ଲାଞ୍ଜ ବା ହର୍ସଟେଲ ବୋଲାଉଥିବା ଝରଣାଟି ଏକ ରଙ୍ଗୀନ ରିବନ ପରି ଦେଖାଯାଏ। ଲାଗେ ଯେମିତି ଏହାର ଲାଞ୍ଜରେ କେହି ନିଆଁ ଲଗାଇ ଦେଇଛି। ଏହି ସମୟରେ ଝରଣାର ପାଣି ଆଗ୍ନେୟଗିରିରୁ ବାହାରିଥିବା ଲାଭା ଭଳି ଦେଖାଯାଇଥାଏ। ଏହି ଦୃଶ୍ୟ ଦେଖିବାକୁ ହେଲେ



## ପ୍ରହେଳିକା

- ଗୋଟେ ମାଳରେ ବାରଟି ଫୁଲ
  ଥାଏ ସଜେଇ ହୋଇ
  ପ୍ରତିଟି ଫୁଲ ଅଟେ ଜରୁରି
  ଅଟେ ଆମରି ପାଇଁ
  ବର୍ଷରେ ଥରେ ସେହି ମାଳର
  ବଦଳିଯାଏ ରୂପ
  ପ୍ରତିଟି ଫୁଲ ପାଖୁଡ଼ା ତା'ର
  ଛାଡ଼ଇ ସ୍ମୃତି ଛାପ।

  ଉ-କ୍ୟାଲେଣ୍ଡର୍

- କି ସୁନ୍ଦର ଆହା ରଙ୍ଗ ବେରଙ୍ଗ
  କେଡ଼େ ଆଦରେ ଦିଅନ୍ତି ସାଙ୍ଗ
  କବିତା ହେଉ କି ହେଉ ସାଏରି
  ଲେଖି ଦେଉଥାନ୍ତି ସେଥିରେ ଭରି
  ବର୍ଷରେ ଥରୁଟେ ଚାହିଦା ତା'ର
  କେଉଁ ଦରବ ସେ ଏତେ ସୁନ୍ଦର।

  ଉ-ଅଭିବାଦନ ପତ୍ର (ଗ୍ରୀଟିଙ୍ଗସ୍ କାର୍ଡ)

- କେତେ ନୂଆ ରୂପ ରଙ୍ଗକୁ ନେଇ
  ବର୍ଷରେ ଥରୁଟେ ଆସୁଛି ସେହି
  ବଦଳି ଯାଉଛି ମସିହାଟିଏ
  ନାମଟି ତାହାର କହିବ କିଏ ?

  ଉ-ନୂଆବରଷ

- ବର୍ଷରେ ଥରେ ଏମିତି ଦିନ
  ଧରାକୁ ଆମ ଆସେ
  ଦିନ ଓ ମାସ ସାଥିରେ ବର୍ଷ
  ସବୁ ନୂତନ ଦିଶେ।
  ଡାଏରୀ ପୃଷ୍ଠା ବଦଳି ଯାଏ
  ବଦଳେ କ୍ୟାଲେଣ୍ଡର
  ଜାଣିଛ କିଏ ନାମଟି ତାର
  ଦିଅ ଥରେ ଉତ୍ତର।

  ଉ-ଜାନୁଆରୀ ପହିଲା

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର।
ମୋ-୮୩୧୦୩୨୮୩୪୫





## ବିଦାୟ ଘେନନ୍ତୁ ବିଦାୟୀ ବର୍ଷ



ନିରଞ୍ଜନ ସାହୁ

ପୁରୁଣା ବରଷ ସରୁଛି
ନୂଆ ଆଗମନ କରୁଛି
ପୁରୁଣା ବର୍ଷର ସ୍ମୃତି ଚିହ୍ନ ସବୁ
ମନ ମାନସରେ ଭରୁଛି ।
ଯିଏ ଏବେ ଚାଲି ଯାଉଛି
ବହୁତ କଷ୍ଟ ସେ ପାଉଛି
ଦିନ ଥିଲା ଦିନେ ଆସିଥିଲା ସିଏ
ଯାହା କଥା ବିଶ୍ୱ ଗାଉଛି ।
କେତେ ଆଶା ସ୍ୱପ୍ନ ଆଣିକି
ଆସିଥିଲା ସିଏ ଜାଣିକି
କଅଣ ଦେଇଛି କଅଣ ନେଇଛି
ଯାଉଛି ସେ ମୁହଁ ହାଣିକି ।
ଗୋଟିଏ ବରଷ ରହିଲା
କେତେ ନୂଆକଥା କହିଲା
କେତେ ସେ ସହିଲା କେତେ ସେ ଦହିଲା
କେତେ ନିନ୍ଦା ସିଏ ବହିଲା ।
ଇତିହାସ ସାକ୍ଷୀ ରହିବ
ଦିନେ ତାହା କଥା କହିବ
ଭଲ କରିଥିଲେ ସୁନାମ ମିଳିବ
ଖରାପେ ଦୁର୍ନାମ ବହିବ ।
ପୁରୁଣା ବିଦାୟ କରିବା
ତାହାରି ଦୋଷ ନ ଧରିବା
ଯା' ହେବାର ଥିଲା ତାହା ତ ହୋଇଲା
ମନରେ ଦୁଃଖ ନ ଭରିବା ।
ଆସିବ ନୂତନ ବରଷ
ମନରେ ଭରିବ ହରଷ
ମନର କାମନା ପୂରଣ କରିବ
ନୂଆ ବର୍ଷ ହେବ ସରସ ।
ହେ ବିଦାୟୀ ବର୍ଷ ! ଯାଆନ୍ତୁ
ସୁଖରେ ଶାନ୍ତିରେ ଥାଆନ୍ତୁ
ଯେଉଁଠାରେ ଯାଇ ରହିବେ ସେଠାରେ
ସଭିଙ୍କ ଶରଧା ପାଆନ୍ତୁ ।■

ନିହଲ ପ୍ରସାଦ, ଢେଙ୍କାନାଳ
ମୋ-୯୯୩୮୭୪୧୫୮୩

## ସ୍ୱାଗତଂ ନବବର୍ଷ



ଗୋପୀନାଥ ଦାଶ

ପରିବର୍ତ୍ତନ ଅଟେ ପ୍ରକୃତି ନିୟମ
ପୁରୁଣା ଯାଇ ଆସେ ନୂଆ
ଗଡ଼ି ଚାଲିଥାଏ ସମୟ ଚକ ସେ
ଦେଖାଇ ନୂତନ ରାହା।
ଚାଲିଯିବ ଦୁଇ ହଜାର ପଚିଶି
ହୋଇବ ସବୁ ଅତୀତ
ସ୍ୱାଗତମ୍ ଦୁଇହଜାର ଛବିଶି
ଆଣିବ ସୁନ୍ଦର ଭବିଷ୍ୟତ ।
ଧରାକୁ ଆସିବ ତାଜା ବରଷଟେ
ରହିବ ଆମ ସାଥିରେ
ତା ସାଙ୍ଗରେ ଆମେ ବଢ଼ିବା ଆଗକୁ
କର୍ମ କରି ଉଲ୍ଲାସରେ ।
ନୂଆ ବରଷର ନୂତନ ପଞ୍ଜିକାଟି
ସଜେଇ ହେବ ଘରେ
ନବବର୍ଷର ଶୁଭେଚ୍ଛା ବାର୍ତ୍ତା
ଦିଆନିଆ ଆନନ୍ଦରେ।
ସଭିଙ୍କ ମନରେ ଉତ୍କଣ୍ଠା ଭରିଛି
ଆସୁଛି ନବୀନ ବରଷ
ଗାଁଠୁ ସହର ଝଲସି ଉଠୁଛି
ସଭିଙ୍କ ମନରେ ହରଷ।
ଆସରେ ପିଲାଏ ମିଳିମିଶି ସର୍ବେ
ପାଳିବା ନୂଆ ବରଷ
ଏକତା ବନ୍ଧନେ ବାନ୍ଧି ହୋଇ ଆମେ
ଗଢ଼ିବା ବିକଶିତ ଦେଶ।■

ବରପାଲିପଡ଼ା, ବଲାଙ୍ଗିର
ମୋ-୬୩୭୧୮୦୫୦୭୦

# ସୁମନ



## ମନ ବଦଳିଲା





ସତ୍ୟନାରାୟଣ ପ୍ରଧାନ

ଆଗାମୀ ନୂଆବର୍ଷ ଉପଲକ୍ଷେ ସୋନୁ ତା' ସାଙ୍ଗମାନଙ୍କ ସହିତ ମିଶି ବଣଭୋଜିର ଆୟୋଜନ କରିଥିଲା। ପନିପରିବା ଆଉ ସଉଦା କିଣା ସରିଲା ଖାସି ମାଂସ ଲାଗି ଦୋକାନୀକୁ ଅଗ୍ରୀମ ଟଙ୍କା ମଧ୍ୟ ଦିଆ ସରିଥିଲା। ପର୍ଯ୍ୟାୟକ୍ରମେ ରୋଷେଇ ସରି ଯାଇଥିଲା ଦୋକାନୀର ଲୋକ ଜଣଙ୍କ ଦୀର୍ଘ ଘଣ୍ଟାଏ କାଳ ବିତି ଯାଇଥିଲେ ବି ମାଂସ ଦେବାରେ ବିଳମ୍ବ ହେବାରୁ ରାଗରେ ତା ପାଖକୁ ବିରକ୍ତ ହୋଇ ଧାଇଁ ଯାଇଥିଲେ। ସେ ଗାଁ ଲୋକ ହୋଇଥିବାରୁ ତା' ପାଖରେ ସେମାନେ ହାଜର ହୋଇଗଲେ । ଅନ୍ୟ ଦିନମାନଙ୍କ ଅପେକ୍ଷା ଗରାଖ ବେଶି ଥିବାରୁ ଶୀଘ୍ର ବିକ୍ରି ସରି ଯାଇଥିଲା । ଲୋକଟି ଦୋକାନ ବନ୍ଦ କରି ସିଧା ଘରକୁ ଯାଇ ମୁଣ୍ଡ ତଳକୁ କରି ବସିଥାଏ। ଆଖିରେ ତାର ଲୁହ ଟୋପାଗୁଡ଼ାକ ମାଟିରେ ଝରି ପଡୁଥିଲା । ସମସ୍ତେ ତାକୁ ଦେଖି ଆଶ୍ଚର୍ଯ୍ୟ, ଏପରି ବେପାର ନ କରି ଖାଲି ବସିବାର କାରଣ କିଛି ଜାଣିବାଟା ମୁସ୍କିଲ । ସେ ଘର ଭିତରକୁ ହାତ ହଲାଇ କିଛି ବୋଧେ ଦେଖିବାକୁ ସଙ୍କେତ କରୁଥିଲା । ଘର ଭିତର ଦୃଶ୍ୟ ଦେଖିଲା ପରେ ଆଖି ପିଛୁଳାକେ ସମସ୍ତେ ବାହାରକୁ ଚାଲି ଆସିଲେ । ଛୋଟ ପିଲା ଭଳି ଛେଳି ଛୁଆଟା ତା' ସ୍ତ୍ରୀ ହାତରୁ ପଖାଳ ଭାତ ମେଁ ମେଁ କରି ଖାଇ ଦେଉଥିଲେ । ଭଗବାନ ସେମାନଙ୍କୁ ଛୁଆଟିଏ ପାଇଁ ଲାଗି ଯେତେ ଡାକିଲେ ବି କୋଳ ଖାଲି ଥିଲା । ଦୋକାନୀ ପିଲାମାନଙ୍କୁ ଟିକେ ଅପେକ୍ଷା କର ବଇନା ନେଇଛି ମାନେ ନିଜର ପୋଷା ଛେଳି ହେଉ ନା କାହିଁକି ଦେବାକୁ ପଛାଇବି ନାହିଁ କହୁଥିଲା । ସେ ଛେଳି ଛୁଆଟିକୁ ବାହାରକୁ ଆଣି ପିଲାଙ୍କ ହାତରେ ଧରାଇ ଦେଲାବେଳେ ଦୁହେଁ ତାକୁ ଧରି ଭୋ ଭୋ କରି କାନ୍ଦୁଥିଲେ । ସୋନୁ ମନରେ କେଜାଣି କାହିଁକି ସେ ଦୁହିଁଙ୍କ ପ୍ରତି ଭାବନା ବଦଳି ଯାଇଥିଲା । ମଣିଷ ଆଉ ପଶୁ ଭିତରେ ଥିବା ସ୍ନେହ ବନ୍ଧନର ଡୋରକୁ ଛିଣ୍ଡାଇ ସାଙ୍ଗରେ ନେଇଯିବା ଭଲ ନୁହେଁ ଜାଣି ପାରିଲା । ଦୁନିଆରେ ମଣିଷଠାରୁ ପଶୁ ପକ୍ଷୀମାନେ ବେଶି ନିଜର ଆଉ ବଞ୍ଚିଥିବା ଯାଏ ସେମାନେ କେବେ ପାଖ ଛାଡ଼ି ଯାଆନ୍ତି ନାହିଁ ହୃଦୟଙ୍ଗମ କରୁଥିଲା । ସୋନୁ ଏଭଳି ପରିସ୍ଥିତିରେ ସାଙ୍ଗମାନଙ୍କୁ ସେଠାରୁ ଯିବା ପାଇଁ ଡାକି ଆଣିଲା। ଦୋକାନୀ ଜଣଙ୍କ ପାଖରେ ରଖିଥିବା ଅଗ୍ରୀମ ଟଙ୍କା ସୋନୁ ହାତକୁ ବଢ଼ାଇ ଖୁସି ମନରେ ଘର ଭିତରକୁ ଚାଲିଗଲେ। ■

ଜେନାପୁର, ଯାଜପୁର
ମୋ - ୯୧୭୮୩୧୩୬୪

## ଫୁଲ ଆଙ୍କେ ତୁଳୀ






ଦିବ୍ୟାଂଶ ମହାପାତ୍ର
ୟୁକେଜି
କିଡ୍‌ଜି ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର






ଲକ୍ଷ୍ମୀପ୍ରିୟା ଦାଶ
ତୃତୀୟ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ୬
ଭୁବନେଶ୍ୱର






ନବ୍ୟା
ନବମ ଶ୍ରେଣୀ
ଡିପିଏସ୍
କାଟ୍ରା, ଜମ୍ମୁ କାଶ୍ମୀର





ସ୍ୱାତିକା ମହାପାତ୍ର
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର

## ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ

# ସର୍ଭିସେସ୍‌କୁ ହରାଇ ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର,୨୬।୧୨(ସମିସ)

ବେଙ୍ଗାଲୁରୁର ଅଲୁରଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫିର ଓଡ଼ିଶା ଦଳ ଚଳିତବର୍ଷ ପ୍ରଥମ ବିଜୟ ହାସଲ କରିଛି। ଫାଷ୍ଟ ବୋଲର ରାଜେଶ ମହାନ୍ତି ରାଜ୍ୟର ପ୍ରଥମ ବୋଲର ଭାବେ ହ୍ୟାଟ୍ରିକ୍ ସହ ୪ଟି ଓ ସମ୍ବିତ ବରାଳ ମଧ୍ୟ ୪ଟି ୱିକେଟ ନେବା ଫଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ ଓଡ଼ିଶା ୪ ୱିକେଟରେ ସର୍ଭିସେସ୍‌କୁ ପରାସ୍ତ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ସର୍ଭିସେସ୍ ୨୧.୫ ଓଭରରେ ୮୩ ରନ୍ କରିଥିଲା। ଜବାବରେ

- ହ୍ୟାଟ୍ରିକ୍ ନେବାରେ ରାଜେଶ ପ୍ରଥମ ଓଡ଼ିଆ
- ସମାନ ସ୍କୋରରେ ସର୍ଭିସେସ୍ ହରାଇଲା ପ୍ରଥମ ୪ ୱିକେଟ

ଓଡ଼ିଶା ୨୪.୩ ଓଭରରେ ୬ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଓଡ଼ିଶାର ପ୍ରଥମ ହ୍ୟାଟ୍ରିକ୍ ବୋଲର ହୋଇ ୨୫ ରନ୍‌ରେ ୪ଟି ୱିକେଟ ନେବା ଓ ଗୋଟିଏ ଛକା ସହ ୧୨ ରନ୍ କରିଥିବା ରାଜେଶ ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସୌରାଷ୍ଟ୍ର ନିକଟରୁ ୫ ୱିକେଟରେ ହାରିଥିବା ଓଡ଼ିଶା ତାହାର ତୃତୀୟ ମ୍ୟାଚ୍ ଆନ୍ଧ୍ରପ୍ରଦେଶ ସହ ସୋମବାର ଖେଳିବ।

ଅଲୁରଠାରେ ଥିବା କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ ଗ୍ରାଉଣ୍ଡ-୩'ରେ ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ଦଳ ଟସ୍ ଜିତିବା ପରେ ଘାସ ଥିବା ପିଚ୍‌ରେ ସର୍ଭିସେସ୍‌କୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ସର୍ଭିସେସ୍ ପ୍ରଥମେ ବ୍ୟାଟିଂ କରି ୬ ଓଭର ଶେଷ ଯାଏ କୌଣସି ୱିକେଟ ନ ହରାଇ ୨୧ ରନ୍ କରିଥିଲା। କିନ୍ତୁ ବୋଲିଂ ଓପନ କରିଥିବା ରାଜସୁନାଖଳାର ୨୫ ବର୍ଷୀୟ ଡାହାଣହାତୀ ଫାଷ୍ଟ ବୋଲର ରାଜେଶ ମହାନ୍ତି ସପ୍ତମ ଓଭରରେ ଖେଳର ମୋଡ ବଦଳାଇ ଦେଇଥିଲେ। ସେ ଏହି ଓଭରର ପ୍ରଥମ ୩ଟି ବଲ୍‌ରେ ୩ଟି ୱିକେଟ ନେଇ ଓଡ଼ିଶାର ପ୍ରଥମ ହ୍ୟାଟ୍ରିକ୍ ବୋଲର ହୋଇଥିଲେ। ୨୧ ରନ୍‌ରେ ସର୍ଭିସେସ ପ୍ରଥମ ୩ଟି ୱିକେଟ ହରାଇଥିଲା। ସର୍ଭିସେସ୍ ଇନିଂସରେ ୭ମ ଓଭରର ପ୍ରଥମ ବଲ୍‌ରେ ସାଗର ଦହିଆ (୯)ଙ୍କୁ ବୋଲ୍ଡ, ଦ୍ୱିତୀୟ ବଲ୍‌ରେ ଅମିତ ଶୁକ୍ଳା (୦) ଓ ତୃତୀୟ ବଲ୍‌ରେ ରବି ଚୋହାନ(୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରିଥିଲେ। ଏତିକିରେ ଦଳର ବିପଦ ଟଳି ନ ଥିଲା। ୮ମ ଓଭରର ଦ୍ୱିତୀୟ ବଲ୍‌ରେ ସମ୍ବିତ ବରାଳ ପ୍ରତିପକ୍ଷ ଓପନର ନୀତୀନ ତନୱର (୧୧)ଙ୍କୁ ବୋଲ୍ଡଆଉଟ କରିଦେଇଥିଲେ। ଦଳ ଏକଦା ବିନା ୱିକେଟରେ ୨୧ ରନ୍ କରିଥିଲାବେଳେ ୪ ୱିକେଟରେ ୨୧ ରନ୍‌ରେ ପହଞ୍ଚିଥିଲା। ପରେ ସେ ମୋହିତ ଅହଲାୱତ (୭) ଓ ୱିକେଟ ରକ୍ଷକ ନକୁଳ ଶର୍ମା (୦)ଙ୍କୁ ପାଭିଲିଅନ ଫେରାଇଦେଇଥିଲେ। ଅଧିନାୟକ ରଜତ ପାଲିୱାଲ (୨) ସମ୍ବିତଙ୍କର ଚତୁର୍ଥ ଶିକାର ବନିଥିଲେ। ଫଳରେ ୧୨ ଓଭର ସୁଦ୍ଧା ସର୍ଭିସେସ୍ ୩୫ ରନ୍‌ରେ ୭ ୱିକେଟ ହରାଇ ଇନିଂସରେ ଅର୍ଦ୍ଧଶତକ ପୂରଣ କରିବା କଷ୍ଟକର ମନେହୋଇଥିଲା। ଏହି ସମୟରେ ଗୋଟିଏ ପଟେ ଅର୍ଜୁନ ଶର୍ମା ଖୁଣ୍ଟ ଭଳି ଛିଡ଼ା ହୋଇଥିଲାବେଳେ ଅନ୍ୟପଟେ ପୁନମ ପୁନିଆ ୧୮ ବଲ୍‌ରୁ ୨ ଚୌକା ଓ ୨ ଛକା ସହ ଦ୍ରୁତ ୨୫ ରନ୍ କରିଥିଲେ। ଫଳରେ ଦଳ ୮୩ ରନ୍ କରିବାକୁ ସମର୍ଥ ହୋଇଥିଲା। ସର୍ଭିସେସ୍ ପକ୍ଷରୁ ୩ଜଣ ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ଅର୍ଜୁନ ୧୩ ରନ କରି ଶେଷ ଯାଏ ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ଓ ସମ୍ବିତଙ୍କୁ ୪ଟି ଲେଖାଏଁ ୱିକେଟ ମିଳିଥିଲା। ବାଦଲ ବିଶ୍ୱାଳ ଗୋଟିଏ ୱିକେଟ ପାଇଥିଲାବେଳେ ନୀତୀନ ଯାଦବ ରନ୍‌ଆଉଟ ହୋଇଥିଲେ।

ଏଭଳି ପିଚ୍‌ରେ ୮୪ ରନ୍‌ର ଟାର୍ଗେଟ ହାସଲ କରିବା ଓଡ଼ିଶା ଲାଗି ଏତେ ସହଜ ନ ଥିଲା। ଏହି ଟାର୍ଗେଟକୁ ପିଛା କରି ବ୍ୟାଟିଂ କରିବା ପରେ ଦଳ ପ୍ରଥମ ଦୁଇ ଓଭରରେ ଦୁଇ ଓପନରଙ୍କୁ ହରାଇଥିଲା। ସୌରାଷ୍ଟ୍ର ବିପକ୍ଷରେ ଦ୍ୱିଶତକ ହାସଲ କରିଥିବା ସ୍ୱସ୍ତିକ ୦ ଓ ଓମ୍ ଟି ମୁଣ୍ଡେ ୧ ରନ୍ କରିଥିଲେ। ତୃତୀୟ ୱିକେଟରେ ସନ୍ଦୀପ ପଟ୍ଟନାୟକ ଦଳର ସିନିଅର ବ୍ୟାଟର ଗୋବିନ୍ଦ ପୋଦ୍ଦାରଙ୍କ ସହ ୩୭ ରନ୍ ଉଠାଇ ଦଳକୁ ବିଜୟମୁଖେ ନେଇଯାଇଥିଲେ। ୩୨ ବଲ୍‌ରେ ଧୈର୍ଯ୍ୟପୂର୍ଣ୍ଣ ୧୧ ରନ୍ କରି ଗୋବିନ୍ଦ ଆଉଟ ହେବା ସମୟରେ ଓଡ଼ିଶା ୧୫ ରନ୍‌ରେ ଆଉ ୩ଟି ୱିକେଟ ହରାଇଥିଲା। ୫୫ ରନ୍‌ରେ ୫ମ ୱିକେଟ ପଡ଼ିବା ପରେ ଗୋଟିଏ ପଟେ ଦୃଢ଼ତାର ସହ ଖେଳୁଥିବା ସନ୍ଦୀପ ପଟ୍ଟନାୟକ ଓ ରାଜେଶ ମହାନ୍ତି ୬ଷ୍ଠ ୱିକେଟର ଦ୍ରୁତ ୧୮ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ଅଲରାଉଣ୍ଡର ରାଜେଶ ୧୩ ବଲ୍‌ରୁ ଗୋଟିଏ ଛକା ସହ ୧୨ ରନ୍‌ରେ ଆଉଟ ହୋଇ ସର୍ଭିସେସ୍ ବାମହାତୀ ଫାଷ୍ଟ ବୋଲର ପୁନମ ପୁନିଆଙ୍କ ଚତୁର୍ଥ ଶିକାର ବନିଥିଲେ। ଏହା ପରେ ସନ୍ଦୀପ ଓ ପ୍ରୟାସ ସିଂ ଠାକୁର ଆଉ କୌଣସି କ୍ଷତି ହେବାକୁ ନ ଦେଇ ଓଡ଼ିଶାକୁ ବିଜୟୀ କରାଇଥିଲେ। ସନ୍ଦୀପ ମାରାଥନ ୬୯ ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ସହ ସର୍ବାଧିକ ୩୨ ଓ ପ୍ରୟାସ ୮ ବଲ୍‌ରେ ୯ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ସର୍ଭିସେସ ପକ୍ଷରୁ ପୁନମ ପୁନିଆ ୪ଟି ଓ ନୀତୀନ ଯାଦବ ୨ଟି ୱିକେଟ ପାଇଥିଲେ।


ରାଜେଶ ମହାନ୍ତି


ସମ୍ବିତ ବରାଳ

## ଶ୍ରୀଲଙ୍କା ବିପକ୍ଷ ମହିଳା ତୃତୀୟ ଟି-୨୦

# ରେଣୁକା, ଦୀପ୍ତିଙ୍କ ଚମତ୍କାର ବୋଲିଂ

ତିରୁଅନନ୍ତପୁରମ,୨୬।୧୨(ଏଜେନ୍ସି): ଭାରତର ଫାଷ୍ଟ ବୋଲର ରେଣୁକା ଠାକୁର (୪/୨୧) ଓ ସ୍ପିନର ଦୀପ୍ତି ଶର୍ମା (୩/୧୮)ଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ତୃତୀୟ ଟି-୨୦ରେ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଚଳିତ ସିରିଜ୍‌ରେ କ୍ରମାଗତ ତୃତୀୟଥର ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଘରୋଇ ବୋଲରଙ୍କ ଉଚିତ ମୁକାବିଲା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୧୨ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଚଳିତ ସିରିଜ୍‌ରେ ପ୍ରଥମ ମ୍ୟାଚ୍ ଖେଳିଥିବା ଇମେଶ ଦୁଲାନି ସର୍ବାଧିକ ୨୭, ଇନିଂସ ଓପନ କରିଥିବା ହାସିନୀ ପରେରା ୨୫, କାଭିଶା ଦିଲହରୀ ୨୦ ଓ ୱିକେଟରକ୍ଷକ କୌଶସି ନୁଥ୍ୟାଙ୍ଗନା ଅପରାଜିତ ୧୯ ରନ୍ କରିଥିଲେ। ଭାରତ ଦୁଇ ବରିଷ୍ଠ ବୋଲର ରେଣୁକା ଓ ଦୀପ୍ତି ସେମାନଙ୍କ ମଧ୍ୟରେ ସମସ୍ତ ୭ଟି ଯାକ ୱିକେଟ ବାଣ୍ଟି ନେଇଥିଲେ। ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଦୀପ୍ତି ୧୫୦ତମ ୱିକେଟ ଅକ୍ତିଆର କରିବାରେ ସଫଳ ହୋଇଛନ୍ତି। ଜବାବରେ ୧୧୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୫ ଓଭରରେ ୧ ୱିକେଟ ହରାଇ ୪୬ ରନ୍ ସଂଗ୍ରହ କରି ନେଇଛି। ଏହି ସମୟରେ ଶେଫାଳି ବର୍ମା ୪୪ ଓ ଜେମିମା ରୋଡ୍ରିଗ୍ସେଜ୍ ୦ ରନ୍‌ରେ ବ୍ୟାଟିଂ କରୁଥିଲେ। ସ୍ମୃତି ମନ୍ଧାନା ୧ ରନ୍‌ରେ ଆଉଟ ହୋଇଛନ୍ତି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ସେ ଯଥାକ୍ରମେ ୨୫ ଓ ୧୪ ରନ୍ କରିଥିଲେ।

୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ପ୍ରଥମ ଦୁଇଟି ମ୍ୟାଚ୍ ଜିତି ୨-୦ରେ ଆଗୁଆ ରହିଛି। ଏଠାରେ ଭାରତ ବିଜୟୀ ହେଲେ ୨ଟି ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ କବ୍‌ଜା କରିବ। ସିରିଜ୍‌ର ଶେଷ ୨ଟି ଟି-୨୦ ମ୍ୟାଚ୍ ଏଠାରେ ଡିସେମ୍ବର ୨୮ ଓ ୩୦ରେ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌର କ୍ରମାଗତ ତୃତୀୟଥର ଟସ୍ ଜିତିବା ପରେ ବ୍ୟାଟିଂ କରିବାକୁ ଶ୍ରୀଲଙ୍କାକୁ ଆମନ୍ତ୍ରଣ କରିଥିଲେ। ଶ୍ରୀଲଙ୍କା ମଧ୍ୟ କ୍ରମାଗତ ତୃତୀୟଥର ପ୍ରଥମେ ବ୍ୟାଟିଂ କରି ଲୋ ସ୍କୋର କରିଛି। ଦଳ ପକ୍ଷରୁ କେହି ଜଣେ ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରିବାରେ ସମର୍ଥ ହେଉନାହାନ୍ତି।



### ସଂକ୍ଷିପ୍ତ ସ୍କୋର

**ଶ୍ରୀଲଙ୍କା ଇନିଂସ :** ୧୧୨/୭, ୨୦ ଓଭର (ଇମେଶା ଦୁଲାନି-୨୭, ହାସିନି ପରେରା-୨୫, କାଭିସା ଦିଲହରୀ-୨୦, କୌଶନି-ଅପରାଜିତ ୨୦, ରେଣୁକା ସିଂ ଠାକୁର-୪/୨୧, ଦୀପ୍ତି ଶର୍ମା-୩/୧୮)।

## ଆସେସ୍ ସିରିଜ୍: ଗୋଟିଏ ଦିନରେ ୨୦ଟି ୱିକେଟ ପତନ

# ଅଷ୍ଟ୍ରେଲିଆ-୧୫୨, ଇଂଲଣ୍ଡ-୧୧୦

ମେଲବୋର୍ଣ୍ଣ,୨୬।୧୨(ଏଜେନ୍ସି): ଅଷ୍ଟ୍ରେଲିଆ-ଇଂଲଣ୍ଡ ଚତୁର୍ଥ ଆସେସ ଟେଷ୍ଟରେ ଫାଷ୍ଟ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୫୨ ଓ ଇଂଲଣ୍ଡ ୧୧୦ ରନ୍‌ରେ ଅଲଆଉଟ ହୋଇଛି। ଏହା ଫଳରେ ଗୋଟିଏ ଦିନରେ ମୋଟ ୭୫.୧ ଓଭରରେ ୨୦ଟି ୱିକେଟର ପତନ ଘଟିଛି। ଟେଷ୍ଟ କ୍ରିକେଟ ଇତିହାସରେ ଗୋଟିଏ ଦିନରେ ସର୍ବାଧିକ ୱିକେଟ ପତନରେ ଏହା ଯୁଗ୍ମ ତୃତୀୟ ସ୍ଥାନରେ ରହିଛି। ପୂର୍ବରୁ ୧୯୦୧-୦୨ ଆସେସ୍ ସିରିଜ୍‌ର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଗୋଟିଏ ଦିନରେ ସର୍ବାଧିକ ୨୫ଟି ୱିକେଟର ପତନ ହୋଇଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଉସ୍‌ମାନ ଖୱାଜା (୨୯) ଓ ଆଲେକ୍ସ କ୍ୟାରୀ (୨୦) ଦଳ ପକ୍ଷରୁ ସର୍ବାଧିକ ୩୮ ରନ୍‌ର ପାର୍ଟନରସିପ୍ ସଂଗ୍ରହ କରିଥିଲେ। ଫାଷ୍ଟ ବୋଲର ମାଇକେଲ ନେସେର ସର୍ବାଧିକ ୩୫ ରନ୍ କରିଥିଲେ। ଯାହା ଫଳରେ ଦଳ ୪୫.୨ ଓଭରରେ ୧୫୨ ରନ୍ କରିଥିଲା। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ୍ ସର୍ବାଧିକ ୫ଟି ୱିକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ମାତ୍ର ୨୯.୫ ଓଭରରେ ୧୧୦ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ହ୍ୟାରୀ ବ୍ରୁକ୍ ସର୍ବାଧିକ ୪୧, ଫାଷ୍ଟ ବୋଲର ଗସ ଆଟକିନସନ ୨୮ ଓ ଷ୍ଟୋକ୍ସ ୧୬ ରନ୍ କରିଥିଲେ। ରୁଟ ଖାତା ଖୋଲି ପାରି ନ ଥିଲେ। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ କୌଣସି ୱିକେଟ ନ ହରାଇ ୪ ରନ୍ କରିଛି।

# ମୁକ୍ତେଶ୍ୱର କପ୍ ସେମିରେ ରାମେଶ୍ୱର

ଭୁବନେଶ୍ୱର, ୨୬।୧୨ (ସମିସ): ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦଳ ଭାବେ ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ୯ ୱିକେଟ୍‌ରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍ (ଆଇଆଇସି)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଆଇଆଇସି ୩୦ ଓଭରରେ ୭ ୱିକେଟ୍ ହରି ୧୪୯ ରନ କରିଥିଲା। ଦଳ ପକ୍ଷରୁ ଫରହାନ ଅଖତର ୩୩, ସେକ୍ ରମଜାନ ୪୪ ଓ ସାଇ ସ୍ୱରୂପ ୩୫ ରନ କରିଥିଲେ। ରାମେଶ୍ୱରର ସ୍ୱସ୍ତିକ ଘୋଷାଲଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଲିଓନେଲ ମେହେରଙ୍କ ଅପରାଜିତ ୮୪ ରନ ବଳରେ ରାମେଶ୍ୱର ଦଳ ୨୨.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆର୍ଯ୍ୟନ ସ୍ୱାଇଁ ୩୩ ରନ କରିଥିଲେ। ପୂର୍ବତନ ରଣଜୀ କ୍ରିକେଟର୍ ଆଲୋକ ମଙ୍ଗରାଜ ଅତିଥିଭାବେ ଯୋଗଦେଇ ଲିଓନେଲଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ରାଇଜିଂ ଷ୍ଟୁଡେଣ୍ଟ (କଟକ) ଓ କ୍ଲବ ଦି ରେଡ୍ ଷ୍ଟାର୍ ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ଖେଳାଯିବ।



## ଲିଷ୍ଟ-ଏ'ରେ ସର୍ବୋଚ୍ଚ ଆଭରେଜ

# ବିରାଟଙ୍କ ବିଶ୍ୱରେକର୍ଡ

ବେଙ୍ଗାଲୁରୁ, ୨୬।୧୨ (ଏଜେନ୍ସି): ଫର୍ମରେ ଥିବା ତାରକା ବ୍ୟାଟର୍ ବିରାଟ କୋହଲି ଚଳିତ ବିଜୟ ହଜାରେ ଟ୍ରଫିରେ କ୍ରମାଗତ ଦ୍ୱିତୀୟ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି। ଶୁକ୍ରବାର ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ଦିଲ୍ଲୀ ୭ ରନରେ ଗୁଜରାଟକୁ ପରାସ୍ତ କରିଥିଲା। ୬୧ ବଲରେ ୭୭ ରନ କରିଥିବା କୋହଲି ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୧୦ ହଜାର ଟଙ୍କା ପୁରସ୍କାର ପାଇଥିଲେ। ଦୁଇଦିନ ତଳେ ଆନ୍ଧ୍ରପ୍ରଦେଶ ବିପକ୍ଷରେ କୋହଲି ୧୩୧ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଏଥିସହ କୋହଲି ଆଉ ଏକ ବିଶ୍ୱରେକର୍ଡ ତାଙ୍କ ଜାଜ୍ୱଲ୍ୟମାନ କ୍ୟାରିୟରରେ ଯୋଡ଼ିଛନ୍ତି। ଲିଷ୍ଟ-ଏ କ୍ରିକେଟ୍‌ରେ ବିଶ୍ୱରେ ସର୍ବୋଚ୍ଚ ଆଭରେଜ ଥିବା ବ୍ୟାଟର୍ ହୋଇଛନ୍ତି କୋହଲି। କୋହଲି ବର୍ତ୍ତମାନ ଲିଷ୍ଟ-ଏ'ରେ ୩୪୩ଟି ମ୍ୟାଚ୍ ଖେଳି ୧୬,୧୩୦ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୫୮ଟି ଶତକ ଓ ୮୪ଟି ଅର୍ଦ୍ଧଶତକ ସାମିଲ ରହିଛି। ମ୍ୟାଚ୍ ପିଛା ତାଙ୍କ ଆଭରେଜ ୫୭.୮୭ ରହିଛି। କୋହଲି ଏହିକ୍ରମରେ ଅଷ୍ଟ୍ରେଲିଆ କିମ୍ବଦନ୍ତୀ ମାଇକେଲ ବେଭାନଙ୍କୁ ପଛରେ ପକାଇଛନ୍ତି। ଲିଷ୍ଟ-ଏ'ରେ ବେଭାନଙ୍କ ଆଭରେଜ ୫୭.୮୬ ରହିଛି।

## ସନ୍ତୋଷ ଟ୍ରଫି

# ଓଡ଼ିଶାର ହ୍ୟାଟ୍ରିକ୍ ବିଜୟ



କଟକ,୨୬।୧୨(ସମିସ)

୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହି ଓଡ଼ିଶା ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଛି। ନାରାୟଣପୁରସ୍ଥିତ ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ଗ୍ରୁପ-ଏଫ'ର ଶେଷ ଲିଗ୍‌ରେ ଓଡ଼ିଶା ୩-୧ ଗୋଲରେ ଘରୋଇ ଛତିଶଗଡକୁ ହରାଇଥିଲା। ଖେଳର ପ୍ରଥମାର୍ଦ୍ଧରେ ୨ଟି ଗୋଲ ସ୍କୋର କରି ଓଡ଼ିଶା ଦବଦବା ଜାହିର କରିଥିଲା। ୩୨ତମ ମିନିଟରେ ଫରୱାର୍ଡ ଜିତୁ ମୁଦୁଲି ଏବଂ ୩୭ତମ ମିନିଟରେ ମିଡଫିଲ୍ଡର ଚନ୍ଦ୍ରମୋହନ ମୁର୍ମୁ ଗୋଟିଏ ଲେଖାଏ ଗୋଲ ସ୍କୋର କରି ଦଳକୁ ଏକପାଖିଆ ଆଗୁଆ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୫୧ତମ ମିନିଟରେ ଛତିଶଗଡ ଗୋଟିଏ ଗୋଲ ସୁଝାଇଥିଲା। ଅଭିଷେକ କୁଞ୍ଜମଙ୍କ ଗୋଲ ବଳରେ ମ୍ୟାଚ୍ ସ୍ଥିତି ୨-୧ରେ ପହଞ୍ଚିଥିଲା। ହେଲେ ୬୪ତମ ମିନିଟରେ ଓଡ଼ିଶା ଅଧିନାୟକ କାର୍ତ୍ତିକ ହାନ୍ତାଳ ଦଳ ପାଇଁ ୩ୟ ଗୋଲ ସ୍କୋର କରି ପୁର୍ନବାର ମ୍ୟାଚକୁ ନିଜ କବଜାରେ ରଖିଥିଲେ। ଖେଳର ଅବଶିଷ୍ଟ ସମୟରେ କୌଣସି ଗୋଲ ନହେବା ଯୋଗୁଁ ଓଡ଼ିଶା ୩-୧ ଗୋଲରେ ବିଜୟୀ ହୋଇଥିଲା। ଲିଗ୍ ପର୍ଯ୍ୟାୟର ପୂର୍ବ ଦୁଇ ମ୍ୟାଚ୍‌ରେ ଓଡ଼ିଶା ମଧ୍ୟପ୍ରଦେଶକୁ ୪-୦ ଗୋଲରେ ଏବଂ ତେଲେଙ୍ଗାନାକୁ ୧-୦ ଗୋଲରେ ହରାଇଥିଲା।

ନନ୍ଦିଘୋଷ

## 'ନନ୍ଦିଘୋଷ ଟିଭି'

### କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୂନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

**ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍**

ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

ଇମେଲ୍ - hr@nandighoshatv.com

ଯୋଗାଯୋଗ: ୯୪୩୭୦୧୭୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

# ତନ୍ୱୀଙ୍କୁ ପ୍ରଶଂସାରେ ପୋତିଲେ ସିନ୍ଧୁ

ଭୁବନେଶ୍ୱର, ୨୬।୧୨ (ସମିସ): ବିଜୟୱାଡାରେ ଚାଲିଥିବା ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାର ଯୁବ ତାରକା ତନ୍ୱୀ ପତ୍ରି ସେମିରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟରରେ ତନ୍ୱୀ ୨୧-୧୬, ୧୨-୨୧, ୨୨-୨୦ ଗେମରେ ଅଭିଜ୍ଞ ଖେଳାଳି ଆକର୍ଷୀ କାଶ୍ୟପଙ୍କୁ ପରାସ୍ତ କରିଥିଲେ। ୨୪ ବର୍ଷୀୟା ଆକର୍ଷୀ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ରହିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS